

କେନ୍ଦ୍ରୀୟ କର୍ମଚାରୀ
ଏସ୍‌ଆଇଆର୍ ପାଇଁ ଅଯୋଗ୍ୟ
ପୃଷ୍ଠା ୪



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 270 | ଭାଗ ୩୩ | ସଂଖ୍ୟା ୨୭୦ | Tuesday 23 December 2025 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୩ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପୁଞ୍ଜିନିବେଶରେ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ: ମୁଖ୍ୟମନ୍ତ୍ରୀ

# ରାଜ୍ୟର ଶିଳ୍ପ ଅଭିବୃଦ୍ଧିରେ ମୋଦିଙ୍କ ମିଡାସ ଟଚ୍

- ଇସ୍ପାତ ବଦଳରେ ୧୬ କ୍ଷେତ୍ରରେ ନିବେଶକୁ ଦିଆଯାଉଛି ଅଗ୍ରାଧିକାର
- ଜାନୁଆରୀ ୨୮, ୨୯ରେ ରାଉରକେଲାରେ ହେବ ଏଣ୍ଟରପ୍ରାଇଜ୍ ଓଡ଼ିଶା
- ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ରାଜ୍ୟର ପ୍ରାଥମିକତା
- ସହଜ ନିବେଶ ପାଇଁ ୨୩ ଆଇନରେ ୨୩ ସଂଶୋଧନ କରାଯାଉଛି
- ରାଜ୍ୟରେ ପ୍ରତିରକ୍ଷା ଉତ୍ପାଦନ ଇକୋ-ସିଷ୍ଟମର ବିକାଶ କରାଯିବ
- ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା କ୍ରମାଗତ ଭାବେ ବୃଦ୍ଧି ପାଉଛି



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାର ସଫଳତାର ମୂଳରେ ରହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମିଡାସ ଟଚ୍'। ରାଜ୍ୟର ସଫଳ ଶିଳ୍ପାୟନ ଯାତ୍ରାର ବାସ୍ତବ ରହସ୍ୟ ହେଉଛି ପ୍ରଧାନମନ୍ତ୍ରୀଙ୍କ ଯାଦୁକରୀ ସ୍ପର୍ଶ। ହାଇଦ୍ରାବାଦରେ ଆୟୋଜିତ ଦୁଇଦିନିଆ ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଓଡ଼ିଶା ଦେଶର ସର୍ବବୃହତ ନିବେଶ କେନ୍ଦ୍ର ଭାବେ ପ୍ରତିଷ୍ଠା ହାସଲ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ହାଇଦ୍ରାବଦ ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି ଯେ ନିବେଶକମାନଙ୍କ ଓଡ଼ିଶା ପ୍ରତି ଦୃଢ ବିଶ୍ୱାସ ରହିଛି। ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା କରିବା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁଇ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ଠାରୁ ଏହାର ବାସ୍ତବ ରୂପାୟନ ପର୍ଯ୍ୟନ୍ତ ଓଡ଼ିଶାର ଶିଳ୍ପ ଯାତ୍ରା ଆଜି ଖୁବ୍ ମଜବୁତ୍ ହୋଇଛି। ସେ କହିଥିଲେ ଯେ ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାର ସଫଳତାର ମୂଳରେ ରହିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କ ମିଡାସ ଟଚ।

ଦୁଇ ଦିନ ବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ଆଲୋଚନା ଫାର୍ମା ସେକ୍ଟର ଉପରେ ➪ପୃଷ୍ଠା-୬

## ସ୍ୱତନ୍ତ୍ର ଅଡିଟ୍ କରିବେ ଏଜି, ଚିଠି ଲେଖିଲା ବିଭାଗ

- 'ଥାର' କିଣାରେ ବଡ଼ ଦୁର୍ନୀତି ଗନ୍ଧ
- କିଣା ଦରଠୁ ବଳିଗଲା ମୋଡିଫିକେସନ ଖର୍ଚ୍ଚ




**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଜଙ୍ଗଲ ବିଭାଗରେ 'ଥାର୍' ଗାଡ଼ି କିଣା ଓ ମୋଡିଫିକେସନର ହେବ ଅଡିଟ୍। କାରଣ ଗାଡ଼ି କିଣା ଖର୍ଚ୍ଚଠୁ ବଳିଯାଇଛି ମୋଡିଫିକେସନ ଖର୍ଚ୍ଚ। ତେଣୁ ଦୁର୍ନୀତି ହୋଇଥିବା ଅନୁମାନ କରି ଏହି ଖର୍ଚ୍ଚର ସ୍ୱତନ୍ତ୍ର ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଜି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ କଲ୍ୟାଣୀ ମାଳୀ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି)ଙ୍କୁ ବନ୍ୟପ୍ରାଣୀ ପିସିସିଏଫଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଡିଟ କରିବା ସକାଶେ ଚିଠି ଲେଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୪ ଲକ୍ଷ ଟଙ୍କା ମୂଲ୍ୟର 'ଥାର' ଗାଡ଼ି କିଣି ମୋଡିଫିକେସନ୍ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ➪ପୃଷ୍ଠା-୬

## ବଢ଼ିଲା ଏନଏସି ଓ ମ୍ୟୁନିସିପାଲିଟି ସଂଖ୍ୟା

### ୨୪ ନୂଆ ଏନଏସି, ୫ ମ୍ୟୁନିସିପାଲିଟି ପାଇଁ ବିଜ୍ଞପ୍ତି

### ରାଜ୍ୟର ବ୍ୟାପକ ସହରୀକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ଆଉ ୨୪ଟି ନୂଆ ଏନଏସି ଓ ୫ଟି ମ୍ୟୁନିସିପାଲିଟି ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳତଃ ବିଜେପି ସରକାର କ୍ଷମତାକୁ ଆସିବା ପରେ ହୋଇଥିବା ଘୋଷଣା ଆଜି ଫଳବତୀ ହୋଇଛି। ୧୪ଟି ଜିଲ୍ଲାରେ ୨୪ଟି ନୂଆ ଏନଏସି ଗଠନ କରାଯାଇଥିବା ବେଳେ ୫ଟି ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ଆଜି ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱରର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକର ତିହିଡ଼ି ଓ ଧୁଷୁରୀ, କଟକର ସାଲେପୁର, ବଡ଼ମ୍ବା ଓ ନରସିଂହପୁର, ଢେଙ୍କାନାଳର ଗଁଦିଆ, ଗଞ୍ଜାମର ଜଗନ୍ନାଥପ୍ରସାଦ ଓ ପାତ୍ରପୁର, କଳାହାଣ୍ଡିର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବୋରୁଗୁମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା ଓ ➪ପୃଷ୍ଠା-୬

## ବ୍ରାହ୍ମଣୀରେ ଦୁଇ ଜଣଙ୍କ ସଲୀଳ ସମାଧି



### ପୁଲିସ୍‌ର ଖୋଳତାଡ଼ ଆରମ୍ଭ

**ବଣାଇଁ,୨୨।୧୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରତୋଳା ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀରେ ଏକ ଅଭାବନୀୟ ଘଟଣା ଘଟିଛି। ବ୍ରାହ୍ମଣୀ ନଦୀରେ ବୁଡ଼ି ଦୁଇ ଜଣ ଯୁବକଯୁବତୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ରାଉରକେଲା ଅଞ୍ଚଳରୁ ଆସିଥିବା ଜ୍ଞାନେନ୍ଦ୍ର ସ୍ୱାଇଁ ନାମକ ବ୍ୟକ୍ତିଙ୍କ ସାଥୀରେ ଜଣେ ଯୁବତୀ ଆସିଥିଲେ। ତେବେ ଆଜି ପୂର୍ବାହ୍ନ ୧୦ଟା ସମୟରେ ବ୍ରାହ୍ମଣୀ ନଦୀ କୂଳରେ ଏକ ବାଇକ ଓ କିଛି କପଡ଼ା ପଡ଼ିଥିବା ବେଳେ ଏହା ଦେଖି ନିକଟସ୍ଥ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ସେମାନେ ସ୍ଥାନୀୟ ଚାନ୍ଦିପୋଷ ପୁଲିସ ଓ ଲହୁଣିପଡ଼ା ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଉଭୟ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ପରେ ଅପରାହ୍ନ ପ୍ରାୟ ୩ଟା ସମୟରେ ନଦୀରୁ ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ଦ୍ୱୟ ବନ୍ତମୁଣ୍ଡାର ୩୨ ବର୍ଷୀୟ ଜ୍ଞାନ ରଞ୍ଜନ ସ୍ୱାଇଁ ଓ ଯୁବତୀ ଜଣଙ୍କ ଉଦିତନଗର ଏଲ୍ଆଇସି ➪ପୃଷ୍ଠା-୬

### ଟାଟା ପାୱାର୍ ପାଇଁ ବିଦ୍ୟୁତ୍ ବିତରଣ ଏବେ ଲେଉଟିଆ କିଆରି

## ଉପଭୋକ୍ତାଙ୍କ ମୁଣ୍ଡରେ ବାର୍ଷିକ ୭୫୦ କୋଟିର ବୋଝ




- ତାତିଲା ଯୁବ ଛାତ୍ର କ୍ରାନ୍ତି ସେନା
- ତୁରନ୍ତ ଏଏସ୍‌ଡି ନୋଟିସ୍ ପ୍ରତ୍ୟାହାର ଦାବି
- ସନ୍ଦେହରେ ଓଇଆର୍‌ସି ଓ ସରକାରଙ୍କ ନୀରବତା

**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ପାଖାପାଖି ୬ ବର୍ଷ ହେଲା ରାଜ୍ୟରେ ବିଦ୍ୟୁତ୍ ବିତରଣ କରିଆସୁଥିବା ଟାଟା ପାୱାର୍ ନିୟମିତ ଭାବେ ଗ୍ରାହକଙ୍କୁ ଶୋଷିଚାଲିଛି। ଓଡ଼ିଶା ଏକ ବଳକା ବିଦ୍ୟୁତ୍ ରାଜ୍ୟ ହୋଇଥିଲେ ମଧ ଏଠାରେ କେବଳ ଟାଟା ପାୱାର୍ ମନମୁଖୀ ଶାସନ ଯୋଗୁଁ ଆଜି ଗ୍ରାହକମାନେ ତ୍ରାହି ତ୍ରାହି ଡାକିଲେଣି। କେତେବେଳେ ୟୁନିଟ୍ ପିଛା ଅଧିକ ଦର ତ ଆଉ କେତେବେଳେ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଓ କେତେବେଳେ ସ୍ମାର୍ଟ ମିଟର୍ ନାମରେ ଏହି କମ୍ପାନୀ ଉପଭୋକ୍ତାଙ୍କ ରକ୍ତ ଶୋଷିଚାଲିଛି। ଆଇନର କାର୍ଯ୍ୟାନୁଷ୍ଠାନ ସହ ବିଜୁଳି ସଂଯୋଗ କାଟିବାର ଧମକ ଦେଇ ଏହା ଉପଭୋକ୍ତାମାନଙ୍କ ପୀଡ଼ା ବଢ଼ାଇଚାଲିଛି। ଆଉ କମ୍ପାନୀର ଏପରି ଅତ୍ୟାଚାରକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ନିୟାମକ ସଂସ୍ଥା ଓଇଆର୍‌ସି ଓ ରାଜ୍ୟ ସରକାରଙ୍କ ଅହେତୁକ ନୀରବତା। ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ପାଇଥିବା କମ୍ପାନୀ ଉପରେ ସମସ୍ତ ପ୍ରକାର କଟକଣା ଲଗାଇବାର ଅଧିକାର ଓଇଆର୍‌ସିଙ୍କର ଥିବା ସତ୍ତ୍ୱେ କିପରି ଭାବେ ଟାଟା ପାୱାର୍ ମନଇଚ୍ଛା କାରବାର କରୁଛି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସେହିପରି ପ୍ରଥମେ ବିଜେଡି ଓ ଏବେ ବିଜେପି ସରକାର ମଧ ଟାଟା ପାୱାର୍‌ର ଅତ୍ୟାଚାର ରୋକିବା ଦିଗରେ ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି। ଏପରିକି ବିଭାଗୀୟ ମନ୍ତ୍ରୀ ବି ପାଟି ଖୋଲୁନାହାନ୍ତି। ଏପରି ସ୍ଥିତିରେ ଏବେ ଟାଟା ପାୱାର୍ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏଏସ୍‌ଡି ଜମା କରିବା ସକାଶେ ନିୟମିତ ଭାବେ ଉପଭୋକ୍ତାମାନଙ୍କୁ ନୋଟିସ୍ ପଠାଇ ଚାଲିଛି। ଏହାର ବ୍ୟତିକ୍ରମରେ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ କାଟିଦେବାକୁ ➪ପୃଷ୍ଠା-୬

## ଭିଜିଲାନ୍ସ ପଞ୍ଝାରେ ଜୁନିଅର ଆକାଉଣ୍ଟାଣ୍ଟ

- ଏକକାଳୀନ ୫ ଠିକଣାରେ ଚଢ଼ାଉ
- ୩୦ ବର୍ଷରେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ



**ସୁନ୍ଦରଗଡ଼,୨୨।୧୨ (ସଂଚାର ବ୍ୟୁରୋ):** ପାଖାପାଖି ୩୦ ବର୍ଷ ତଳେ ମାତ୍ର ୫୪୦୦ ଟଙ୍କାରେ ଚାକିରିରେ ପ୍ରବେଶ କରିଥିବା ଜୁନିଅର୍ ଆକାଉଣ୍ଟାଣ୍ଟ ମାତ୍ର ୩୦ ବର୍ଷ ମଧ୍ୟରେ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିପାରିଛନ୍ତି। ଦୁର୍ନୀତି ମାଧ୍ୟମରେ ସେ ଏହି ଟଙ୍କା ଠୁଳ କରିଛନ୍ତି ବୋଲି ସନ୍ଦେହ କରି ଆଜି ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ଏକାଧିକ ଦାମୀ କୋଠା ଓ ପ୍ଲଟ୍ ସହ ଚାରିଚକିଆ ଯାନ ଓ ସୁନା ଆଦି ଠାବ କରାଯାଇଛି, ଯାହାର ମୂଲ୍ୟ ଅତି କମ୍‌ରେ ୪/୫ କୋଟି ଟଙ୍କା ହେବ। ଆମେ ଏଠାରେ ଯାହା ସମ୍ପର୍କରେ କହୁଛୁ ସେ ହେଉଛନ୍ତି ସୁନ୍ଦରଗଡ଼ ଓଏସିଏସ୍‌ସି ଲିମିଟେଡ୍‌ର ଡିଏମ୍‌ଙ୍କ କାର୍ଯ୍ୟାଳୟରେ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

## ପଛୁଆ ବର୍ଗ କମିଶନ ପୁନର୍ଗଠନ ଦାବି



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ନିବେଦନ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କେନ୍ଦ୍ର ମନ୍ତ୍ରୀ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

ଏଥିସହ ସେ ଉଲ୍ଲେଖ କରିଛନ୍ତି ଯେ ଆୟୋଗଙ୍କ କାର୍ଯ୍ୟକାଳ ଗତ ବର୍ଷ ଜାନୁଆରୀ ୩ ତାରିଖରେ ଶେଷ ହୋଇସାରିଛି ଓ ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶାର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ବସବାସ କରୁଛନ୍ତି। ତେବେ ଆୟୋଗ କାର୍ଯ୍ୟକ୍ଷମ ନଥିବାରୁ ଏହି ବର୍ଗର ଲୋକେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବି ବଞ୍ଚିତ ହେଉଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସେ ଆହୁରି ମଧ ଉଲ୍ଲେଖ କରିଛନ୍ତି ଯେ ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଅଭିଯୋଗର ସମାଧାନ କରିବା ଓ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କର ସବୁବେଳେ ଏକ ମୁଖ୍ୟ ଭୂମିକା ରହିଆସିଛି।

ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ପଛୁଆ ବର୍ଗଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନ୍‌ର ତୁରନ୍ତ ପୁନର୍ଗଠନ ଏବେ ଜରୁରୀ ହୋଇପଡ଼ିଛି। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗ ପୁନର୍ଗଠନ ସକାଶେ ପଦକ୍ଷେପ ନେବାକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

### ଲାଞ୍ଚୁଆ ଅଫିସରଙ୍କ ଫାଇଦା

## ଧଳାଜହର ଜାଗାରେ ମଇଦା !

- କିଏ ନେଇଗଲା କେଜି କେଜି ବ୍ରାଉନସୁଗର ?
- ସବୁ ଦେଖି ଜଳକା ଡ୍ରଗ୍ସ ଡିସ୍ପୋଜାଲ କମିଟି

ରାଜ୍ୟ ପୁଲିସ, ଏସ୍‌ଟିଏଫ, ଅବକାରୀ ବିଭାଗ ଚଢ଼ାଉ କରି ଶହ ଶହ କୋଟି ଟଙ୍କାର ବ୍ରାଉନସୁଗର ଜବତ କରୁଥିବା ବେଳେ ପରେ ଏସବୁ ହରଣଚାଲ ହେଉଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ଏପରିକି ଧଳାଜହର ଗାୟବ କରିବା ପରେ ମଇଦାକୁ କୋର୍ଟରେ ପ୍ରଦର୍ଶିତ କରାଯାଉଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିବା ପରେ ପ୍ରଶାସନର ଚେତା ପଶିଛି। ବ୍ରାଉନସୁଗର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ନଷ୍ଟ କରିବା ପାଇଁ ଅବକାରୀ ବିଭାଗର ଗାଇଡ୍‌ଲାଇନ ରହିଛି। ନିୟମାନୁସାରେ, ନୋଡାଲ ଅଫିସର ଭାବେ ଜଣେ ଡିଏସପି କିମ୍ବା ଏସିପି ନିଯୁକ୍ତ ହେବେ। ଡିସିପି କିମ୍ବା ଜିଲ୍ଲା ଏସପି ଏହି କମିଟିର ଚେୟାରମ୍ୟାନ ରହିବେ। ସମ୍ପୃକ୍ତ ଜିଲ୍ଲାର କୋର୍ଟରେ ନିଶା ସମ୍ପର୍କିତ କେଉଁ ମାମଲା ଚାଲିଛି, ତା'ର ତାଲିକା ପ୍ରସ୍ତୁତ କରିବେ। ଏହାପରେ ସ୍ଥାନୀୟ ଥାନାଧିକାରୀ ଜବତ ନିଶାଦ୍ରବ୍ୟକୁ ନଷ୍ଟ କରିବା ଲାଗି କୋର୍ଟରେ ଆବେଦନ କରିବେ। ବିଚାରପତିଙ୍କ ସମ୍ମୁଖରେ ନିଶାଦ୍ରବ୍ୟର ଫଟୋ ନିଆଯାଇ ସାର୍ଟିଫାଏ କପି ବାହାରିବ। ୧୦ ବର୍ଷ ➪ପୃଷ୍ଠା-୬






**କାନ ଡେରିଆ**

ବିଜେଡିରେ ଚାଲେ
ଭୋଜି ପଲିଟିକ୍ସ
ସାଥିହୋଇ ଖାଇଗଲେ
ଏପଟେ ଦଳଟା ତଳମୁଖା ହୁଏ
କେହି ଚିନ୍ତା ନକରିଲେ
ଭିତିରି ସମ୍ପର୍କ ଥିଲେ...
ଏହି ଦଳ ନେତା
ବିଜେପି ଦଳରେ
ସ୍ଥାନ ସୁରକ୍ଷିତ କଲେ ।

■ ଦେବାଶିଷ

# ଲିଙ୍ଗରାଜ ମନ୍ଦିରରେ ବିଜେଡି ମେଳି



- ଧଣ୍ଡା ଛୁଇଁଲେ ବରିଷ୍ଠ ନେତା
- ଯୁବ ନେତାଙ୍କ ଉପରେ ଭରସା ପାଉନି

**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଅସନ୍ତୁଷ୍ଟ ବିଜେଡି ନେତାମାନେ ଆଜି ଲିଙ୍ଗରାଜ ମନ୍ଦିରରେ ମେଳି ହୋଇଥିଲେ। ସୋମବାର ମନ୍ଦିରରେ ଅରୁଆ ମାଡ଼ ସହିତ ଏକାଠି ହୋଇ ରହିବାକୁ ବରିଷ୍ଠ ନେତାମାନେ ଧଣ୍ଡା ଛୁଇଁଥିବା ନେଇ ଚର୍ଚ୍ଚା ହେଉଛି। ଏହି ମେଳିର ଆୟୋଜକ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଏକାମ୍ର ବିଧାୟକ ଅଶୋକ ପଣ୍ଡା ରହିଥିବା ବେଳେ ଲିଙ୍ଗରାଜ ମନ୍ଦିରରେ ମେଳି ହୋଇ ବିଜେଡି ନେତାମାନେ ଅରୁଆ ଡାଲମା ଖାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ଏକ ହୋଇ କାମ କରିବାକୁ ଶପଥ ନେଇଥିବା କୁହାଯାଉଛି।

ନୂଆବର୍ଷ ଯେତିକି ପାଖେଇ ଆସୁଛି ବିଜେଡିରେ ଅସନ୍ତୁଷ୍ଟମାନଙ୍କ ମେଳି ସେତିକି ଅଧିକ ହେଉଛି। କିଏ ଫାର୍ମ ହାଉସରେ ମେଳି ହେଉଛନ୍ତି ତ ଆଉ କିଏ ଝୁମୁକା ଡ୍ୟାମ୍‌ରେ। ଆଜିର ମେଳି ଥିଲା ଲିଙ୍ଗରାଜ ମନ୍ଦିରରେ। ଯଦିଓ ନିଜ ନିଜର ସୁରକ୍ଷା ଦୃଷ୍ଟିରୁ ନେତାମାନେ ଏହାକୁ ବନ୍ଧୁମିଳନ ବୋଲି କହୁଛନ୍ତି, କିନ୍ତୁ ଏହା ଯେ ଅସନ୍ତୁଷ୍ଟଙ୍କ ମେଳି ତାହା ଆଉ କାହାରିକୁ ଅଛପା ନାହିଁ।

ବିଜୁ ଲିଗାସୀମାନେ ମେଳି ହେବା ପରେ ପରେ ଦଳର କିଛି ବରିଷ୍ଠ ନେତା ଲିଙ୍ଗରାଜ ମନ୍ଦିରରେ ଏକାଠି ହୋଇ ପ୍ରସାଦ ସେବନ କରିଛନ୍ତି। ସେମାନଙ୍କର ଯୁବ ନେତାଙ୍କ ଉପରେ ଭରସା ପାଉ ନ ଥିବାରୁ ଏଭଳି ପନ୍ଥା ଆପଣେଇଥିବା ଆଲୋଚନା ହେଉଛି। କାରଣ ପୂର୍ବରୁ ବିଜୁ ଲିଗାସୀର ଯୁବ ନେତାମାନେ ରାଜ୍ୟ ଭିତରେ ଓ ବାହାରେ ଏକାଧିକ ବୈଠକ ଆୟୋଜନ କରିଥିଲେ ମଧ ସେଥିରୁ କୌଣସି ସୁଫଳ ମିଳିନାହିଁ। ଓଲଟା ପରସ୍ପରକୁ ସନ୍ଦେହ ଚକ୍ଷୁରେ ଦେଖି ଅନେକେ ନିରବ ରହିବାକୁ ଉଚିତ ମଣିଛନ୍ତି।

ଆଜିର ମନ୍ଦିର ମେଳି ପରେ ବରିଷ୍ଠ ନେତା ପ୍ରଫୁଲ୍ଲ ଘଡାଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନରେ ପରାଜୟ ପରେ ଦଳରେ ଅସ୍ଥିରତା ସୃଷ୍ଟି ହୋଇଛି। ବିଜେଡି ବହୁ ଦିନ ଧରି କ୍ଷମତାରେ ରହିଲା। ତେଣୁ ଅଚାନକ ପରାଜୟ ପରେ ଦଳର ଏବେ ବି କ୍ଷମତା ନିଶା ଯାଇନି। ବିରୋଧୀ ଦଳର ଭୂମିକା ଗ୍ରହଣ କରିବା ପାଇଁ ଟିକେ ସମୟ ଲାଗୁଛି। କେବଳ ବିଜେଡି ନୁହେଁ, ସବୁ ଦଳରେ ଗୋଷ୍ଠୀ କନ୍ଦଳ ବେଶ୍ ସ୍ୱାଭାବିକ। ଦଳକୁ ସଜାଡ଼ିବା ପାଇଁ ସମୟ ଲାଗିବ। ବର୍ତ୍ତମାନ ରାଜନୀତିରେ ଯୁବପିଢ଼ି ଆଗକୁ ଆସିବାର ସମୟ ଆସିଛି ବୋଲି ଏହି ପୂର୍ବତନ ଅର୍ଥମନ୍ତ୍ରୀ କହିଛନ୍ତି।

ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ପାଣ୍ଡିଆନ୍ ନେତା ➪ପୃଷ୍ଠା-୬

## ସୁଜାତାଙ୍କୁ ଚେକ୍ ମୁଖ୍ୟ ଉଦ୍ଦେଶ୍ୟ

- ପରଦା ପଛରେ ବବି!



ଝୁମୁକାରେ ବିଜୁ ପରିବାରର ମେଳି ହେଉ କି ଲିଙ୍ଗରାଜ ମନ୍ଦିରରେ ଅଶୋକ ପଣ୍ଡାଙ୍କ ଶକ୍ତି ପ୍ରଦର୍ଶନ, ଏସବୁର ଗୋଟିଏ ମାତ୍ର ଲକ୍ଷ୍ୟ କେମିତି ନବୀନଙ୍କ ଉତ୍ତରାଧିକାରୀ ଭାବେ ଦେଖାଯାଉଥିବା ସୁଜାତା କାର୍ତ୍ତିକେୟ ରାଉତଙ୍କୁ ବିଜେଡିରେ ଏଣ୍ଟ୍ରି ମାରିବାରୁ ରୋକିବା। ଆଉ ମେଳି ବାନ୍ଧୁଥିବା ଉଭୟ ପକ୍ଷର ନେତାଙ୍କ କହିବାନୁଯାୟୀ, ଏସବୁ ବବି ଦାସଙ୍କ ଇଙ୍ଗିତରେ କରାଯାଉଛି। ପରୋକ୍ଷରେ ନବୀନ ପଟ୍ଟନାୟକଙ୍କୁ ନିଜର ଶକ୍ତି ଦେଖାଉଛନ୍ତି ବବି। ଆସନ୍ତା ୨୬ରେ ବିଜେଡି ପ୍ରତିଷ୍ଠା ଦିବସରେ ନବୀନ ନିଜର ଉତ୍ତରାଧିକାରୀ ଘୋଷଣା ଭୟରେ ଏଭଳି ଗୋଷ୍ଠୀଗତ ଶକ୍ତି ପ୍ରଦର୍ଶନ କରାଯାଉଛି।

ଭିକେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ନେଇସାରିଥିବା ସେ ନିଜେ ଘୋଷଣା କରିସାରିଛନ୍ତି। ଯଦିଓ କିଛି ବିଜେଡି ନେତା ତାଙ୍କୁ ଫେରି ଆସିବାକୁ ଚାପ ପକାଉଛନ୍ତି, ସେ କିନ୍ତୁ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରୁଛନ୍ତି। ଯେହେତୁ ସେ ରାଜନୀତିକୁ ଆସିବେ ନାହିଁ, ତେଣୁ ତାଙ୍କ ପତ୍ନୀ ସୁଜାତାଙ୍କୁ ଦଳର ଦାୟିତ୍ୱ ଦେବେ ବୋଲି ରାଜନୈତିକ ମହଲରେ ବି ଚର୍ଚ୍ଚା ହେଉଛି। ସେପଟେ ପାର୍ଟି ଫଣ୍ଡ ଉପରେ ଆଖି ରଖିଥିବା ➪ପୃଷ୍ଠା-୬

## ଦିଅର ଓ ଯାଆଙ୍କ କାଠ ଫାଳିଆ ମାଡ଼ରେ ଫାଟିଲା ଭାଉଜଙ୍କ ମୁଣ୍ଡ



**ମହାକାଳପଡ଼ା,୨୨।୧୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅନ୍ତର୍ଗତ ଡିଖିରି ଗ୍ରାମର ନନ୍ଦ ଦାସଙ୍କ ବଡ଼ପୁଅ ରଣଜିତ ଦାସ ନିଜର ନୂତନ କୋଠାଘର ପ୍ରତିଷ୍ଠା ଉଦ୍ଦେଶ୍ୟରେ ରଙ୍ଗକାମ କରୁଥିବା ବେଳେ ତାଙ୍କ ସାନଭାଇ ରମାକାନ୍ତ ଦାସ ଓରଫ କାଳିଆ ଓ ଭାଇବୋହୂ ମିତା ଦାସ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାମ ବନ୍ଦ କରିଥିଲେ। ଏନେଇ ରଣଜିତଙ୍କ ପତ୍ନୀ ନିରୂପମା ବିଶ୍ୱାଳ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ କାଳିଆ ଓ ମିତା ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପରିବାରକୁ ଶେଷ କରିଦେବ ବୋଲି ଧମକ ଦେଇଥିଲେ। ଗତ ୨୦ ତାରିଖ ଦିନ ସକାଳେ ଜାଗା ଚିହ୍ନଟ ପାଇଁ ଥିବା ସିମେଣ୍ଟ ଖୁଣ୍ଟକୁ କାଳିଆ ଏକ ଶାବଳ ଦ୍ୱାରା ଉପାଡୁଥିବା ସମୟରେ ପ୍ରତିବାଦ କରିବାରୁ ସେ ଓ ତାର ସ୍ତ୍ରୀ ମିତା ମିଶି ରଣଜିତ ଏବଂ ନିରୂପମାଙ୍କୁ ମାଡ଼ ମାରିଥିବା ନେଇ ରଣଜିତ ଅଭିଯୋଗ କରିଛନ୍ତି। ମିତାଙ୍କ କାଠ ଫାଳିଆ ମାଡ଼ରେ ନିରୂପମାଙ୍କ ମୁଣ୍ଡ ଫାଟିଯିବା ସହିତ ସେ ବେହୋସ୍ ହୋଇପଡ଼ିଥିଲେ। କାଳିଆ ତାଙ୍କ ପତ୍ନୀଙ୍କ ବେକରୁ ଏକ ମଙ୍ଗଳସୂତ୍ର ଓ ସୁନା କାନଫୁଲ ନେଇଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ମାର୍ଶାଘାଇ ଥାନାରେ ମାମଲା ପଞ୍ଜିକୃତ କରାଯାଇ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ



**କେନ୍ଦ୍ରାପଡ଼ା,୨୨।୧୨ (ସଂଚାର ବ୍ୟୁରୋ):** ମନ୍ଦିରରେ ପଶି କଳାକନା ବୁଲାଇ ଦେଲେ ଚୋର । ଗୋଟିଏ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଢୋଲ ଓ ନଳପାରି ଗାଁର ପ୍ରାୟ ୫ଟି ମନ୍ଦିରରୁ ଚୋରି ହୋଇଛି । ମନ୍ଦିରର ତାଲା ଭାଙ୍ଗି ଚୋରଦଳ ଠାକୁରଙ୍କ ସୁନା ରୂପା ଚିତା, ଚକ୍ଷୁ, ଗହଣା, ପିତ୍ତଳ ବାସନ ସମେତ ଦାନ ହୁଣ୍ଡି ମଧ୍ୟ ଲୁଟି ନେଇଛନ୍ତି । ଢୋଲ ଗାଁର ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର, ତାରିଣୀ ମନ୍ଦିର ସମେତ ଝରଣା ବାରିକ ନାମକ ଜଣେ ମହିଳାଙ୍କ ଘର ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇଯାଇଥିବା ଅଭିଯୋଗ ହୋଇଛି। ସେହିପରି ନଳପାରି ଗାଁର ହନୁମାନ ମନ୍ଦିର ଏବଂ ଗ୍ରାମଦେବତୀ କ୍ଷେତ୍ର ପାଳିନୀ ମନ୍ଦିରରୁ ମଧ୍ୟ ସର୍ବସ୍ୱ ଚୋରି ହୋଇଯାଇଛି । ସ୍ଥାନୀୟ ଅଞ୍ଚଳରେ ନିଶା କାରବାର ବୃଦ୍ଧି ଯୋଗୁଁ ଏଭଳି ଚୋରି ଘଟଣା ବୃଦ୍ଧି ପାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଧର୍ମାନୁଷ୍ଠାନ ରୁ ଏଭଳି ବାରମ୍ବାର ଚୋରି ହେବା ଦ୍ୱାରା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ପୁଲିସ ରାତ୍ରକାଳୀନ ପାଟ୍ରୋଲିଂ କରିବା ପାଇଁ ଲୋକେ ଦାବି କରିଛନ୍ତି ।

# ବ୍ରାହ୍ମଣୀ ନଦୀବନ୍ଧ ସୃଦୃଢ଼ିକରଣ କାର୍ଯ୍ୟରେ ଦୁର୍ନୀତି

**କେନ୍ଦ୍ରାପଡ଼ା,୨୨।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନରେ ଥିବା ଅଳପୁଆ ପଞ୍ଚାୟତ ବ୍ରାହ୍ମଣୀ ବାମ ପାର୍ଶ୍ୱ ନଦୀ ବନ୍ଧ ସୃଦୃଢ଼ିକରଣ ନାମରେ ଅର୍ଥ ବାଟମାରଣା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ପ୍ରତିବର୍ଷ

**ନିଦା ବିଷ୍ଣୁ ପାଲଟିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ**

ଧୋଇଆ ଅଞ୍ଚଳର ଅଳପୁଆ,ତରଡିପାଳ, ପେଣ୍ଠ ପାଳ, ଅଣ୍ଡରା ଆଦି ପଞ୍ଚାୟତ ଗୁଡ଼ିକ ରେ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇବା ଦ୍ୱାରା ଅନେକ ପଞ୍ଚାୟତ ଜଳ ମଗ୍ନ ହୁଏ ଓ ନଦୀବନ୍ଧ ଉପରେ ବିପଦ ସୃଷ୍ଟି କରିଥାଏ, ଯାହାକୁ ଦୃଷ୍ଟିରେ ରଖି ନଦୀ ତଟବନ୍ଧ ବିଭାଜନ ଦ୍ୱାରା ବ୍ରାହ୍ମଣୀ ବାମ ପାର୍ଶ୍ୱରେରେ ଥିବା ନଦୀ ବନ୍ଧ ସୁରକ୍ଷା ପାଇଁ ପଥର ପ୍ୟାକିଂର ବ୍ୟବସ୍ଥା କରାଯାଉଛି।



ଆଜି ନଦୀ ତଟବନ୍ଧ ବିଭାଜନ ଦ୍ୱାରା ୨ କୋଟି ୩୬ ଲକ୍ଷ୍ୟ ଟେଣ୍ଡର ହୋଇ ଜଣେ 'ବି' କ୍ଲାସ୍ ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଇଥିଲା। କାର୍ଯ୍ୟ ଆରମ୍ଭରୁ ଦେଖିବାକୁ ମିଳିଛି ଅନେକ ତ୍ରୁଟି ବିଚ୍ୟୁତି। ଛୋଟ ପଥର ଲଗାଇ କରାଯାଉଅଛି ନଦୀ ବନ୍ଧ ସୁଦୃଢ଼ି କରଣ କାର୍ଯ୍ୟ। କାର୍ଯ୍ୟ ଅଧା ବି ହୋଇନାହିଁ ବିନା ନିରୀକ୍ଷଣରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ପାଖାପାଖି ୫୦ ଲକ୍ଷ ଟଙ୍କା ବିଲ୍ କରିଦେଇଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗୋଟିଏ ଦୁଇଟି ବଡ଼ ବଡ଼ ପଥରକୁ ଆଣି ତାକୁ ଚୁନା କରି ନଦୀ ବନ୍ଧରେ ବିଛା ଯାଉଛି। ଏଠି ପ୍ରଶ୍ନ ଉଠୁଛି ସଠିକ ମାନ ନିରୀକ୍ଷଣ ନ କରି ବିଲ୍ କିପରି ହେଉଛି, ବିଭାଗୀୟ ଅଧିକାରୀ ଅଧିକ୍ଷଣ ଯନ୍ତ୍ରୀ କଣ ପାଇଁ କାର୍ଯ୍ୟାଳୟରେ ବସି ବିଲ କରାଉଛନ୍ତି ତାହାକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏସବୁ ଘଟିବାର ମୁଖ୍ୟ କାର୍ପୋଦାର ବିଭାଗୀୟ ଯନ୍ତ୍ରୀ ବୋଲି ଜଣା ପଡୁଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ ଏଠାରେ ନିଦା ବିଷ୍ଣୁ ପାଲଟିଛନ୍ତି।

ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ଆଳୀ ନଦୀ ତଟବନ୍ଧ ବିଭାଜନ କାର୍ଯ୍ୟାଳୟରେ ଅନେକ ଦିନରୁ ଚୌକି ମାଡ଼ି ବସିଥିବା ଅଧିକାରୀ ଯନ୍ତ୍ରୀଙ୍କ ପାଇଁ କୌଣସି କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ। ଯେଉଁଠି ଦେଖିବ ପୁଳା ପୁଳା ଦୁର୍ନୀତିର ଅଭିଯୋଗ। ନଦୀ ବନ୍ଧ ସୃଦୃଢ଼ି କରଣ ନାଁରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ବାଟମାରଣା ହେଉଛି କୋଟି କୋଟି ଟଙ୍କା। ଏ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କଲେ ଏହି ଦୁର୍ନୀତି ଅଭିଯୋଗର ସମସ୍ତ ସତ୍ୟାସତ ପଦାକୁ ଆସିପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବି କହୁଥିବା ବେଳେ ଏନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ନାମବ୍ରହ୍ମ




**ମହାକାଳପଡ଼ା,୨୨।୧୨(ସଂଚାର ବ୍ୟୁରୋ):** ସାମ୍ବାଦିକ ନାମବ୍ରହ୍ମ କର ତାଙ୍କର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖରିନାସି ଠାରେ ଥିବା ବରିଷ୍ଠ ନାଗରିକ ନିବାସ ଠାରେ ପହଞ୍ଚି ସେଠାରେ ଥିବା ବୃଦ୍ଧ ଏବଂ ବୃଦ୍ଧା ମାନଙ୍କୁ ଫଳ, ବିସ୍କୁଟ, ମିଷ୍ଟାନ ବଣ୍ଟନ କରି ସେମାନଙ୍କ ସହ କେକ୍ କାଟିବା ସହିତ ସେମାନଙ୍କ ଠାରୁ ଆଶୀର୍ବାଦ ନେଇଥିଲେ ନାମବ୍ରହ୍ମ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ତଥା ସାମ୍ବାଦିକ ନିରଞ୍ଜନ ପରିଡା, ସାମ୍ବାଦିକା ନମିତା ନାୟକ, ସାମ୍ବାଦିକ ସୂର୍ଯ୍ୟ ପ୍ରକାଶ ପାଣି, ଯୁବ ସଙ୍ଗଠକ ଉତ୍ତମ ଚରଣ ସ୍ୱାଇଁ ଏବଂ ଲିଟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା,୨୨।୧୨ (ସଂଚାର ବ୍ୟୁରୋ):** ମାହାଙ୍ଗାର ଉନ୍ନତିର ସାରଥୀ ତଥା ଜନପ୍ରିୟ ବିଧାୟକ ମୁଖ୍ୟଅତୁଥି ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନଙ୍କ କରକମଳରେ ଆଜି ମାହାଙ୍ଗା ବ୍ଲକର ତିନୋଟି ପଞ୍ଚାୟତର ବିଭିନ୍ନ ପ୍ରକାର ପ୍ରକଳ୍ପ ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଯାହାର ବ୍ୟୟ ଅଟକଳ ମୂଲ୍ୟ ପ୍ରାୟ ୩କୋଟି ଟଙ୍କା। ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ପ୍ରଥମେ ମିର୍ଜାପାଟଣା ଠାରୁ ବିଧାୟକଙ୍କ ସତାଧିକ କର୍ମକର୍ତ୍ତା ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ମିର୍ଜାପାଟଣା ପ୍ରଧାନମନ୍ତ୍ରୀ ସଡ଼କ, ହରିଭକ୍ତପୁର ଠାରେ ଜଳସମ୍ପଦ ବିଭାଗ ତରଫରୁ କେନାଲ



ୱାଲ ସମ୍ପ୍ରସାରଣ ଓ ପଣସପୁର ଠାରେ ୨କିମି କେନାଲ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହିସବୁ ପ୍ରକଳ୍ପ ଶେଷ ହେବାପରେ ଗମନାଗମନ ସହିତ ଜଳସେଚନରେ ଅନେକ ଚାଷୀ ଉପକୃତ ହେବେ ବୋଲି ବିଧାୟକ ଶ୍ରୀପ୍ରଧାନ ମତପ୍ରକାଶ କରିଥିଲେ।

ଏଥିରେ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ନିର୍ମଳ ରାଉତ, ଯନ୍ତ୍ରୀ ସାରଦା ସେଠିଙ୍କ ସମେତ ବହୁ ଜନ ପ୍ରତିନିଧି,ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

## ଜିଲ୍ଲାପାଳଙ୍କ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

**କେନ୍ଦ୍ରାପଡ଼ା,୨୨।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ସମୟରେ ରଘୁରାମ ଆର ଆୟାର ପଲ୍ଲିଶ୍ରୀ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ, କୋରୁଆ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅନ୍ତେବାସୀ ପିଲା ମାନଙ୍କୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପରିଚାଳନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପିଲା ମାନଙ୍କର ଉଚ୍ଚତର ଶିକ୍ଷାକୁ ଗୁରୁତ୍ୱ ଆରୋପ ସହିତ, ବୈଷୟିକ ଶିକ୍ଷା କୁ ଆପଣାଇ ନିଜର ପରିଚୟ ସହିତ ରୋଜଗାରକ୍ଷମ ହେବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ପିଲା ମାନଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ଗୁଣକୁ ଚିହ୍ନଟ କରି, ସେମାନଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



ଏହି ଅବସରରେ ପିଲା ମାନଙ୍କୁ ଖାତା, ପେନସିଲ ବକ୍ସ,କଲମ ଚକୋଲେଟ ସହିତ ଶୀତ ବସ୍ତ୍ର ଜ୍ୟାକେଟ ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଶିଶୁ କଲ୍ୟାଣ କମିଟି ସଦସ୍ୟ ଲଳିତ ମୋହନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସୁପେରିଟେଣ୍ଡେଣ୍ଟ ମଞ୍ଜୁଳା ନାୟକ, ପରାମର୍ଶଦାତା ଶ୍ରୀକାନ୍ତ ନାୟକ, ବାଦଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ନାଇଟ ୱାଚ୍, ୱାର୍ଡ ହାଉସ କିପିଂର ଧାରଣା




**କେନ୍ଦ୍ରାପଡା,୨୨।୧୨(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ନାଇଟ୍ ୱାଚ୍ ଆଣ୍ଡ ୱାର୍ଡ ଓ ହାଉସ କିପିଂ କର୍ମଚାରୀ ସଂଘର ଏକ ଗଣ ଧାରଣା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଜିଲ୍ଲା ସଭାପତି ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ଶୋଭାଯାତ୍ରା ତିନିମୁହାଣୀ ଠାରୁ ବାହାରି ସହର ପରିକ୍ରମା କରି ୬ଦଫା ଦାବି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଓ ସଭା କରିଥିଲେ । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବକେୟା ଦରମା ପ୍ରଦାନ କରାଯିବା, ସ୍ଥାୟୀ ନିଯୁକ୍ତି କରିବା, ଦରମା ୨୬ ହଜାରକୁ ବୃଦ୍ଧି କରିବା, ଦେହ ଖରାପ ହେଲେ ଛୁଟି ମଞ୍ଜୁର କରିବା ଆଦି ୬ଦଫା ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଝରଣା ବେହେରା, ସୁଶାନ୍ତ କୁମାର ନାୟକ, ଅଧାପକ ଅଜୟ ସାମଲ, ଉପଦେଷ୍ଟା କେଦାରନାଥ ସାମନ୍ତରାୟ, ରମଣୀ ରଂଜନ ରାଉତରାୟ, କଂଗ୍ରେସ ରାଜ୍ୟ ସଂପାଦିକା ପଣ୍ଡା, କୃଷକ ନେତା ଦାଶରଥୀ ସାହୁ, ବିକାଶ ଚନ୍ଦ୍ର ବେହୁରା ପ୍ରମୁଖଙ୍କ ସମେତ ଶତାଧିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଯୁବ ବ୍ୟବସାୟୀଙ୍କ ବିୟୋଗରେ ଶୋକ

**ପଟ୍ଟାମୁଣ୍ଡାଇ,୨୨।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଓ ଆଳି ଅଚଂଳର ଯୁବ ବ୍ୟବସାୟୀ ଅଜୟ ଶର୍ମା, ବୟସ- ୩୯ଙ୍କ ହଠାତ ହୃଦଘାତରେ ଗତକାଲି ରାତ୍ର ୨ ଘଟିକା ସମୟରେ ପରଲୋକ ହୋଇଯାଇଛି। ଆଳି ବ୍ଲକ ସହିରା ପଞ୍ଚାୟତର ସୋରିଷଦା ଗ୍ରାମର ଯୁବ ବ୍ୟବସାୟୀ ଅଜୟ ଶର୍ମା ଦୀର୍ଘଦିନ ଧରି ନିଜ ଗ୍ରାମରେ କୁକୁଡ଼ା ଫାର୍ମ ଓ ଛେଳି ଫାର୍ମ କରି ଜୀବିକା ଅର୍ଜନ କରୁଥିଲେ। କୋଭିଡ ସମୟରେ କୁକୁଡ଼ା ଫାର୍ମ ଓ ଛେଳି ଚାଷରୁ ବହୁ କ୍ଷତି ସହିବା ପରେ ପଟ୍ଟାମୁଣ୍ଡାଇ ବଜାରରେ ଦୀର୍ଘଦିନ ଧରି ବ୍ୟବସାୟ କରିଆସୁଥିଲେ। ଗତକାଲି ସନ୍ଧ୍ୟାରେ ହଠାତ୍ ତାଙ୍କର ହୃଦଘାତ ହେବାର ସୂଚନା ପାଇବା ମାତ୍ରେ ପଟ୍ଟାମୁଣ୍ଡାଇ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସ ଯୋଗେ କଟକ ଏସସିବି ମେଡିକାଲକୁ ଯିବା ବାଟରେ ଇହଲୀଳା ସମ୍ବରଣ କରିଥିଲେ। ଉକ୍ତ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ଓ ଆଳି ଅଚଂଳରେ ଶୋକରଛାୟା ଖେଳି ଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ମେଳାପି ଯୁବକ ଥିଲେ।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ



**ମାହାଙ୍ଗା,୨୨।୧୨(ସଂଚାର ବ୍ୟୁରୋ):** ଓଡ଼ିଆ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟ ସ୍ତରୀୟ ୧୫୦ତମ ଜୟନ୍ତୀ କବିଙ୍କ ଜନ୍ମମାଟି କୁସୁପୁର ଗ୍ରାମପଞ୍ଚାୟତ ନନ୍ଦ କିଶୋର ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଓଡିଶା ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦ ଆନୁକୁଲ୍ୟାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଓଡ଼ିଶା ଶ୍ରୀ ଅମର ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟକ ଡକ୍ଟର. ଭାଗବତ ଶୁକ୍ଳା, ସମ୍ମାନିୟ ବକ୍ତା ଡକ୍ଟର ବସନ୍ତ କିଶୋର ସାହୁ, ମାହାଙ୍ଗା ବିଡ଼ଓ ମୋନାଲିସା ସରକାର,ସଞ୍ଜୟ କୁମାର ଛୁଆଳସିଂ, ଓ ସଭାମୁଖ୍ୟ ରୂପେ ମାହାଙ୍ଗାର ଜନପ୍ରିୟ ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇ କବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ପଲ୍ଲୀ ପ୍ରକୃତିର ସେହି କାଳଜୟୀ ସ୍ରଷ୍ଟା ସ୍ୱର୍ଗତ ବଳଙ୍କ ଅନନ୍ୟ ସୃଷ୍ଟି ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ବୁଦ୍ଧିଯିବି, କବି, ଲେଖକଙ୍କ ସମେତ ସତାଧିକ ଅଞ୍ଚଳବାସୀ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିବା ବେଳେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ରଂଜନ କୁମାର କର ସଭା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା, ୨୨।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ଏହାକୁ କେରିୟାର କରିବାକୁ ବକ୍ତା ମନେ ମତ ଦେଇଥିଲେ । ଏହା ସହିତ ଖେଳୁଆଡ଼ ମନୋବୃତ୍ତି ଆପଣାଇ ସଫଳ ହାସଲ କରିବାକୁ ପରାମର୍ଶ ଦେଇଥିଲେ । କ୍ରୀଡାର ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ସହାୟତା କରୁଛନ୍ତି । ସେଥିପାଇଁ ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ନିଜକୁ ଶ୍ରେଷ୍ଠ କ୍ରୀଡ଼ାବିତ କରିବାରେ ବହୁତ ସୁଯୋଗ ରହିଛି । ଏଥିପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି ।

ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସେବା ଅଧୀନ ୭ଟି ନିର୍ବାଚନ ମଣ୍ଡଳୀର ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା, ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତକୋଇଲି ଏବଂ ଟାଙ୍ଗୀ ବ୍ଲକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୨ ହଜାର ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଆଜି ବ୍ୟକ୍ତିଗତ ଇଭେଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଛି । ଆସନ୍ତା କାଲି ଦଳୀୟ କ୍ରୀଡା ପ୍ରତିଯୋଗିତା ମାନ ଆୟୋଜିତ ହେବ। ପ୍ରତିଯୋଗିତାମାନ ଆୟୋଜନ ନିମନ୍ତେ ସମସ୍ତ କ୍ରୀଡା ଶିକ୍ଷକ ମାନେ ସହଯୋଗ କରିଥିଲେ ।ଏହା ଆସନ୍ତା ୨୫ ଡିସେମ୍ବରରେ ଉଦଯାପିତ ହେବ ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**୭୯ଟି ଅଭିଯୋଗ ମଧ୍ୟରୁ ୭୦ଟି ବ୍ୟକ୍ତିଗତ ୯ଟି ସାମୂହିକ**

**ଗରଦପୁର,୨୨।୧୨(ସଂଚାର ବ୍ୟୁରୋ):** ଗରଦପୁର ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୭୦ ଟି ବ୍ୟକ୍ତିଗତ ଏବଂ ୯ ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ବିଡ଼ିଓ ଆଲୋକ କୁମାର ସେଠୀ, ତହସିଲଦାର ତୃପ୍ତି ଦାସଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ଅଭିଯୋଗ ଗୁଡିକୁ କିପରି ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯେ ଆସନ୍ତା ସୋମବାର ଦିନ ରାଜନଗର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

## ଚଳଚ୍ଚିତ୍ର ପ୍ରଯୋଜକଙ୍କୁ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି




**କେନ୍ଦ୍ରାପଡ଼ା,୨୨।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଚଳଚିତ୍ର ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆଇନଜୀବୀ ଅକ୍ଷୟ କୁମାର ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚଳଚିତ୍ର ପ୍ରଯୋଜକ ତଥା ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ରବୀନ୍ଦ୍ର ମୋହନ ସାହୁଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂସଦ ସମ୍ପାଦକ ମୁକ୍ତାର ଖାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଣଧୀର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ




**ପଟ୍ଟାମୁଣ୍ଡାଇ,୨୨।୧୨ (ସଂଚାର ବ୍ୟୁରୋ):** ଭାରତର ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ପୁଣ୍ୟ ଜନ୍ମ ତିଥିରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ମହା ଆଡ଼ମ୍ବରରେ ପାଳନ ହୋଇ ଯାଇଛି। ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚୀ ନନ୍ଦନ ଦାସ ଯୋଗ ଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉଭୟ ଅତିଥି ରାମାନୁଜଙ୍କ ଜୀବନୀ ସହିତ ଗଣିତର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍ ବୋଧନ ଦେଇଥିଲେ। ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗଣିତ ପ୍ରମୁଖ କ୍ଷୀରୋଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଗଣିତ ଆଧାରିତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଗଣିତ ହାଟ ଓ ଦୋକାନ। ଉଦଯାପନ ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକଙ୍କ ପୌରହିତରେ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ପଟ୍ଟାମୁଣ୍ଡାଇର ବରିଷ୍ଠ ସାମ୍ବାଦିକ ଓ ବିଦ୍ୟାଳୟର ବିଦ୍ୱତ ପରିଷଦର ସଂପାଦକ ଡା ଅଲେଖ ଶର୍ମା ଏବଂ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ଶ୍ରୀଧର ରାଉତ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଗୋପୀନାଥପୁର ଠାରେ କିମ୍ସ ମେଡିକାଲ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର




**ସାଲେପୁର,୨୨।୧୨ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅରୋ ବିହାର ଠାରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷରେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ପ୍ରଫେସର ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ କିମ୍ସ ମେଡିକାଲ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଡିସେମ୍ବର ୨୧ତାରିଖ, ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି।

ଏହି ସ୍ୱାସ୍ଥ୍ୟ ଶିବିରକୁ କିଟ୍ ଓ କିମ୍ସ ମେଡିକାଲର ପ୍ରତିଷ୍ଠାତା ପ୍ରଫେସର ଡ଼ଃ ଅଚ୍ୟୁତ ସାମନ୍ତ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥଲେ। ମୁଖ୍ୟ ଅତିଥି ଭାବରେ କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ମୁଖ୍ୟବକ୍ତା ଭାବରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ପ୍ରଶାନ୍ତ କୁମାର ହୋତା, ସମ୍ମାନୀତ ଅତିଥି ଭାବରେ କିମ୍ସ ମେଡିକାଲ କଲେଜ ର ଉପ-କୁଳପତି ଡା ସି. ବି. କେ ମହାନ୍ତିଙ୍କ ସହିତ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ, ସାଲେପୁର ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ,ଗୋପୀନାଥପୁରର ସମ୍ପାଦକ ବୀରବର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ୭୯୧୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତ ପରୀକ୍ଷା, ଇ. ସି. ଜି ଓ ଏକ୍ସରେ କରାଯାଇ ମାଗଣା ମେଡ଼ିସିନ ପ୍ରଦାନ କରାଯାଇଥିଲା।

## ବଚନ୍ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ
## ଉଦୟ କ୍ଲବ୍‌ର ବାଜିମାତ୍



**ନିଶ୍ଚିନ୍ତକୋଇଲି,୨୨।୧୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ପି.ପି କଲେଜ ପରିସରରେ ଅନୁଷ୍ଠିତ ହେଉଥିବା ବଚନ ସ୍ମାରକୀ ଫୁଟବଲ ପ୍ରତିଯୋଗୀତାର ଆଜି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସଗା କିଶୋର ନଗର ଓ ଉଦୟ କ୍ଲବ, କଟକଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍ କେହି କାହାକୁ ଗୋଲ୍ ଦେଇପାରି ନଥିବାରୁ ଟ୍ରାଇ ବ୍ରେକରରେ ଉଦୟ କ୍ଲବ ୩-୧ରେ ବିଜୟୀ ହୋଇ ଥିଲା। ତେବେ ଉଦୟ କ୍ଲବ୍ ର ସେକ ଅର୍ବାନ ପୁରସ୍କୃତ ହୋଇଥିଲେ। ଫାଇନାଲ ଖେଳରେ ଉଦୟ କ୍ଲବ୍ ଓ ନିତା ଏକାଡେମୀ, ଖୁଣ୍ଟୁଣୀ ମଧ୍ୟରେ ଖେଳ ହେବା ନେଇ ସୂଚନା ମିଳିଛି।

## ଜାଭିୟର ଇଣ୍ଟରନେସନାଲ ସ୍କୁଲର ବାର୍ଷିକ ଉତ୍ସବ




**ଆଳି,୨୨।୧୨(ସଂଚାର ବ୍ୟୁରୋ):** ଆଳି ଜାଭିୟର ଇଣ୍ଟରନେସନାଲ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଡିସନାଲ ସୁପରିଟେଡେଣ୍ଟ ଅଫ ପୋଲିସ ସୁଧାକର ସାହୁ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟ ବକ୍ତା ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ଓ ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ । ବିଦ୍ୟାଳୟ ର ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ଶୈଳୀରେ ଦେବ ପୂଜନ ପରେ ଆରମ୍ଭ ହୋଇଥିଲା । ଦୀପ ପ୍ରଜ୍ୱଳନ ଓ ଅତିଥୀ ମାନଙ୍କ ଅଭ୍ୟର୍ଥନା ରେ ସ୍ୱପ୍ନା ଶୁଭଦର୍ଶନି ବନ୍ଦନା ଗାନ କରିଥିଲେ। ପରେ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ସେମାନେ ଅଭିଭାଷଣ ରଖିଥିଲେ। ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ବିଏମ୍‌ସିର ବର୍ଜ୍ୟ ଓ ମଳ ପରିଚାଳନା ଦେଖିଲେ ବିହାର ପ୍ରତିନିଧି ଦଳ



ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳ ବୁଲି ଦେଖିଛନ୍ତି ବିହାରର ଛପ୍ରା ଜିଲ୍ଲା ଅନ୍ତର୍ଗତ ଛପ୍ରା ମହାନଗର ନିଗମର ମେୟର ଓ ତାଙ୍କ ଟିମ୍। ବିଏମ୍‌ସି ଅଞ୍ଚଳରେ ବର୍ଜ୍ୟ ପରିଚାଳନା, ସ୍ୱଚ୍ଛତା ଓ ସବୁଜିମା ଦେଖି ଏହି ପ୍ରତିନିଧି ଦଳ ବେଶ୍ ପ୍ରଭାବିତ ହୋଇଛନ୍ତି। ଆଜି ସକାଳେ ଛପ୍ରା ମହାନଗର ନିଗମର ମେୟର ଲକ୍ଷ୍ମୀ ନାରାୟଣ ଗୁପ୍ତାଙ୍କ ନେତୃତ୍ୱାଧୀନ ଉକ୍ତ ଟିମ୍ ବିଏମ୍‌ସିର ବର୍ଜ୍ୟ ଓ ମଳ ପରିଚାଳନା, ସହରର ସ୍ୱଚ୍ଛତା ଓ ସବୁଜିମା ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଏମ୍‌ସି ମୁଖ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଉପସ୍ଥିତ ଥିଲେ। ଛପ୍ରା ମହାନଗର ନିଗମର ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ କିପରି ବର୍ଜ୍ୟ ଓ ମଳ ପରିଚାଳିତ ହେଉଛି, ସହରର ସବୁଜିମା ରକ୍ଷା ପାଇଁ କିପରି ଜଙ୍ଗଲ ସୃଷ୍ଟି କରାଯାଉଛି, ପ୍ରମୁଖ ରାସ୍ତାରେ ଧୂଳି ନ ରହିବା ପାଇଁ କିପରି ରାତିରେ ମେକାନିକାଲ ସଫେଇ କରାଯାଉଛି, ସେ ସମ୍ପର୍କରେ ଉକ୍ତ ପ୍ରତିନିଧି ଦଳ ଅବଗତ ହୋଇଥିଲେ। ଲୋକମାନଙ୍କୁ ସଚେତନ କରାଇବା ସହ ନିୟମିତ ବ୍ୟବଧାନରେ ଗଣସଫେଇ ବି କରାଯାଉଛି। ମେୟର ଓ କମିଶନରଙ୍କ ସହ କର୍ପୋରେଟରମାନେ ମଧ୍ୟ ନିଜ ନିଜ ୱାର୍ଡରେ ପରିମଳ ବ୍ୟବସ୍ଥାର ଯାଞ୍ଚ କରିବା ସହ ନେତୃତ୍ୱ ନେଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରୁଥିବା ନେଇ ଉକ୍ତ ଟିମ୍‌ର ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ଉକ୍ତ ପ୍ରତିନିଧି ଦଳ ଟିଟିଏସ, ବାସୁଆଘାଇସ୍ଥିତ ମଳ ପରିଚାଳନା କେନ୍ଦ୍ର ଓ ସୌନ୍ଦର୍ଯ୍ୟକରଣ କରାଯାଇଥିବା ବିଭିନ୍ନ ପୁଷ୍କରିଣୀ ଆଦି ବୁଲି ଦେଖିଥିଲେ।

## ପଲ୍ଲୀକବିଙ୍କ ୧୫୦ତମ ଜୟନ୍ତୀ ସମାରୋହ

# ନନ୍ଦକିଶୋରଙ୍କ ପୂର୍ବରୁ ରାବି ନଥିଲା ଡାମରା କାଉ




ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୫୦ତମ ଜୟନ୍ତୀ ସମାରୋହ ଆଜି ଆରମ୍ଭ ହୋଇଛି। 'ପଲ୍ଲୀକବି ନନ୍ଦକିଶୋର ୧୫୦ ଜୟନ୍ତୀ କମିଟି' ପକ୍ଷରୁ ବର୍ଷବ୍ୟାପୀ ଜନ୍ମସ୍ଥାନ କୁସୁପୁରରୁ ଶାନ୍ତିନିକେତନ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆଜି କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଏହି ଶୁଭାରମ୍ଭ ସମାରୋହ 'ପ୍ରଗତିବାଦୀ' କାର୍ଯ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାବ୍ୟ ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ଫନୀ ମହାନ୍ତି ଯୋଗ ଦେଇ କହିଛନ୍ତି ଯେ ଅନ୍ନ ବ୍ରହ୍ମଠାରୁ ଆନନ୍ଦ ବ୍ରହ୍ମ ପର୍ଯ୍ୟନ୍ତ ଆମ କବିତାର ମହାଯାତ୍ରା ରହିଛି। ଅନନ୍ତ କାଳ ପାଇଁ ଏ ଯାତ୍ରା ବିସ୍ତାରିତ ହୋଇଛି। ନନ୍ଦ କିଶୋର ସେହିଭଳି ଜଣେ କବି ଯାହାଙ୍କୁ ଆମେ ଏବକାର ଭାଷାରେ ମାଟିମନସ୍କ ବୋଲି କହିପାରିବା। ତାଙ୍କ କବିତାରେ ଯୌଥ ଭାଷାର ପରିଚୟ ମିଳିଛି। ଗୋଟିଏ ପଟରେ ଗାଉଁଲି ଭାଷା ଓ ଅନ୍ୟପଟରେ ଅତ୍ୟାଧୁନିକ ଭାଷାର ବ୍ୟବହାର ତାଙ୍କ କବିତାକୁ ସମୃଦ୍ଧ କରିଛି।

ସେହିପରି ମୁଖ୍ୟବକ୍ତା ପ୍ରଫେସର ମଣିନ୍ଦ୍ର କୁମାର ମେହେର କହିଛନ୍ତି ଯେ ଓଡ଼ିଆ ସାହିତ୍ୟରେ ପୂର୍ବରୁ କେବେ ଡାମରା କାଉ ନଥିଲା। ନନ୍ଦ କିଶୋରଙ୍କ କବିତାରେ ହିଁ ପ୍ରଥମେ ଡାମରା କାଉ ରାବିଲା। ପ୍ରଥମେ ଗ୍ରାମ୍ୟ ଖଳା, ପ୍ରଥମେ ଚାଷ ଜମି, ପ୍ରଥମେ ବଳଦ ଓ ଚାଷର ଚିତ୍ର ସବୁକିଛି ନନ୍ଦକିଶୋରଙ୍କ କବିତାରେ ହିଁ ସାହିତ୍ୟ ଜଗତକୁ ଆସିଲା। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଐତିହାସିକ ତଥା ଗବେଷକ ଡକ୍ଟର ଭାଗବତ ଶୁକ୍ଳ କହିଛନ୍ତି ଯେ ନନ୍ଦ କିଶୋର ଆମ ଜୀବନର ପ୍ରତ୍ୟେକ ସୂକ୍ଷ୍ମ ଅନୁଭବକୁ ସାହିତ୍ୟକୁ ଆଣିଥିଲେ। ଆମ ଜୀବନ ଓ ଆମ ସାହିତ୍ୟ ଭିତରେ ଏକ ସମତୁଲ ଚିତ୍ର ଆଙ୍କିଥିଲେ। ଅତିଥି ବକ୍ତା ଭାବେ ପ୍ରଫେସର ଧନେଶ୍ୱର ସାହୁ ଏବଂ ସ୍ତମ୍ଭକାର ବ୍ରଜ କିଶୋର ନନ୍ଦ ଉଦବୋଧନ ଦେଇଥିଲେ। ନନ୍ଦ କିଶୋରଙ୍କ ଉପନ୍ୟାସ 'କନକଲତା'କୁ ଚଳଚ୍ଚିତ୍ର ରୂପ ଦେଇଥିବା ପ୍ରଖ୍ୟାତ ପ୍ରଯୋଜକ ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ଅନ୍ୟତମ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। କମିଟିର ଆବାହକ ତଥା 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚିତ ହୋଇଥିଲା। ସାହିତ୍ୟିକା ପଦ୍ମାଳୟା ସାମଲଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଡକ୍ଟର ସିଂ ସୂଚନା ଦେଇଥିଲେ। ସେହିପରି ସମ୍ପାଦକ ସେକ ମସୁଦ ଅଲୀ ଧନ୍ୟବାଦ ଦେଇଥିଲେ। କମିଟିର ଅନ୍ୟତମ ସଂଯୋଜକ ମନୋରଞ୍ଜନ ଦାସ ସଭା ପରିଚାଳନା କରିଥିବା ବେଳେ ସଂଯୋଜକ ଶଶିଭୂଷଣ ସାହୁ, ଭିକାରୀ ଚରଣ ବୈଶାକ, ଜଗନ୍ନାଥ ପାଢ଼ୀ, ସନ୍ତୋଷ କୁମାର ଦାଶ ଓ କବି ଖଗେଶ୍ୱର ଖଣ୍ଡୁଆଳ ସହଯୋଗ କରିଥିଲେ। ଏହି ଅବସରରେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଏହି କମିଟିର ଅଧ୍ୟକ୍ଷ, ଡ. ସିଂଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ସାମ୍ବାଦିକ ଶ୍ରୀ ତ୍ରିପାଠୀଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି। 'ଆଗାମୀ ଶତାବ୍ଦୀ' ପତ୍ରିକାର ମୁଖ୍ୟ ସମ୍ପାଦକ ଶ୍ରୀ ଅଲୀ ସମ୍ପାଦକ ହୋଇଛନ୍ତି।

# ଓଡବ୍ଲ୍ୟୁଏସ୍ଏସ୍‌ବିର ୨୭ତମ ବୋର୍ଡ ବୈଠକ ଅନୁଷ୍ଠିତ

- ୯ ବର୍ଷ ପରେ ବସିଲା ପୁନଃଗଠିତ ବୋର୍ଡ ବୈଠକ
- ସୁଶାସନ ଓ କାର୍ଯ୍ୟକୁଶଳତା ସୁଦୃଢ଼ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ଓଡ଼ିଶା ଜଳ ଯୋଗାଣ ଓ ସ୍ୱରେଜ ପରିଷଦ (ଓଡବ୍ଲ୍ୟୁଏସ୍ଏସ୍‌ବି)ର ୨୭ତମ ବୋର୍ଡ ବୈଠକ ଦୀର୍ଘ ୯ ବର୍ଷ ପରେ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହା ପୂର୍ବରୁ ବୋର୍ଡର ଅନ୍ତିମ ବୈଠକ ଗତ ୨୦୧୬ରେ ବସିଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ବୋର୍ଡକୁ ପୁନରୁଜ୍ଜୀବିତ କରିବା, ସଂସ୍ଥାଗତ ଶକ୍ତିବୃଦ୍ଧି ଓ କାର୍ଯ୍ୟକୁଶଳତା ବୃଦ୍ଧି ଦିଗରେ ଗ୍ରହଣ କରାଯାଇଥିବା ସଂଗଠିତ ପଦକ୍ଷେପ ସ୍ୱରୂପ ଗତ ଅକ୍ଟୋବରରେ ବୋର୍ଡର ପୁନର୍ଗଠନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୋର୍ଡ ଉପାଧ୍ୟକ୍ଷ ଭାବେ ଉପସ୍ଥିତ ରହି ଆଲୋଚନାକୁ ନେତୃତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ସଚିବ, ଅର୍ଥ ତଥା ନିର୍ଦ୍ଦେଶକ ସଂସ୍ଥାଗତ ଅର୍ଥ ବ୍ୟବସ୍ଥା, କେନ୍ଦୁଝର ଓ ଢେଙ୍କାନାଳ ପୌରପାଳିକା ଓ କୋଦଳା ଏନ୍ଏସିର ଅଧ୍ୟକ୍ଷ, ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦ, ପୂର୍ବତନ ଇଆଇସି, ପିଏଚ୍ଇଓ ଇ. ରବିନ୍ଦ୍ର ନାରାୟଣ ମଲ୍ଲିକ ଯୋଗଦେଇଥିଲେ। ସେହିପରି ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକ ଶେକ୍ସିଲାଲ ସଦସ୍ୟ ଭାବେ ଯୋଗଦେଇଥିବା ବେଳେ ବୋର୍ଡର ମୁଖ୍ୟ ଯନ୍ତ୍ରୀ ସଦସ୍ୟ-ସଂଯୋଜକ ଭାବେ ଉପସ୍ଥିତ ଥିଲେ। ଏହି ବୈଠକରେ ୨୪ଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପରେ ପ୍ରଶାସନିକ, ଆର୍ଥିକ ଓ ପ୍ରାଯୁକ୍ତିକ ବିଷୟରେ ସୂକ୍ଷ୍ମ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ପୂର୍ବବର୍ତ୍ତୀ ବୋର୍ଡ ବୈଠକର କାର୍ଯ୍ୟବୃତ୍ତାନ୍ତକୁ ଅନୁମୋଦନ କରାଯିବା ସହ ୩ ଜଣ ଦୈନିକ ଶ୍ରମିକ ରୋଲ୍ (ଡିଏଲ୍‌ଆର୍) କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିସହ ବୋର୍ଡରେ କାର୍ଯ୍ୟରତ ଡିଏଲ୍‌ଆର୍‌ମାନଙ୍କ ପାଇଁ ବିଶେଷ ପ୍ରୋତ୍ସାହନ ରାଶି ୨୦୦ ଟଙ୍କା ବୃଦ୍ଧି କରାଯିବାକୁ ମଧ୍ୟ ଅନୁମୋଦନ ମିଳିଛି। ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଓ ପ୍ରାଯୁକ୍ତିକ ବିଷୟଗୁଡ଼ିକର ସମଗ୍ର ପରୀକ୍ଷା ପାଇଁ ବୋର୍ଡ, ପିଏଚ୍ଇଓ ଓ ୱାଟ୍‌କୋର ଅଧିକାରୀମାନଙ୍କ ସମ୍ମିଳନରେ ଏକ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। କମିଟି ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ ପରୀକ୍ଷା କରି ଆଗାମୀ କାର୍ଯ୍ୟପଥ ପାଇଁ ସୁପାରିସ୍ ଦାଖଲ କରିବ। ବୋର୍ଡର ସୁଶାସନ, ସମୟୋଚିତ ସିଦ୍ଧାନ୍ତ ଗ୍ରହଣ ଓ ସଂସ୍ଥାର ସମଗ୍ର କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ନିୟମିତ ବୋର୍ଡ ବୈଠକ ଆୟୋଜନର ଆବଶ୍ୟକତା ରହିଛି।

# 'ଡ. ଚନ୍ଦ୍ରଭାନୁ ଶତପଥୀ ଡିବେଟ୍ ଏଣ୍ଡ ନଲେଜ୍ ସେଣ୍ଟର' ଉଦ୍‌ଘାଟିତ



କଟକ,୨୨।୧୨(ସଂଚାର ବ୍ୟୁରୋ): ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ପୂର୍ବତନ ଛାତ୍ର ତଥା ପୂଜ୍ୟ ବହୁଭାଷୀ ବିଦ୍ୱାନ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ନାମରେ ନାମିତ 'ଡ. ଚନ୍ଦ୍ରଭାନୁ ଶତପଥୀ ଡିବେଟ୍ ଏଣ୍ଡ ନଲେଜ୍ ସେଣ୍ଟର' ଉନ୍ମୋଚିତ ହୋଇଛି। ଏହି ବୃହତ୍ କକ୍ଷ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ମଣିପୁର ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭାନ୍ୱେଶ ରଥ ପୂଜ୍ୟ ଗୁରୁଜୀ ଡ. ଶତପଥୀଙ୍କ ସମ୍ପର୍କରେ ସୂଚନା ଦେବା ସହ କକ୍ଷର ଆବଶ୍ୟକତା ବିଷୟରେ ବିବରଣୀ ପ୍ରଦାନ କରିଛନ୍ତି।

ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡା ତାଙ୍କ ଅଭିଭାଷଣରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଡ. ଶତପଥୀଙ୍କ ପ୍ରତିଭା ଦ୍ୱାରା ଅନୁପ୍ରାଣିତ ହୋଇ ଆଗାମୀ ଜୀବନରେ ସଫଳକାମୀ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେବା ସହ ଉନ୍ମୋଚିତ କକ୍ଷରେ ନିୟମିତ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ସମ୍ମାନ ପ୍ରତିଯୋଗିତା ଆଦି ଆୟୋଜିତ ହେଲେ ହିଁ ଏହାର ନାମ ସାର୍ଥକ ହେବ ବୋଲି କହିଛନ୍ତି। ସେହିପରି ଜଷ୍ଟିସ୍ ମହାପାତ୍ର ସାମ୍ପ୍ରତିକ ସମୟରେ ବହୁଭାଷୀ ଜ୍ଞାନୀ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଡ. ଶତପଥୀଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶ୍ରୀ ସାହୁ ଆଜି ଉନ୍ମୋଚିତ ହୋଇଥିବା ଭବ୍ୟ କକ୍ଷର ପ୍ରଶଂସା କରିବା ସହ ଏହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ଆଶା କରିଛନ୍ତି। ଏହି ଅବସରରେ ଶୁଭାନ୍ୱେଶ ରଥ, ଶେଖ୍ ଗୁଲାମ ଅହମ୍ମଦ, ସରୋଜ ମହାନ୍ତି ଓ ବିଶ୍ୱରଞ୍ଜନ ନାୟକଙ୍କୁ ଗୁରୁଜୀ ସମ୍ମାନିତ କରିଥିଲେ। ସେହିପରି କାର୍ଯ୍ୟକ୍ରମକୁ ବିଶ୍ୱନାଥ ମିଶ୍ର, ଶୁଭାନ୍ୱେଶ ରଥ, ସରୋଜ ମହାନ୍ତି, ବିଶ୍ୱରଞ୍ଜନ ନାୟକ, ଶେଖ୍ ଗୁଲାମ ଅହମ୍ମଦ ଓ ତୁଷାରକାନ୍ତି ସ୍ୱାଇଁ ପରିଚାଳନା କରିଥିଲେ।

# ଆଠ ରେଳ କର୍ମଚାରୀ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ



ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ଉତ୍ସର୍ଗୀକୃତ ଓ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଓ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୮ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଏହି କର୍ମଚାରୀମାନେ ହେଲେ ଜଗୟାପାଲେମ ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ବୋନି କିରଣ କୁମାର, ବିଶାଖାପାଟଣା ସିଆଣ୍ଡଡବ୍ଲ୍ୟୁ ଟେକ୍‌ନିସିଆନ୍-୧ ଓ ଯୋଗୀ ରମେଶ, କଲ୍ଲେପାଲି ସୁନୀଲ, ଜରାତି ଟ୍ରାକ୍ ମେଣ୍ଟେନର୍-୪ ପିଲ୍ଲାଲା ରାମୁ, କୋରାପୁଟ ଗୁଡ୍ସ ଟ୍ରେନ ମ୍ୟାନେଜେର ଭେଙ୍କଟେଶ୍ୱରରାଓ କାୟା, ଟିଟଲାଗଡ଼ ଲୋକୋ ପାଇଲଟ୍ (ମେଲ୍/ଏକ୍ସପ୍ରେସ୍) ଭି. ସୋମେଶ୍ୱର ରାଓ, ବଡ଼ବନ୍ଧ ପଏଣ୍ଟସମ୍ୟାନ୍ 'ଏ' ଶୁଭେନ୍ଦୁ କୁମାର ସାହୁ ଓ ଚାରବାଟିଆ ପଏଣ୍ଟସମ୍ୟାନ୍-'ଏ' ସତୀଶ କୁମାର। ସେମାନଙ୍କର ସମୟୋଚିତ ପ୍ରତିକ୍ରିୟା ଏବଂ ସକ୍ରିୟ କାର୍ଯ୍ୟ ପରିଚାଳନା ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସମ୍ଭାବ୍ୟ ବାଧାବିଘ୍ନକୁ ପ୍ରତିରୋଧ କରିଥିଲା ଏବଂ ଭାରତୀୟ ରେଳବାଇର ଉଚ୍ଚ ସୁରକ୍ଷା ମାନକକୁ ବଜାୟ ରଖିଥିଲା। ଏହି ଅବସରରେ ଶ୍ରୀ ଫୁଙ୍କୱାଲ କର୍ମଚାରୀମାନଙ୍କର ପ୍ରତିବଦ୍ଧତା ଓ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ କର୍ମଚାରୀମାନେ ଅଧିକାଂଶ ସମୟରେ କଷ୍ଟକର ପରିସ୍ଥିତିରେ କାମ କରୁଥିଲେ ହେଁ ରେଳ ସେବାର ନିରାପତ୍ତା ଓ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍, ସିଗନାଲ ଏବଂ ଓଏଚ୍ଇ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଓ ଷ୍ଟେସନ ମାଷ୍ଟରମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।

## ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ପାଳିତ

# ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଗତ ୨୦ ତାରିଖରେ ସ୍ଥାନୀୟ ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଜୟଦେବ ଭବନଠାରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ତଥା ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସଚିବ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ, ବିଶିଷ୍ଟ ସାହିତ୍ୟିକା ଡ. ପ୍ରବୀଣା ମହାନ୍ତି, ବିଶିଷ୍ଟ ସମାଜସେବୀ ସଂଗ୍ରାମ କେଶରୀ ପଟ୍ଟନାୟକ, ପୂର୍ବ ରାଜ୍ୟ ମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସର ଯୋଗଦେଇଥିଲେ। ସେହିପରି ଆୟୋଜକ ଅନୁଷ୍ଠାନର ସମ୍ପାଦିକା ତଥା ବିଶିଷ୍ଟ କଣ୍ଠଶିଳ୍ପୀ କୃଷ୍ଣା ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ୧୧ ଜଣ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁଙ୍କୁ ଶ୍ରେଷ୍ଠ ସଙ୍ଗୀତ ସାଧକ ସମ୍ମାନ ଓ ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ୫ ଜଣ ଉଦୀୟମାନ ଯୁବ ସଙ୍ଗୀତ ଶିଳ୍ପୀଙ୍କୁ ରାଷ୍ଟ୍ରୀୟ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ଯାଜପୁରର ନିମାଇଁ ଚରଣ ରାୟ ଓ ଭୁବନେଶ୍ୱର ପୋଖରୀପୁଟର ବାଞ୍ଛାନିଧି ମଲ୍ଲିକଙ୍କୁ ବିଶିଷ୍ଟ ସମାଜସେବୀ ପଣ୍ଡିତ ଦୁର୍ଯ୍ୟୋଧନ ଶତପଥୀ ସମାଜସେବା ସମ୍ମାନ ଓ ବିଶିଷ୍ଟ ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ଦମ୍ପତି ପ୍ରଭାତୀ ପଟ୍ଟନାୟକ ଓ ପ୍ରାଣନାଥ ପଟ୍ଟନାୟକଙ୍କ ନାମରେ ପ୍ରଭାତୀ-ପ୍ରାଣନାଥ ଆଦର୍ଶ ଶିକ୍ଷା ସମାଜସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଳ୍ପାୟନ ସ୍ୱପ୍ନ ବେଶୀ, ସତ କମ୍: ବିଜେଡି

## ଶିଳ୍ପ ନାଁରେ ଖଣିଜ ଲୁଟ୍ ହେବାକୁ ଦିଆଯିବ ନାହିଁ




ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଶିଳ୍ପର ଉନ୍ନତି କରିବା ନିମନ୍ତେ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ବ୍ୟୟ କରି ଦେଶ ବିଦେଶରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ପୁଞ୍ଜି ଆଣୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ବୋଲି ବିଜେଡି ପକ୍ଷରୁ କୁହାଯିବା ସହ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଛି। ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେନିନ୍ ମହାନ୍ତି କହିଛନ୍ତି ଯେ କଥାକୁହା ବିଜେପି ସରକାର ଶିଳ୍ପାୟନ ବାବଦରେ ବାହାସ୍ଫୋଟ ମାରୁଥିଲେ ମଧ୍ୟ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଇଭି ବ୍ୟାଟେରୀ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପ ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଥିବା ବେଳେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ୧ ଲକ୍ଷ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ କେନ୍ଦ୍ରାପଡ଼ାରୁ ଆନ୍ଧ୍ର ପ୍ରଦେଶକୁ ସ୍ଥାନାନ୍ତର ହୋଇଛି। ସେହିପରି ଏସ୍.ରାମ, ଏନ୍.ରାମ ସେମିକଣ୍ଡକ୍ଟର ପ୍ରକଳ୍ପ ଓ ୱାରି ସୋଲାର ପ୍ରକଳ୍ପ ମଧ୍ୟ ଓଡ଼ିଶା ଛାଡ଼ି ଚାଲିଯାଇଛନ୍ତି। ଏହି ସରକାର ଶିଳ୍ପାୟନ ନାମରେ ଜନସାଧାରଣଙ୍କୁ ଭୁଆଁ ବୁଲାଉଛି। ଡବଲ ଇଞ୍ଜିନ ସରକାର ଡବଲ ବିକାଶର ନାରା ଦେଇ କ୍ଷମତାକୁ ଆସିଥିବା ସମୟରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଛି। ସେହିପରି ଅଭିବୃଦ୍ଧି ହାର ୯.୬ରୁ ୭.୨ ପ୍ରତିଶତକୁ ଖସିଛି। ଶିଳ୍ପ ଅଭିବୃଦ୍ଧି ହାର ୮.୭ରୁ ୬.୧ ପ୍ରତିଶତକୁ ଖସିଆସିଛି। ସେହିପରି ରାଜ୍ୟରେ ବେକାରୀ ହାର ମଧ୍ୟ ୩.୯ ପ୍ରତିଶତକୁ ବୃଦ୍ଧି ପାଇଥିଲା ବେଳେ ରାଜ୍ୟ ସରକାର ଜନସାଧାରଣଙ୍କୁ ମିଛ ସ୍ୱପ୍ନ ବାଣ୍ଟୁଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରୋ-ଇନ୍‌ଭେଷ୍ଟମେଣ୍ଟ ଇକୋ ସିଷ୍ଟମକୁ ବିଜେପି କ୍ଷମତାକୁ ଆସିବା ପରେ ରାଜନୈତିକ ହସ୍ତକ୍ଷେପ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ବିଜେଡି ସରକାର ଅମଳରେ ଉଦ୍ୟୋଗୀ ସପ୍ତାହ ପରି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉଦ୍ଦେଶ୍ୟମୂଳକ ଭାବେ ବିଜେପି ସରକାର ବନ୍ଦ କରିଛି। ଏହା ଏମ୍‌ଏସ୍‌ଏମ୍‌ଇ, ନୂତନ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍‌ମାନଙ୍କୁ ଉତ୍ସାହିତ କରୁଥିଲା। ବିଜେଡି ସରକାର ସମୟରେ ମେକ୍ ଇନ୍ ଓଡ଼ିଶାର ୩ଟି ସଂସ୍କରଣରେ ୧୬ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ଏହାକୁ ବିଜେପି ସରକାର କାର୍ଯ୍ୟନ୍ୱୟନରେ ବିଫଳ ହୋଇଛି।

# ଯୁବକଙ୍କଠାରୁ ସାଢ଼େ ୪ ଲକ୍ଷ ଲୁଟିନେଲେ ସାଇବର୍ ଠକ

ତାଳଚେର, ୨୨।୧୨ (ସଂଚାର ବ୍ୟୁରୋ): ସାଇବର ଠକଙ୍କ ପଞ୍ଝାରେ ପଡ଼ିଛନ୍ତି ଜନୈକ ଯୁବକ। ଓଟିପି ପଠାଇ ଏହି ସାଇବର୍ ଲୁଟେରାମାନେ ଉକ୍ତ ଯୁବକଙ୍କଠାରୁ ୪ ଲକ୍ଷ ୩୬ ହଜାର ଟଙ୍କା ଲୁଟିନେଇଛନ୍ତି। ଏହି ମାମଲାରେ ଉକ୍ତ ଯୁବକ ଜଣଙ୍କ ତାଳଚେର ଥାନା ସହ ସାଇବର ଥାନାରେ ବି ଏତଲା ଦେଇଛନ୍ତି। ଏପରି ସାଇବର୍ ଲୁଟେରାଙ୍କ ଶିକାର ବନିଥିବା ଯୁବକ ଜଣଙ୍କ ହେଲେ ତାଳଚେର ଧରମପୁର ଗାଁର ସୁଶାନ୍ତ ସାହୁ। ଗତକାଲି ସୁଶାନ୍ତଙ୍କ ମୋବାଇଲକୁ ବାରମ୍ବାର ଓଟିପି ଆସିଥିଲା। ପରେ ତାଙ୍କ ଆକାଉଣ୍ଟରୁ ୩ ଥରରେ ମୋଟ ୪ ଲକ୍ଷ ୩୬ ହଜାର ଟଙ୍କା କଟିଯାଇଥିଲା। ଏନେଇ ସୁଶାନ୍ତ ଅଭିଯୋଗ କରିବା ପରେ ତାଳଚେର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୂର୍ବରୁ କିଛି ଆପ୍‌ର ଲିଙ୍କ୍ ତାଙ୍କ ମୋବାଇଲକୁ ଆସିଥିବା ବେଳେ ତାଙ୍କୁ ଠକିଥିବା ସାଇବର୍ ଲୁଟେରାମାନେ ପଠାଇଥିବା ଆପ୍‌କୁ ସୁଶାନ୍ତ ଖୋଲିବା ପରେ ତାଙ୍କ ଆକାଉଣ୍ଟକୁ ହ୍ୟାକ୍ କରିବା ସହ ଓଟିପି ପଠାଇ ଏଭଳି ଲୁଟ୍ କରିଥିବା ଅନୁମାନ କରାଯାଉଛି। ତେବେ ଖୁବ୍‌ଶୀଘ୍ର ଏହି ମାମଲାରେ ଠକମାନଙ୍କୁ ଠାବ କରାଯିବ ବୋଲି ତାଳଚେର ପୁଲିସ୍ କହିଛି।

# ଏମ୍‌ଜିନରେଗା, ବହୁ ଜିଲ୍ଲା ପଛରେ



ଭୁବନେଶ୍ୱର,୨୨।୧୨: ଲୋକଙ୍କ ହାତକୁ କାମ ଦେବାପାଇଁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରୁଥିବା ଏମଜି ନରେଗାର ନାମ ପରିବର୍ତ୍ତନ ହେବା ସହିତ ପ୍ରଦାନ କରାଯାଉଥିବା ଶ୍ରମ ଦିବସକୁ କେନ୍ଦ୍ର ସରକାର ୧୦୦ ରୁ ୧୨୫ ଦିନକୁ ବଢ଼ାଇଛନ୍ତି। ତେବେ ଏମଜିନରେଗା କାର୍ଯ୍ୟକାରୀ ସମୟରେ ଓଡିଶାକୁ ଯେତିକି କାର୍ଯ୍ୟ ଦିବସ ମଞ୍ଜୁର ହୋଇଥିବା ତାହା ପୂରଣ ହୋଇନଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ ବର୍ଷରେ ଓଡିଶା ପାଇଁ ୧୫୦୦ ଲକ୍ଷ ଶ୍ରମ ଦିବସ ମଞ୍ଜୁରୀ ହୋଇଥିଲା। ତେବେ ବର୍ଷସାରା ଯେତିକି କାମ ଯୋଗାଇ ଦିଆଯାଇଥିଲା ୧୨୦୦ ଲକ୍ଷ ଶ୍ରମ ଦିବସକୁ ଟପିପାରି ନଥିଲା।

ଏହି ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାପାଇଁ ସର୍ବାଧିକ ୨୦୫.୩୭ଲକ୍ଷ ଶ୍ରମ ଦିବସ ମଞ୍ଜୁର ହୋଇଥିବାବେଳେ ଏଥିରୁ ମାତ୍ର ୩୨ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିଲା। ଅର୍ଥାତ୍ ବର୍ଷକରେ ୬୫.୬୫ଲକ୍ଷ ଶ୍ରମ ଦିବସ ଲୋକଙ୍କୁ ଯୋଗାଇ ଦିଆଯାଇଥିଲା। ମୟୁରଭଞ୍ଜ ପାଇଁ ଦ୍ୱିତୀୟ ସର୍ବାଧିକ ୧୨୦.୩୭ଲକ୍ଷ ଶ୍ରମ ଦିବସ ମଞ୍ଜୁର ହୋଇଥିବାବେଳେ ଏଠାରେ କିନ୍ତୁ ୮୬ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିଲା। ତେବେ ଦେବଗଡ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୧୧୭ ପ୍ରତିଶତ କାର୍ଯ୍ୟ ଯୋଗାଇ ଦିଆଯାଇଥିବାବେଳେ ବୌଦରେ ୧୦୩ ପ୍ରତିଶତ, କନ୍ଧମାଳରେ ୧୧୨ ପ୍ରତିଶତ, ମାଲକାନଗିରିରେ ୧୦୩ ପ୍ରତିଶତ, ନୂଆପଡାରେ ୧୫୦ ପ୍ରତିଶତ ଓ ସୁନ୍ଦରଗଡରେ ୧୦୧ ପ୍ରତିଶତ ପୂରଣ ହୋଇଛି। ଏହିସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ଶ୍ରମିକମାନଙ୍କୁ ଅଧିକ ପରିମାଣରେ କାର୍ଯ୍ୟ ଯୋଗାଇ ଦେବାକୁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଥିବାରୁ ଏଠାରେ ସଫଳତା ଢେର ଅଧିକ ରହିଛି।

ଏହିସବୁ ଜିଲ୍ଲାରେ ବି ଲୋକେ ଅଧିକ ସଂଖ୍ୟାରେ କାମ ଆବଶ୍ୟକ କରିଛନ୍ତି। କିନ୍ତୁ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଡିକରେ ମିଳିଥିବା କାର୍ଯ୍ୟଦିସରୁ ଅତି କମ୍ ପୂରଣ ହୋଇପାରିଛି। କଟକ ଜିଲ୍ଲାରେ ଏହା ମାତ୍ର ୩୪ ପ୍ରତିଶତ ରହିଥିବାବେଳେ ଯାଜପୁରର ୪୬, କେନ୍ଦ୍ରାପଡାରେ ୪୭ ଓ ଭଦ୍ରକରେ ୫୮ ପ୍ରତିଶତ କାର୍ଯ୍ୟଦିବସ ଯୋଗାଇ ଦିଆଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଓଡିଶା ପାଇଁ ୧୨୦୦ ଲକ୍ଷ ଶ୍ରମ ଦିବସ ଯୋଗାଣର ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୮୩୫ଲକ୍ଷ ଶ୍ରମ ଦିବସ କାର୍ଯ୍ୟକାରୀ ହୋଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରୁ କେତେ କାର୍ଯ୍ୟକାରୀ ହେବ ତାହା ଉପରେ ନଜର ଥିବାବେଳେ ଯୋଜନାର ନାମ ପରିବର୍ତ୍ତନ ହୋଇଯାଇଛି।

ତେବେ ଏମଜିନରେଗାରେ ଯେଉଁ ହାରରେ ମଜୁରୀ ଧାର୍ଯ୍ୟ କରାଯାଇଛି ଓ କାର୍ଯ୍ୟପାଇଁ ଥିବା ନିୟମାବଳୀ ଯୋଗୁଁ ଉପକୂଳ ଜିଲ୍ଲାଗୁଡିକରେ ଏହା ଅଧିକ ସଫଳ ହୋଇପାରୁ ନାହିଁ। କାରଣ ଉପକୁଳବର୍ତ୍ତୀ ଜିଲ୍ଲାରେ ନରେଗା ମଜୁରୀ ତୁଳନାରେ ଗାଁ ଗହଳରେ ସାଧାରଣ ମଜୁରୀ ଢେର ଅଧିକ ରହିଛି। ଏଥି ସହିତ ଗାଁ ଗହଳରେ ଶ୍ରମିକମାନେ ମାଟି ଖୋଳା କାମ କରିବାକୁ ବି ମଙ୍ଗୁ ନାହାନ୍ତି। କେନ୍ଦ୍ର ସରକାର ଯୋଜନାର ନାମ ପରିବର୍ତ୍ତନ ସହିତ ଶ୍ରମଦିବସର ପରିମାଣ ମୁଣ୍ଡପିଛା ବର୍ଷକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରିଛନ୍ତି। ଯେଉଁମାନେ କାମ ନପାଇବେ ସେମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା ବି କରିଛନ୍ତି। (ତଥ୍ୟ)

## ଘରେ ପଶି ଡକାୟତି

# ଏଏନ୍‌ଏମ୍ ସୁପରଭାଇଜରଙ୍କୁ ହତ୍ୟା

ଭବାନୀପାଟଣା, ୨୨।୧୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଅନ୍ତର୍ଗତ ଗଡିଆଯୋର ଗାଁରେ ଅବସରପ୍ରାପ୍ତ ଏଏନଏମ ସୁପରଭାଇଜର ସୁଚିତ୍ରା ଖୁଣ୍ଟିଆଙ୍କୁ ହତ୍ୟା କରାଯାଇଛି। ସେ ଘରେ ଏକୁଟିଆ ଥିବା ସମୟରେ ଗତ ରାତିରେ ଦୁର୍ବୃତ୍ତ ମାନେ ଘରେ ପଶି ପ୍ରଥମେ ଲୁଟପାଟ୍ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଘରେ ଥିବା ସୁଚିତ୍ରାଙ୍କ ସ୍କୁଟିକୁ ନେଇ ଫେରାର୍ ହୋଇ ଯାଇଥିଲେ। ତେବେ ହତ୍ୟାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି। ଖବର ପାଇ ଧର୍ମଗଡ ଥାନା ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ସୁଚିତ୍ରା ଗତ ଡିସେମ୍ବର ୨୦୨୪ରେ ଅବସର ନେଇଥିଲେ। ଗତ କିଛି ଦିନ ତଳେ ସେ ବ୍ୟାଙ୍କରୁ କିଛି ଟଙ୍କା ଉଠାଇଥିଲେ। ତାକୁ ନେଇ ଦୁର୍ବୃତ୍ତ ଘରେ ଚୋରିକରିବା ସହିତ ତାଙ୍କୁ ହତ୍ୟା କରିଥିବା ଅନୁମାନ କରାଯାଉଛି। ହତ୍ୟା ପରେ ତାଙ୍କ ସ୍କୁଟିକୁ ନେଇ ଫେରାର ହୋଇଥିବା ବେଳେ ତେଲ ସରିଯିବାରୁ ସ୍କୁଟିକୁ ଭୀମଖୋଜ ପଡା ବିଜୁ ଏକ୍ସପ୍ରେସ ୱେରେ ଛାଡି ଦେଇ ଦୁର୍ବୃତ୍ତମାନେ ପଳାଇଛନ୍ତି।

## ନକଲି ସାରକୁ ନେଇ ଅସନ୍ତୋଷ

# ଦୋକାନରେ ତାଲା ପକାଇଲେ ଚାଷୀ

ଧର୍ମଶାଳା,୨୨।୧୧ (ସଂଚାର ବ୍ୟୁରୋ): ନକଲି ସାରକୁ ନେଇ ଚିନାବାଦାମ ଚାଷୀଙ୍କ ଅସନ୍ତୋଷ। ଅସନ୍ତୋଷ ଚାଷୀ ଉତ୍ୟକ୍ତ ହୋଇ ସାର ଦୋକାନରେ ତାଲା ପକାଇ ଦେଲେ। ଏ ଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡାରେ। ଏହି ପଞ୍ଚାୟତର ଶହଶହ ଚାଷୀ ଚିନାବାଦାମ ଚାଷ କରି ସେମାନଙ୍କ ପରିବାର ପ୍ରତିପୋଷଣ କରନ୍ତି। ତେବେ ଚଳିତ ବର୍ଷ କ୍ଷେତରେ ଚିନାବାଦାମ ଚାଷ କରି ଅଧିକ ଅମଳ ପାଇଁ ବଜାରରୁ ଧାରକରଜ କରି ସାର କିଣି କ୍ଷେତରେ ପ୍ରୟୋଗ କରିଥାନ୍ତି। କ୍ୱିଣ୍ଟାଲ ପିଛା ୩ ହଜାର ଟଙ୍କା ଦେଇ ସାର କିଣିଥାନ୍ତି। ତେବେ କ୍ଷେତରେ ୧ ମାସ ହେବ ସାର ପକାଇ ଥିବା ବେଳେ କ୍ଷେତରେ ଡିଏପି ସାର ମାଟିରେ ନ ମିଶିବାରୁ ଚାଷୀମାନଙ୍କର ସନ୍ଦେହ ହୋଇଥିଲା। ତେବେ ଏହି ସାର ନକଲି ହୋଇଥିବା ସନ୍ଦେହ କରି ଆଜି ଝାଲପଡା ଛକରେ ଥିବା ମଣିବାବା ସାର ବିକ୍ରେତା ତପନ ନାୟକଙ୍କୁ ଅବଗତ କରାଇଥିଲେ। ତେବେ ସେ ଚାଷୀମାନଙ୍କୁ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିବାରୁ ସ୍ଥାନୀୟ ଚାଷୀ ଉତ୍ୟକ୍ତ ହୋଇ ଦୋକାନରେ ତାଲା ପକାଇ ଦେଇଥିବା ଜଣାପଡିଛି ।

# କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଜବତ: ୨ ଗିରଫ

ସମ୍ବଲପୁର, ୨୨।୧୧ (ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ବୁର୍ଲା ସହରରେ ଦୀର୍ଘ ଦିନରୁ ଚାଲି ଆସୁଥିବା ଏକ ବେଆଇନ ଗୋମାଂସ କାରବାରର ପର୍ଦ୍ଦାଫାସ ହୋଇଛି। ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କିଛି ଗୋସୁରକ୍ଷା କର୍ମୀ ଧରି ରବିବାର ପୁଲିସ ଜିମା ଦେଇଛନ୍ତି। ଏହାକୁ ନେଇ ବଜରଙ୍ଗ ଦଳ, ସେବାକୁଞ୍ଜ, ହିନ୍ଦୁ ବାହିନୀର ପ୍ରମୁଖ ଗୋସୁରକ୍ଷା କର୍ମୀଙ୍କ ଏତଲା କ୍ରମେ ବୁର୍ଲା ଥାନାର ୫୮୨/୨୫ରେ ଏକ ମାମଲା ରୁଜୁକରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗରର ବିରାଜ ହର(୪୦) ଓ ତା' ସହଯୋଗୀ ତିଅରପଡ଼ାର ପୁରୋହିତ ଲୁହା(୩୬)। ଘଟଣାରେ ପାଖାପାଖି ଶହେ କେଜି ଗୋମାଂସ ଜବତ ହୋଇଛି। ଆଜି ଉଭୟଙ୍କୁ କୋର୍ଟଚାଲଣ କରାଯାଇଛି।

## ବଦଳିଲେ ଧଉଳି ଗଣଦୁଷ୍କର୍ମ ଘଟଣାର ତଦନ୍ତ ଅଧିକାରୀ

# ଏଡିସିପି ଆରତୀ ଗିରିଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ): ବଦଳିଲେ ଧଉଳି ଗଣଦୁଷ୍କର୍ମ ଘଟଣାର ତଦନ୍ତ ଅଧିକାରୀ। ଡିସିପି ହେଡକ୍ୱାର୍ଟର ଅତିରିକ୍ତ ଡିସିପିଙ୍କୁ ଦିଆଗଲା ଦାୟିତ୍ୱ। ଘଟଣାର ତ୍ୱରିତ ତଦନ୍ତ ରେଡ ଫ୍ଲାଗ ଦୃଷ୍ଟିରେ ରଖି ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଧଉଳି ଥାନାଧିକାରୀ ସ୍ମୃତିରଞ୍ଜନ ମହାନ୍ତି ଦାୟିତ୍ୱରେ ଥିଲେ। ବର୍ତ୍ତମାନ ଏହି ଦାୟିତ୍ୱ ଡିସିପି ହେଡକ୍ୱାର୍ଟରର ଏଡିସିପି ଆରତୀ ଗିରିଙ୍କୁ ଦିଆଯାଇଛି। ଡିସେମ୍ବର ୧୦ ତାରିଖ ସଂଧ୍ୟାରେ ଏହି ଲୋମହର୍ଷଣକାରୀ ଗଣଦୁଷ୍କର୍ମ ହୋଇଥିଲା। ଏହି ଘଟଣାରେ ୩ ଗିରଫ ହୋଇଥିବା ବେଳେ ଏବେବି ଦୁଇ ଜଣ ଫେରାର ଅଛନ୍ତି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨୩ ଡିସେମ୍ବର ୨୦୨୫, ଭୁବନେଶ୍ୱର
Tuesday 23 December 2025, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଅଜ୍ଞାତ ଚାନ୍ଦା ଭ୍ରଷ୍ଟାଚାରର କାରଣ

ଭାରତର ଲୋକତନ୍ତ୍ରରେ ରାଜନୈତିକ ଦଳମାନଙ୍କର ଆର୍ଥିକ ସମ୍ବଳ ନିର୍ବାଚନର ମୂଳ ଅଂଶ। ଚନ୍ଦା ବା ଦାନ ମାଧ୍ୟମରେ ଦଳମାନେ ନିର୍ବାଚନ ପ୍ରଚାର, ସଂଗଠନ ଏବଂ ନୀତି ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରନ୍ତି। କିନ୍ତୁ ଏହି ଚନ୍ଦା ପ୍ରକ୍ରିୟାରେ ଅନିୟନ୍ତ୍ରିତ ହେବା ଦ୍ୱାରା ଲୋକତନ୍ତ୍ରର ମୂଳ ମୂଲ୍ୟବୋଧ ଯଥା ସ୍ୱଚ୍ଛତା, ନ୍ୟାୟ ଏବଂ ସମାନତା ବିପନ୍ନ ହୋଇପାରେ। ସୁପ୍ରିମକୋର୍ଟର ୨୦୨୪ ଫେବୃଆରୀ ନିର୍ଣ୍ଣୟରେ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ଅସାମ୍ବିଧାନିକ ଘୋଷଣା କରାଯାଇଥିଲା, ଯାହା ଅଜ୍ଞାତ ଚନ୍ଦାର ବିପଦକୁ ଉଜାଗର କରିଥିଲା। ଏହି ପ୍ରସଙ୍ଗରେ, ରାଜନୈତିକ ଚନ୍ଦା ଉପରେ କଡ଼ା ନିୟନ୍ତ୍ରଣର ଆବଶ୍ୟକତା ଆଲୋଚନା କରିବା ଅତ୍ୟନ୍ତ ପ୍ରାସଙ୍ଗିକ।

ପ୍ରଥମତଃ, ସ୍ୱଚ୍ଛତାର ଅଭାବ ହେଉଛି ଏକ ପ୍ରମୁଖ ସମସ୍ୟା। ଅଜ୍ଞାତ ଚନ୍ଦା ମାଧ୍ୟମରେ ବଡ଼ କମ୍ପାନୀ ବା ବ୍ୟକ୍ତିମାନେ ରାଜନୈତିକ ଦଳମାନଙ୍କୁ ପ୍ରଭାବିତ କରିପାରନ୍ତି, ଯାହା ନୀତି ନିର୍ମାଣରେ ପକ୍ଷପାତ ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଇଲେକ୍ଟୋରାଲ ବଣ୍ଡ ଯୋଜନାରେ କୋଟି କୋଟି ଟଙ୍କାର ଅଜ୍ଞାତ ଦାନ ହୋଇଥିଲା, ଯାହା ଭୋଟରଙ୍କର ଜାଣିବାର ଅଧିକାରକୁ ଉଲ୍ଲଙ୍ଘନ କରିଥିଲା। ସୁପ୍ରିମକୋର୍ଟ କହିଥିଲେ ଯେ ଏହା ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ଉଲ୍ଲଙ୍ଘନ, ଯାହା ଭାଷଣ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦିଏ। ଏହି ଅସ୍ୱଚ୍ଛତା ଦୂର କରିବା ପାଇଁ ଚନ୍ଦାର ଉତ୍ସ ପ୍ରକାଶ କରିବା ଆବଶ୍ୟକ, ଯାହା କେବଳ ନିୟନ୍ତ୍ରଣ ଦ୍ୱାରା ସମ୍ଭବ।



ଦ୍ୱିତୀୟତଃ, ଅନିୟନ୍ତ୍ରିତ ଚନ୍ଦା ଭ୍ରଷ୍ଟାଚାରର ମୂଳ କାରଣ। ବଡ଼ ଦାନକାରୀମାନେ ପ୍ରତିଦାନରେ ସରକାରୀ ଅନୁଗ୍ରହ ଆଶା କରନ୍ତି, ଯାହା 'କ୍ୱିଡ୍ ପ୍ରୋ କୋ' ପରିସ୍ଥିତି ସୃଷ୍ଟି କରେ। ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ଇଲେକ୍ଟୋରାଲ ବଣ୍ଡରେ କେତେକ କମ୍ପାନୀ ରେଡ ପରେ ଚନ୍ଦା ଦେଇଥିଲେ ଏବଂ ପରେ ଅନୁମୋଦନ ପାଇଥିଲେ। ଏହା ସରକାରୀ ନିର୍ଣ୍ଣୟକୁ ପ୍ରଭାବିତ କରି ଜନସାଧାରଣର ହିତକୁ ଅଣଦେଖା କରେ। ନିୟନ୍ତ୍ରଣ ଯଥା ଚନ୍ଦାର ସୀମା ନିର୍ଧାରଣ ଏବଂ ନିରୀକ୍ଷଣ ଏହି ଭ୍ରଷ୍ଟାଚାରକୁ ରୋକିପାରିବ। ଭାରତରେ କମ୍ପାନୀ ଆଇନ ୨୦୧୩ର ଧାରା ୧୮୨ ଅନୁସାରେ କମ୍ପାନୀମାନେ ଯେକୌଣସି ପରିମାଣର ଚନ୍ଦା ଦେଇପାରନ୍ତି, ଯାହା ପୂର୍ବରୁ ଥିବା ୭.୫ ପ୍ରତିଶତ ଲାଭର ସୀମାକୁ ହଟାଇଦିଆଯାଇଛି। ଏହା ପୁନଃସ୍ଥାପନ କରିବା ଆବଶ୍ୟକ।

ତୃତୀୟତଃ, ଏହା ନିର୍ବାଚନରେ ସମାନ ସୁଯୋଗ ନଷ୍ଟ କରେ। ଧନୀ ଦଳମାନେ ବଡ଼ ଚନ୍ଦା ଦ୍ୱାରା ପ୍ରଚାରରେ ଆଧିପତ୍ୟ ବିସ୍ତାର କରନ୍ତି, ଯାହା ଛୋଟ ଦଳ ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ପଛରେ ପକାଇଦିଏ। ଏହା ଲୋକତନ୍ତ୍ରର ବିବିଧତାକୁ ହ୍ରାସ କରେ। ଅଧିକନ୍ତୁ, କଳା ଟଙ୍କାର ପ୍ରବାହ ଏହି ମାଧ୍ୟମରେ ହୁଏ, ଯାହା ଅର୍ଥନୀତିକୁ କ୍ଷତିଗ୍ରସ୍ତ କରେ। ନିର୍ବାଚନ ଆୟୋଗର ନିୟନ୍ତ୍ରଣ ବଳକୁ ବଢ଼ାଇବା ଏବଂ ଡିଜିଟାଲ୍ ଟ୍ରାକିଂ ପ୍ରଣାଳୀ ପ୍ରବର୍ତ୍ତନ କରିବା ଦ୍ୱାରା ଏହାକୁ ରୋକାଯାଇପାରିବ।

ଭାରତର ରାଜନୈତିକ ଅର୍ଥନୀତିରେ ଏହି ସମସ୍ୟା ଦୀର୍ଘକାଳୀନ। ଅନ୍ୟାନ୍ୟ ଲୋକତାନ୍ତ୍ରିକ ଦେଶମାନଙ୍କରେ ଯଥା ଆମେରିକା ବା ଜର୍ମାନୀରେ ଚନ୍ଦା ସୀମା ଏବଂ ପ୍ରକାଶନ ନିୟମ ରହିଛି। ଭାରତରେ ମଧ୍ୟ ଏକ ସ୍ୱଚ୍ଛ ରାଜନୈତିକ ଅର୍ଥନୀତି ଆଇନ ଆବଶ୍ୟକ, ଯାହା ବ୍ୟକ୍ତିଗତ ଚନ୍ଦାର ସୀମା ନିର୍ଧାରଣ କରିବ ଏବଂ ସମସ୍ତ ଦାନକୁ ସାର୍ବଜନୀନ କରିବ। ଏହା କେବଳ ଭ୍ରଷ୍ଟାଚାର ହ୍ରାସ କରିବ ନାହିଁ, ବରଂ ଜନସାଧାରଣର ବିଶ୍ୱାସକୁ ବଢ଼ାଇବ। ଶେଷରେ, ରାଜନୈତିକ ଚନ୍ଦା ଉପରେ ନିୟନ୍ତ୍ରଣ ହେଉଛି ଲୋକତନ୍ତ୍ରର ସୁରକ୍ଷା ପାଇଁ ଏକ ଆବଶ୍ୟକ ପଦକ୍ଷେପ। ସରକାର, ନିର୍ବାଚନ ଆୟୋଗ ଏବଂ ନାଗରିକ ସମାଜର ମିଳିତ ପ୍ରୟାସରେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିବ। କେବଳ ତେବେ ଭାରତର ଲୋକତନ୍ତ୍ର ସ୍ୱଚ୍ଛ ଏବଂ ନ୍ୟାୟୋଚିତ ହୋଇପାରିବ।

# ବିଚାରା 'ମା' ଗଛ



**ଡ. ମନୋଜ କୁମାର ମହାନ୍ତି**

ଜୀବନ ଜିଇଁବାପାଇଁ ପ୍ରାକୃତିକ ପରିବେଶ ଯେତିକି ଉପଯୋଗୀ, ସୁସ୍ଥ ତଥା ନୀରୋଗ ନିମନ୍ତେ ଶୁଦ୍ଧ ନିଃଶ୍ୱାସ ପାଇଁ ପୁଣି ସବୁଜ ତରୁଲତାର ସେତିକି ଜରୁରୀ। ପ୍ରକୃତିକୁ ସରସ ସୁନ୍ଦର ସବୁଜିମା କରିବା ପଛରେ ବୃକ୍ଷଲତାର ଉପସ୍ଥିତିକୁ ସୂଚାଏ। ପ୍ରକୃତିର କୌଣସି ଅଂଶ ମନୁଷ୍ୟକୃତ ନୁହେଁ, ବରଂ ମନୁଷ୍ୟ ପ୍ରକୃତିର ଏକ ଅଂଶ। ପ୍ରକୃତି କୋଳରେ ମଣିଷର ଜନ୍ମ, ଜୀବନ ଓ ମୃତ୍ୟୁ। ବଣଜଙ୍ଗଲ ଓ ବୃକ୍ଷଲତା ପ୍ରାକୃତିକ ପରିବେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବୃକ୍ଷଲତା ବିନା ପରିବେଶର ପରିକଳ୍ପନା ଅସମ୍ଭବ।

ଆଲୋଚନାର ପ୍ରସଙ୍ଗଟି ହେଉଛି ପ୍ରତ୍ୟେକ ବର୍ଷ ବନ ମହୋତ୍ସବ ସପ୍ତାହରେ ବୃକ୍ଷରୋପଣ ରାସ୍ତାକଡ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇ ଯେଉଁ ପ୍ରଚାରପ୍ରସାର ମାଧ୍ୟମରେ ସମାଜକୁ ସଚେତନ ବାର୍ତ୍ତା ପ୍ରେରଣ କରାଯାଏ ତାହା ନିଶ୍ଚିତରୂପେ ଏକ ସୁସ୍ଥ ପରିବେଶର ପ୍ରେରଣା। ଚାରାରୋପଣ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ, ଓ କର୍ମକର୍ତ୍ତାଗଣ ପ୍ରତିବର୍ଷ ନିଜ ଆନ୍ତରିକ ଉଦ୍ୟମରେ ନା ବାଧବାଧକତାରେ ବର୍ଷକୁବର୍ଷ ଚାରା ପୋତନ୍ତି ସେ କଥା ସେମାନଙ୍କୁ ଭଲଭାବେ ଜଣା। ମାଙ୍କ ନାମରେ ଗଛଟିଏ ପ୍ରଧାନମନ୍ତ୍ରୀ ୨୦୨୪ ବନମହୋତ୍ସବର ସ୍ଲୋଗାନ। ପ୍ରତ୍ୟେକ ଜନସାଧାରଣ ନିଜନିଜ ମାଙ୍କ ଉଦ୍ଦେଶ୍ୟରେ ଚାରାଟିଏ ରୋପଣ ସହ ତାର ଉତ୍ତରଦାୟିତ୍ୱ ସେଇ ବ୍ୟକ୍ତି ଉପରେ। ଏଥିରେ ଯେକୌଣସି ବୟସର ବ୍ୟକ୍ତି ସାମିଲି ହୋଇପାରିବେ।

ଖାଦ୍ୟ, ବସ୍ତ୍ର ଓ ବାସଗୃହର ମଣିଷପାଇଁ ଯେତିକି ଜରୁରୀ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ।ବୃକ୍ଷଲତା, ନଦୀନାଳ, ପାହାଡପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ, ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ମଣିଷର ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ ତା ମଧ୍ୟରେ ପେଶି ହୋଇଚାଲିଛନ୍ତି ସମ୍ପୂର୍ଣ୍ଣ ମାନବଜାତି।

ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ରାଷ୍ଟ୍ରଭାବେ ବିଶ୍ୱରେ ଉପସ୍ଥାପିତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ। ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗରେ ଯୁବକଗୋଷ୍ଠୀ ଆତ୍ମନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ଆମେ ମଧ୍ୟ ସୁନ୍ଦର ସବୁଜିମାର ଦୃଶ୍ୟପଟକୁ ନିଶ୍ଚିତ କଦର୍ଯ୍ୟ ବିବର୍ଣ୍ଣ କରୁଛନ୍ତି।ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ, ବାସସ୍ଥଳୀ ଓ ଖାଦ୍ୟ ଉପରେ ତାର ସମସ୍ତ ଧ୍ୟାନ କେନ୍ଦ୍ରୀଭୂତ। ପେଟ ଓ ପିଠିକୁ ମଜବୁତ୍ ସହ ସୁଖସ୍ୱଚ୍ଛନ୍ଦରେ କାଳାତିପାତ କରିବା ମାନବଜାତିର ମୂଳଲକ୍ଷ୍ୟ। ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଓ ନୂତନ ବଣ ସୃଷ୍ଟିପାଇଁ ସ୍ଲୋଗାନ ପୁଣି ଅନ୍ୟପଟେ ଅଣଓସାରିଆ ରାସ୍ତାକୁ ପ୍ରସସ୍ଥ କରିବାର ବିଧିବଦ୍ଧ ଯୋଜନା ଅନୁସାରେ ରାସ୍ତାପାର୍ଶ୍ୱ ବୃକ୍ଷଚ୍ଛେଦନ। ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତର ଦ୍ୱାରଦେଶରେ ପହଞ୍ଚାଇଲାପରେ ତାର ମନେପଡ଼ିଛି ସୁସ୍ଥ ଜୀବନଟେ ଅତିବାହିତ ପାଇଁ ଏକ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ଏହାକୁ ଧ୍ୟାନରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି।ପାରିପାର୍ଶ୍ୱିକ ବାତାବରଣକୁ ସ୍ୱାସ୍ଥ୍ୟମୟ କରିବା ସହ ପ୍ରାକୃତିକ ବିପର୍ଯ୍ୟୟରୁ ପରିବେଶକୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ୧୯୫୦ରୁ ଏଯାବତ୍ ବୃକ୍ଷରୋପଣ ଜାରିରହିଛି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଚସ୍ତରୀ ବର୍ଷ ବୟସରେ ପଦାର୍ପଣ ଅବସରରେ କେନ୍ଦ୍ର ସରକାରଙ୍କ ଏକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ 'ମା'ଙ୍କ ନାମରେ ଗଛଟିଏ'ର ଦ୍ୱିତୀୟ ସଂସ୍କରଣରେ ଦେଶର କୋଣ ଅନୁକୋଣରେ ଥିବା ବିଭିନ୍ନ ପ୍ରାନ୍ତରେ ସର୍ବନିମ୍ନ ପଞ୍ଚସ୍ତରୀ ଲକ୍ଷ ବୃକ୍ଷରୋପଣ କରି ଭାରତ ବର୍ଷରେ ଏକ ଗୌରବମୟ ଅଧ୍ୟାୟ ରଚନା କରିବା ସହ ପରିବେଶକୁ ସବୁଜ ସୁନ୍ଦର ତଥା ପ୍ରଦୂଷଣମୁକ୍ତ ରଖିବା ଲକ୍ଷ୍ୟରେ ଦଳୀୟ ପ୍ରୟାସ ସ୍ୱାଗତଯୋଗ୍ୟ। ବୃକ୍ଷରୋପଣ ପୂର୍ବରୁ ଗଣମାଧ୍ୟମ ରାସ୍ତାଘାଟରେ ବଡ଼ବଡ଼ ହୋର୍ଡିଂ ଓ ବ୍ୟାନର ମାଧ୍ୟମରେ ଅନେକ ପ୍ରଚାର ପ୍ରସାର ଦେଖିବାକୁ ମିଳିଥିଲା। ଭିନ୍ନଭିନ୍ନ ଅନୁଷ୍ଠାନର ବିଭିନ୍ନ ବିଭାଗର ସମସ୍ତ ସରକାରୀ କର୍ମଚାରୀ ଏହି ଯୋଜନାରେ ସାମିଲ୍ ହୋଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶକୁ ପ୍ରାୟ ସମସ୍ତ କର୍ମଚାରୀ ପାଳନ କରି ଚାରାଟିଏ ରୋପଣରେ ନିଜକୁ ନିୟୋଜିତ କରିବା ଏକ ସାମାଜିକ ସଚେତନତା। ଏହା ଯୋଜନାରେ ରାସ୍ତାପାର୍ଶ୍ୱ, ଖୋଲାପଡ଼ିଆ, ପଞ୍ଚାୟତ ଅଧିନସ୍ତ ବିଦ୍ୟାଳୟ, ଓ ମହାବିଦ୍ୟାଳୟ ପରିସର ମଧ୍ୟ ଅନ୍ତର୍ଭୁକ୍ତ। ମୋ ମହାବିଦ୍ୟାଳୟ ପରିସର ମଧ୍ୟରେ ପଞ୍ଚାୟତ ତତ୍ତ୍ୱାବଧାନରେ ଦୁଇଶହ ଚାରାରୋପଣର ବ୍ୟବସ୍ଥା ନିଶ୍ଚିତରୂପେ ଏକ ସବୁଜ ପରିବେଶ ପ୍ରସ୍ତୁତିର ଶୁଭ ସଂକେତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଚାରାରୋପଣପାଇଁ ଏକ ଲକ୍ଷ ପଞ୍ଚସ୍ତରୀ ହଜାର ଟଙ୍କାର ବ୍ୟୟ ଅଟକଳ ଫଳକରେ ସ୍ଥାନିତ ଅର୍ଥକୁ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟରେ ବିନିଯୋଗ କରାଗଲା। ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ୍ ମାଧ୍ୟମରେ ବନୋମହୋତ୍ସବ ସପ୍ତାହ ଅବସରରେ ରୋପଣ କରାଯାଇଥିବା କିଛି ବୃକ୍ଷକୁ ମଧ୍ୟ ସେମାନଙ୍କ ବ୍ୟୟ ଅଟକଳ ଯୋଜନାରେ ସାମିଲ୍ କରିବା ଏକ ହାସ୍ୟାସ୍ପଦ ବିଷୟ। ମହାବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକଜାଲି ଆବଦ୍ଧରେ ରୋପଣ କରାଯାଇଥିବା ଚାରାଗଛକୁ ପ୍ରାୟ ତିନିମାସରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଲାଣି। ଦୁଃଖର ବିଷୟ ମହାବିଦ୍ୟାଳୟ ପରିସରରେ ପୋତା ଯାଇଥିବା ଚାରା ମଧ୍ୟରୁ ହାତ ଗଣତିରେ ଦଶରୁ କୋଡ଼ିଏଟି ଚାଖଣ୍ଡେରୁ ଦେଢ଼ ଚାଖଣ୍ଡେ ଉଚ୍ଚତାବିଶିଷ୍ଟ ଚାରା ଜୀବନମରଣ ସହ ଲଢ଼େଇ କରୁଛନ୍ତି। ଏହା ସ୍ପଷ୍ଟ ଯେ ଉଭୟ ଯତ୍ନ ଓ ରୋପଣରେ କିଛି ବ୍ୟତିକ୍ରମ ଅଭାବ ନିଶ୍ଚିତ ଦେଖିବାକୁ ମିଳେ। ସେଦିନ ସମସ୍ତଙ୍କ ଉପସ୍ଥିତିରେ ଚାରାଟିକୁ ପୋତି ଫିତାକାଟି ଗଣମାଧ୍ୟମ ଆଗରେ 'ମା'ରୂପକ ସମ୍ପର୍କର ଭାବପ୍ରବଣତାକୁ ଶବ୍ଦରେ ପରିପ୍ରକାଶ ବାସ୍ତବରେ ମଣିଷର ଆନ୍ତରିକ ଉଦ୍ୟମ ନୁହେଁ ବରଂ ବ୍ୟୟ ଅଟକଳ କରି ଅର୍ଥ ହେରଫେର କରିବାର ମନୋବୃତ୍ତିକୁ ସୂଚାଏ। ଯେଉଁଠି ବାପାମାଆ ବୃଦ୍ଧ ହୋଇଗଲେ ଘରର ଅଲୋଡ଼ା ଅଦରକାରୀ ବସ୍ତୁ ପାଲଟି ଯାଆନ୍ତି, ସେଠି ଅଳିଆ ଅଫନ୍ତରାରେ ପୋତା ହୋଇଥିବା ଚାରାଟିକୁ କିଏ ଧ୍ୟାନ ଦେଉଛି? ସବୁ ଖାଲି ଲୋକ ଦେଖାଣିଆ ଓ ଅର୍ଥ ଆତ୍ମସାତ କରିବାର ଏକ ନୂଆ ବାହାନା।

**ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩**



# ବୁଲା ବିକାଳିର ଶିକ୍ଷା



**ଡ଼ ସୀତାକାନ୍ତ ତ୍ରିପାଠୀ**

ଗାଁ ଦାଣ୍ଡରେ ଡାକିଡାକି ଯାଉଥିବା ଜଣେ ବଣିଆଁ ପାଖରେ ନିଜର ସୁନା ଅଳଙ୍କାର ସବୁ ସଫା କରାଇବା ବେଳେ ବଣିଆଁ ଜଣକ ଚଞ୍ଚଳତାର ସହିତ ଜଣେ ମହିଳାଙ୍କର ପ୍ରାୟ ସମସ୍ତ ସୁନାକୁ ହଡ଼ପ କରିବାର ଖବର ବେଶ୍ ହଟଚମଟ ସୃଷ୍ଟି କରିଥିଲା। କହିବା ବାହୁଲ୍ୟ, ଉକ୍ତ ମହିଳା ଜଣକ ଅନେକଥର ତାଙ୍କ ସ୍ୱାମୀଙ୍କୁ ଉକ୍ତ ଗହଣା ଗଣ୍ଠିକୁ ସଫା କରିବା ପାଇଁ କହିଥିଲେ ମଧ୍ୟ ଅବହେଳା, ଭୁଲାମନ କିମ୍ବା ଏହା ଅଯଥା କାମ ବୋଲି ମନେ କରି ଏହି କଥାକୁ ଗୁରୁତ୍ୱ ଦେଇ ନଥିଲେ।ନିୟମିତ ଭାବେ ହାଟ କିମ୍ବା ବଜାରରୁ ପନିପରିବା, ଶାଗ, ମାଛ ଆଦି ନଆଣିବା ଫଳରେ ମହିଳାମାନେ ଭାବନ୍ତି ବୁଲା ବୁକାଳିଠାରୁ ଏସବୁ କିଣି ନିଜର ଚାହିଦା ମେଣ୍ଟାଇବା, ସହିତ ନିଜ ମନ ପସନ୍ଦର ଜିନିଷ କିଣିବା ସହିତ ଅଯଥା ପାରିବାରିକ ଅଶାନ୍ତିରୁ ମୁକ୍ତି ମିଳିଯିବ। ପୁରୁଷମାନେ ମଧ୍ୟ ଭାବନ୍ତି ଯାହା ହେଉ ତାଙ୍କ ଦାୟିତ୍ୱ କିଛି କମିଗଲା। ଏହା ଗୋଟିଏ ଘର ଗାଁ କିମ୍ବା ସହରର କାହାଣୀ ନୁହେଁ ବରଂ ସବୁଠି ଉଣାଅଧିକେ ବୁଲା ବୁକାଳିଙ୍କ ପସରା ମେଲିଥାଏ। ଆଗରୁ ଭାର ବାହୁଙ୍ଗି, ଶଗଡ଼, ଗଧ କିମ୍ବା ଘୋଡ଼ା ପିଠିରେ ଆଣି ଏସବୁ ବେପାର କରୁଥିବାବେଳେ ବର୍ତ୍ତମାନ ସାଇକେଲ, ମଟର ସାଇକେଲ୍, ଅଟୋ ଆଦିରେ ଆସି ବୁଲା ବିକାଳିମାନେ ସେମାନଙ୍କର ବେପାର କରୁଛନ୍ତି ଏବଂ ପାଟିରେ ଡାକିବା ଅପେକ୍ଷା ଡକବାଜି ଜନ୍ତ୍ରରେ ଖେଳିବାକୁ ଉଚିତ୍ ମନେ କରୁଛନ୍ତି।

ସହର ଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ବୁଲା ବୁକାଳିମାନଙ୍କୁ ଦେଖିବାକୁ ମିଳିଥାଏ। ବଜାର ଘାଟକୁ ଯାଇ କିଣାକିଣି କରିବା ଅପେକ୍ଷା ଦାଣ୍ଡ ଦୁଆରରେ ଜୋତା ଠାରୁ ଛତା ପର୍ଯ୍ୟନ୍ତ ଜିନିଷ କିଣିବାର ଏକ ନିଆରା ଅନୁଭୂତି ରହିଛି। ଲୋକମାନଙ୍କର ବ୍ୟସ୍ତମୟ ଜୀବନ ତଥା ନାରୀ ମାନଙ୍କର ବଜାରଘାଟ କରିବାର ବିଭିନ୍ନ ପ୍ରତିବନ୍ଧକ ତଥା ହାତ ପାହାନ୍ତାରେ ଜିନିଷ ପତ୍ର ମିଳିଯାଉଥିବା ଯୋଗୁଁ ବୁଲା ବିକାଳି ମାନଙ୍କର ଚାହିଦା ସବୁଦିନେ ସବୁ ସମୟରେ ରହିଥାଏ। କିଛି ଲୋକଙ୍କ ମତରେ ସେମାନେ ଶସ୍ତାରେ ଜିନିଷ ପତ୍ର ଦେଉଥିବା ବେଳେ ଆଉ କିଛି ଲୋକଙ୍କ ମତରେ ସେମାନେ କୌଣସି ବ୍ରାଣ୍ଡେଡ୍ ଜିନିଷ ରଖିନଥାନ୍ତି। ଏସବୁ ମଧ୍ୟରେ ଅନେକ ବୁଲା ବୁକାଳି ନିୟମିତ ଭାବେ ଆସୁଥିବାରୁ ସେମାନଙ୍କ ସହିତ ଲୋକମାନଙ୍କର ସମ୍ପର୍କର ସୁତାଖିଅ ଯୋଡ଼ି ହୋଇ ଯାଏ। କେତେକ କ୍ଷେତ୍ରରେ ବୁଲା ବିକାଳିଙ୍କ ଦ୍ୱାରା ଗୋଟିଏ ଜାଗାରେ ଖବର ଅନ୍ୟ ଜାଗାରେ ପହଞ୍ଚିବାର ସୁବିଧା ମିଳିଥାଏ। କେତେବେଳେ ସେମାନେ ସମସ୍ୟା ସମାଧାନର ସୂତ୍ରଧର ସାଜୁଥିବା ବେଳେ ଆଉ କେତେବେଳେ 'ଏ ଘର ମାଉସୀ ସେ ଘର ପିଉସୀ' ସାଜି ଘର ଭାଙ୍ଗିବା ସହିତ ଲୋକ ମାନଙ୍କ ମଧ୍ୟରେ କଳି ମଞ୍ଜି ପୋତି ଥାଆନ୍ତି।

ବୁଲା ବୁକାଳି ମାନଙ୍କୁ ସଂସ୍କୃତିର ବାହାକ ଭାବେ ଅଭିହିତ କରା।ଇଥାଏ। ଯେହେତୁ ସେମାନେ ବିଭିନ୍ନ ଅଞ୍ଚଳର ବିଭିନ୍ନ ଲୋକଙ୍କ ସମ୍ପର୍କରେ ଆସିଥାଆନ୍ତି ତେଣୁ ସେମାନେ ସାହିତ୍ୟ, ସଂସ୍କୃତି, କଳା ଆଦି ବିଭିନ୍ନ କ୍ଷେତ୍ରରେ ଥିବା ଲୁକ୍‌କାୟିତ ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବାର ସାହାଯ୍ୟ କରିଥାଆନ୍ତି। ଲୋକମାନଙ୍କ ଭଲ-ମନ୍ଦ, ହାନୀ-ଲାଭ, ସୁଖ-ଦୁଃଖ ରେ ସାମିଲ୍ ହେଉଥିବା ଯୋଗୁଁ ସେମାନେ ଭାବପୂର୍ଣ୍ଣ ସମ୍ପର୍କ ଗଢ଼ିବାର ମାଧ୍ୟମ ସାଜି ଥାଆନ୍ତି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବୁଢ଼ା ଶଙ୍ଖାରୀ' ରେ ଶଙ୍ଖାରୀ ସହିତ ବୋହୁର ଯେଉଁ ସମ୍ପର୍କର ସୁତାଖିଅର ମର୍ମସ୍ପର୍ଶୀ ବର୍ଣ୍ଣନା କରାଯାଉଛି ତାହା ଉଭୟ ବୁଲା ବୁକାଳିର ହୃଦୟବତ୍ତା ଏବଂ ବୋହୁଟିର ଶଙ୍ଖାରି ପ୍ରତି ପିତୃବତ୍ ଆନ୍ତରିକତା ନିଦର୍ଶନ ମାତ୍ର।



ଅର୍ଥନୀତି ଯେତେ ଆଗେଇଥିଲେ ମଧ୍ୟ ବୁଲା ବୁକାଳି ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ତଥାକଥିତ 'ମଲ୍ ସଂସ୍କୃତି' ରେ ଯେମିତି ନିଜ ପସନ୍ଦ ଏବଂ ଇଚ୍ଛା ମୁତାବକ ଜିନିଷ କିଣିବାର ସୁବିଧା ସୁଯୋଗ ଥାଏ ସେହିଭଳି ବୁଲା ବୁକାଳିଙ୍କ ପାଖରେ ମଧ୍ୟ ଦରଦାମ କରିବା, ହସମଜା କରିବା ଏବଂ ଜିନିଷ ବାଛିବାର ସୁଯୋଗ ଥାଏ। ତା'ଛଡ଼ା ଯଦି ବିକାଳି ଜଣକ ହସଖୁସି ମିଜାଜର ହୋଇ ଥାଆନ୍ତି ତାହେଲେ ଗ୍ରାହକଙ୍କ ସଂଖ୍ୟା କାହିଁରେ କ'ଣ ବଢ଼ି ଯାଇଥାଏ। କଥାରେ ଅଛି "କହି ପୋଛି ଜାଣେ ଯିଏ ପଚା ଚିଙ୍ଗୁଡ଼ି ବିକେ ସିଏ"। କିନ୍ତୁ ପଚା ଚିଙ୍ଗୁଡ଼ିକୁ ବିକି ସାରିବା ପରେ ଲୋକମାନଙ୍କର ପ୍ରତିକ୍ରିୟାକୁ ସାମ୍ନା କରିବା କ'ଣ ଛୋଟ କଥା! କାରଣ ବେପାର ଗୋଟିଏ ଦିନର କଥା ନୁହେଁ। ଯଦି ସେମାନେ ଲୋକମାନଙ୍କର ଆସ୍ଥା ଭାଜନ ହୋଇ ନପାରିବେ ତେବେ ବେପାର ତ ବୁଡ଼ିବ ତା ସାଙ୍ଗରେ ଜନ ଆକ୍ରୋଶର ଶିକାର ମଧ୍ୟ ହେବେ। ତେଣୁ ସେମାନେ ସମସ୍ତ ଦିଗକୁ ଲକ୍ଷ୍ୟକରି ନିଜର ବେପାର ପସରା ମେଲାଇ ଥାଆନ୍ତି। ଅନ୍ୟପକ୍ଷରେ ଲୋକମାନେ ମଧ୍ୟ ସେମାନଙ୍କ ପ୍ରତି ଉଭୟ ସମ୍ବେଦନଶୀଳ ଓ ସତର୍କ ହେବାର ଅଛି ନହେଲେ କେବଳ ଧନହାନୀ ହେବନାହିଁ ବରଂ ଜୀବନ ହାନୀ ହେବାର ସମ୍ଭାବନା ରହିଛି। ନିତିଦିନିଆ ବୁଲାବୁକାଳି ଏବଂ ଅକାଳେ ସକାଳେ ଆସୁଥିବା ବୁଲା ବୁକାଳି / ବିଭିନ୍ନ ମେଳାକୁ ଆସୁଥିବା ବୁଲା ବୁକାଳିଙ୍କ ମଧ୍ୟରେ ଆକାଶ ପାତାଳର ଫରକ।

ବୁଲା ବିକାଳିଙ୍କ ସହିତ ଆମ ଜୀବନ ଦର୍ଶନ ମଧ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ସେମାନେ ସଦା ଚଳଚଞ୍ଚଳ। କେତେବେଳେ ଆପଣାକୁ ପର କରିଦିଅନ୍ତି ତ' ଆଉ କେତେବେଳେ ପରକୁ ଆପଣାର କରିଦିଅନ୍ତି। ସ୍ଥାନ, କାଳ ଓ ପାତ୍ର ଭେଦରେ ସେମାନେ ନିଜକୁ ପରିବର୍ତ୍ତନ କରିବା ଭଳି ଆମେ ମଧ୍ୟ ନିଜକୁ ପରିବର୍ତ୍ତନ କରିବା ଜରୁରୀ। ସେମାନଙ୍କର ମୂଳ ଉଦ୍ଦେଶ୍ୟ ହେଲା ବେପାର ବଣିଜ। ସେହିଭଳି ଢ଼ଙ୍ଗରେ ଜୀବନର ମୂଳ ଲକ୍ଷ୍ୟ ହେଉଛି ମୋକ୍ଷ ଏବଂ ସବୁ ବନ୍ଧନରୁ ମୁକ୍ତି। ତେଣୁ ସମସ୍ତ ସାଂସାରିକ କାର୍ଯ୍ୟ ଭିତରେ ନିଜର ଲକ୍ଷ୍ୟ ପୂରଣ କରିବା ପାଇଁ ଆମେ ଚେଷ୍ଟା କରିବା ଉଚିତ।

**ଅର୍ଣ୍ଣପାଳ, ଭଦ୍ରକ,**
**ମୋବାଇଲ୍: ୯୭୭୮୭୬୪୩୯୪**

# ମହାପ୍ରଭୁଙ୍କ ଶୀତବସ୍ତ୍ର ଓ ଶୀତ ସହ ସର୍ତ୍ତ



**ପୁଷ୍ପମିତ୍ର ମହାପାତ୍ର**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଲୋକ ଦେବତା। ତାଙ୍କ ଦୈନିକ ନୀତିକାନ୍ତି, ପୂଜା ପଦ୍ଧତି ଠାରୁ ମହାପ୍ରସାଦ, ବିଶ୍ରାମ, ପୋଷାକ ପରିପାଟୀ ସବୁ ଠିକ ମାନବୀୟ ବ୍ୟବସ୍ଥା ପରି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ଏଯାବତ୍ ଜାଣି ଆସିଥିବା ପରମ୍ପରା ଓ ଲୋକ ବିଶ୍ୱାସ ଅନୁଯାୟୀ ମହାପ୍ରଭୁ ଶୀତୁଆ ମାର୍ଗଶୀର ମାସରେ ତାଙ୍କ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶୀତବସ୍ତ୍ର ପରିଧାନ ବେଳେ ଶୀତ ସହ ସର୍ତ୍ତ ରଖିଥାନ୍ତି ଯେ ସଂସାରରେ ଯେପରି ସେ ଲୋକଙ୍କୁ ଅଧିକ କଷ୍ଟ ଦେବ ନାହିଁ। ବାସ୍ତବିକ ମହାପ୍ରଭୁଙ୍କ ଆମ ମାନଙ୍କ ପ୍ରତି କେତେ ଯେ ଭଲପାଇବା ଓ କରୁଣା ତଥା କୃପା ବାସ ଏତିକିରୁ ଯଥେଷ୍ଟ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଯେଉଁ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ତା'ଭିତରେ ରହିଛି ଯେତିକି ପବିତ୍ରତା ସେତିକି ବିଚିତ୍ରତା କିନ୍ତୁ ଏହି ବସ୍ତ୍ରର ସମ୍ଭାର ଗୁଡ଼ିକ ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ। ମହାପ୍ରଭୁଙ୍କର ପ୍ରଥମ ବେଶ ହୋଇଥାଏ ମଙ୍ଗଳ ଆଳତୀ ପରେ। ଶ୍ରୀଜୀଉଙ୍କ ରାତିର ବଡ଼ ସିଂହାର ବେଶ ଉଲାଗି ହୋଇଥାଏ ଏବଂ ଠିକ ଆମ ମାନଙ୍କ ସକାଳର ଦୈନିକ ମୁହଁଧୁଆ, ଦାନ୍ତଘଷା ଆଦି କର୍ମ ପରେ ତାଙ୍କର ପ୍ରଥମ ବେଶଟି ହେଉଛି ତଡ଼ପ ଉତ୍ତରୀ ବେଶ। ସ୍ୱତ୍ୱଲିପିରେ ତଡ଼ପର ଅର୍ଥ ଶ୍ରୀମନ୍ଦିରର ଭାଷା ବ୍ୟବସ୍ଥାରେ ଗାମୁଛାକୁ ବୁଝାଏ ଆଉ ଆମେ ବ୍ୟବହାର କରୁଥିବା ଚାଦର ପରି ଅଙ୍ଗବସ୍ତ୍ର ହେଉଛି ମହାପ୍ରଭୁଙ୍କ ଉତ୍ତରୀ। ବାସ୍ତବିକ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆମ୍ଭ ମାନଙ୍କ ଜୀବନ ଚଳଣିରେ ଯେପରି ବେଶ ବ୍ୟବସ୍ଥା ସବୁ ରହିଛି ମହାପ୍ରଭୁଙ୍କର ମଧ୍ୟ ଠିକ ସେହିପରି। ଦିନର ବିଭିନ୍ନ ସମୟରେ ପାଟବସ୍ତ୍ର ସହିତ ବିଭିନ୍ନ ପୁଷ୍ପ ଅଳଙ୍କାରରେ ଭୂଷିତ ହୋଇ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି। ମହାପ୍ରଭୁଙ୍କ ପାଟବସ୍ତ୍ର ହେଉଛି ପବିତ୍ର ଗୀତଗୋବିନ୍ଦ ଖଣ୍ଡୁଆ।

ମହାପ୍ରଭୁ ମଧ୍ୟ ଠିକ ଆମ ମାନଙ୍କ ପରି ଶୀତ ପ୍ରକୋପରୁ ଉପଶମ ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥାନ୍ତି। ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଓଢ଼ଣ ଷଷ୍ଠୀ ଠାରୁ ଓଢ଼ଣ ଷଷ୍ଠୀ ଯାହାକୁ କେହି କେହି ପ୍ରାବରଣ ଷଷ୍ଠୀ ମଧ୍ୟ କହିଥାନ୍ତି, ଏହି ଦିନରୁ ମହାପ୍ରଭୁଙ୍କ ଶୀତବସ୍ତ୍ର ପରିଧାନ ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ଭାଷାରେ ଏହା ହେଉଛି 'ଘୋଡ଼ଲାଗି ଉତ୍ସବ'। ତେବେ ମହାପ୍ରଭୁଙ୍କ ବସ୍ତ୍ର ସମର୍ପଣ ପୂର୍ବରୁ ଅର୍ଥାତ୍ ପଞ୍ଚମୀ ରାତିରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ବସ୍ତ୍ର ସମୂହର ଅଧିବାସ ହୋଇଥାଏ। ମାଦଳା ପାଞ୍ଜି ଓ ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ 'ଦ୍ୟୁତାନସ୍ତୁ' ମନ୍ତ୍ରରେ ଶ୍ରୀବିଗ୍ରହଙ୍କୁ ଆଚ୍ଛାଦାନ କରିବାର ପରମ୍ପରା ରହିଛି। ଓଢ଼ଣ ଷଷ୍ଠୀ ଠାରୁ ମହାପ୍ରଭୁ ଗଡ଼ା ବା ସୂତାବସ୍ତ୍ର, ଖଣ୍ଡୁଆ ପାଟ, ମଖମଲ୍ଲୀ ଘୋଡ଼ ବସ୍ତ୍ର, ଶିରଆବରଣ, ମଫଲର ଓ ଟୋପର ଆଦି ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ଘୋଡ଼ଲାଗି ନୀତି ଅନ୍ୟତମ। ପରମ୍ପରା ମୁତାବକ ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ବିଶେଷ ନୀତି ଭାବରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇଛି। ଏହା ପୂର୍ବରୁ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥାଏ। ବଡ଼ ସିଂହାର ଭୋଗ ସରି ଶ୍ରୀଜୀଉଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥାଏ।

ମାର୍ଗଶୀର ମାସର ଏହି ଓଢ଼ଣ ଷଷ୍ଠୀ ପରଠାରୁ ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏକ କୌତୁହଳପ୍ରଦ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ଯାହା ସମ୍ପର୍କରେ ଅନେକ ଜାଣିନଥିବେ। ଆମେ ଯେପରି ନିତିଦିନିଆ ପୋଷାକ ପରିଧାନ ବ୍ୟବସ୍ଥାରେ ଶୀତ କମ ଅନୁଭବ କଲା ପରଠାରୁ ହାଲକା ବସ୍ତ୍ର ପିନ୍ଧିଥାଉ ଠିକ ସେହିପରି ମହାପ୍ରଭୁଙ୍କର ମଧ୍ୟ ସ୍ୱତନ୍ତ୍ର ଏକ ବସ୍ତ୍ର ରହିଛି ଯେଉଁଥିରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସମ୍ପୂର୍ଣ୍ଣ ଅବସ୍ଥାରେ ଆବୃତ୍ତ ହୋଇନଥାଏ। ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ପରମ୍ପରା ମୁତାବକ ଶ୍ରୀଜୀଉଙ୍କ ଏହି ବସ୍ତ୍ର ପରିଧାନ ପରମ୍ପରା ଆବହମାନ ସମୟରୁ ରହିଆସିଛି। ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ଏହି ଜାମା ପରିଧାନ ବ୍ୟବସ୍ଥାକୁ ଠିଆ ଘୋଡ଼ ଭାବେ ବର୍ଣ୍ଣନା କରାଯାଇଛି। ସବୁଠାରୁ ମଜାଦାର କଥା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅଗ୍ରଜ ପ୍ରଭୁ ବଳଭଦ୍ର ଫ୍ରକ୍ ଦିଶୁଥିବା ପରି ଜାମା ପରିଧାନ କରିଥାନ୍ତି ଓ ଦେବୀ ସୁଭଦ୍ରା ଘେର ହୋଇଥିବା କୁଞ୍ଚବସ୍ତ୍ର ପରିଧାନ କରିଥାନ୍ତି। ମହାପ୍ରଭୁଙ୍କ ସମସ୍ତ ଚଳଣି, ରୀତିନୀତି, ପୂଜା ପଦ୍ଧତି ସମ୍ପୂର୍ଣ୍ଣ ପରମ୍ପରା ଅନୁଯାୟୀ ହୋଇଥାଏ। ମହାପ୍ରଭୁଙ୍କ ଏହି ଅନନ୍ୟ ଜାମା ଓ ଶୀତବସ୍ତ୍ର ପରିଧାନ ପୂର୍ବକ ସୌନ୍ଦର୍ଯ୍ୟମୟ କାନ୍ତୀ ବାସ୍ତବିକ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ସମୟରେ ଅହେତୁକ ଆନନ୍ଦ ଓ କୃପା ପ୍ରଦାନ କରିଥାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯**

# ସମୟ



**ଅଲେଖ ଚନ୍ଦ୍ର ସାମଲ**

ସମୟ ଏକ ଅଦୃଶ୍ୟ ଶକ୍ତି। ସେ କାହାକୁ କେତେବେଳେ ଅପେକ୍ଷା କରେ ନାହିଁ। ସମୟ କାହାର ଅଧୀନ ନୁହେଁ। ରାଜା, ରଙ୍କ, ଧନୀ, ନିର୍ଦ୍ଧନ, ଜ୍ଞାନୀ, ଅଜ୍ଞାନ ସମସ୍ତେ ସମୟର କବଳରେ କବଳିତ। ତେଣୁ ସମୟର ମୂଲ୍ୟ କେହି ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ। ଗୋଟିଏ ଦିନର ଅର୍ଦ୍ଧେକ ସମୟ ନିଦ୍ରା, ବାକି ସମୟ ସମୟ ପରଚର୍ଚ୍ଚା, ପରନିନ୍ଦା, ମିଥ୍ୟାଭାଷଣ, ଆତ୍ମବଢ଼ିମା ବଖାଣି ବୁଲିବାରେ ବିତିଯାଉଛି।ବନ୍ଧୁ ମେଳରେ ବସି ଅଯଥା ଗପ କରିବା ଏବଂ କ୍ରୀଡ଼ା କୌତୁହଳରେ ମାତି ଆମେ ବହୁ ସମୟ ବିତାଇ ଦେଉଛୁ। ଭଗବାନଙ୍କ ନାମ ସ୍ମରଣ, ଜପ, ଧ୍ୟାନ, କୀର୍ତ୍ତନ, ପାଇଁ ଆମ୍ଭମାନଙ୍କ ହାତରେ ସମୟ ନାହିଁ। ଆମେ ଜାଣିପାରୁ ନାହୁଁ ଏ ଦୁର୍ଲ୍ଲଭ ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। ସମୟର ଚଉହଦୀ ଭିତରେ ସେ ସୀମିତ। ତାକୁ ଉପଯୁକ୍ତ ବିନିଯୋଗ ନ କଲେ ପଶ୍ଚାତାପ କରିବାକୁ ସମୟ ନଥିବ। ଭାରତୀୟ ଶାସ୍ତ୍ର ପୁରାଣରେ ସମୟକୁ କାଳ ଆଖ୍ୟା ଦିଆଯାଇଛି। କାଳର କରାଳ କବଳରେ ସମଗ୍ର ଜଗତ କବଳିତ ହୋଇଯାଉଛି। କିନ୍ତୁ କେବଳ ପରଂବ୍ରହ୍ମ ପରମାତ୍ମା କାଳର କବଳିତ ହୁଅନ୍ତି ନାହିଁ। ସେ କାଳାତୀତ। ସମୟର ନଈ ସୁଅ ତାଙ୍କୁ ସ୍ପର୍ଶ କରିପାରେ ନାହିଁ। ସମୟ ଏକ ସୀମାହୀନ ସମୁଦ୍ର। ସମୟକୁ ବିଭାଜିତ କରାଯାଇପାରେ ନାହିଁ। ସମୟ ନାନାଦି ଅନନ୍ତ। ମଣିଷ ତାର ସୀମିତ ଜ୍ଞାନ ମଧ୍ୟରେ ସମୟକୁ ଅତୀତ, ବର୍ତ୍ତମାନ, ଭବିଷ୍ୟତ ରୂପରେ ସଜାଇ ଦିଏ। ଗତକାଲି ଆଜି ଆସନ୍ତାକାଲି କହି ଏକ ପ୍ରକାର ସୀମାରେଖା ଟାଣିଦିଏ। ମାତ୍ର ବର୍ତ୍ତମାନ, ଅତୀତରେ ପରିଣତ ହୋଇଯାଏ। ଆଜି ଚାଲିଗଲେ ଗତକାଲି ନାମରେ ନାମିତ ହେବ। ଭବିଷ୍ୟତ ଆସି ବର୍ତ୍ତମାନରେ ପହଞ୍ଚିଯିବ। ଏ ସମସ୍ତ ମଣିଷ ମନର ଏକ କଳ୍ପନା ମାତ୍ର। ଯାହା ଚାଲିଗଲା ତାହା ଚିରଦିନ ପାଇଁ ଚାଲିଗଲା। ଶତଚେଷ୍ଟା କଲେ ମଧ୍ୟ ତାହା ଆଉ କେବେହେଲେ ଫେରି ଆସିବ ନାହିଁ। ଭବିଷ୍ୟତ ଅନ୍ଧକାର ମର୍ତ୍ତରେ। ତା' ସମ୍ପର୍କ ଆମ୍ଭମାନଙ୍କର ଧାରଣା ନାହିଁ। ତେଣୁ ଗତକାଲି ଆସନ୍ତାକାଲିକୁ ଛାଡ଼ି ଆମକୁ ଆଜି ପାଇଁ ବଞ୍ଚିବାକୁ ହେବ। ଆଜି ଯେଉଁ କର୍ମପନ୍ଥା ସ୍ଥିର କରିନେବାକୁ ହେବ। ଖୁବ ଦ୍ରୁତଗତିରେ ଖୁବ ବିଚକ୍ଷଣତାର ସହିତ ସମୟ ତାଳଦେଇ ଆଗେଇ ଯିବାକୁ ହେବ। ଆଗେଇ ଯିବାର ସହଜ, ସୁନ୍ଦର, ସୁଲଭ ମାର୍ଗ ହେଉଛି ଭଗବତ ନାମ ସଂକୀର୍ତ୍ତନର ପଥ। ଉତ୍କଳ ଜ୍ୟୋତିଷ୍କ ମାର୍ଗ। ସେ ପଥରେ ଗଲେ ଝୁଣ୍ଟି ପଡ଼ିବାର ଡର ନାହିଁ। କାଳର କରାଳ କବଳରେ ପଡ଼ିଯିବାର ଭୟ ନାହିଁ। ସମୟର ସୁଅରେ ଭାସିଯିବାର ଆଶଙ୍କା ନାହିଁ।

**ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**

ନ୍ୟାସନାଲ ହେରାଲ୍ଡ ମାମଲା

# ରାହୁଲ ଓ ସୋନିଆ ଗାନ୍ଧିଙ୍କୁ ନୋଟିସ୍



## ଆବେଦନ ରୁଜୁ କରିଥିଲା ଇଡି

## ପରବର୍ତ୍ତି ଶୁଣାଣି ମାର୍ଚ୍ଚରେ କରାଯିବ

ନୂଆଦିଲ୍ଲୀ, ୨୨।୧୨: ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ଦିଲ୍ଲୀ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ମାମଲାରେ କୋର୍ଟ କଂଗ୍ରେସର ଦୁଇ ନେତାଙ୍କୁ ଜବାବ ତଲବ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କ ସେହି ନିବେଦନ ଉପରେ ଏହି ନୋଟିସ୍ ଜାରି ହୋଇଛି ଯେଉଁଥିରେ ଟ୍ରାୟଲ କୋର୍ଟଙ୍କ ପକ୍ଷରୁ ମନିଲଣ୍ଡରିଂ ମାମଲାକୁ ଖାରଜ କରିଦିଆଯାଇଥିବା ଏଜେନ୍ସୀ ଅଭିଯୋଗ କରିଛି। ଟ୍ରାୟଲ କୋର୍ଟ କହିଥିଲେ ଯେ, ପୂର୍ବରୁ ଦିଲ୍ଲୀ ପୁଲିସର ଆର୍ଥିକ ଅପରାଧ ଶାଖା ଏହି ମାମଲାର ଯାଞ୍ଚ କରୁଛି। ଏଣୁ ମନିଲଣ୍ଡରିଂ ଆଧାରରେ କେସ୍ କୁ ଆଗକୁ ବଢାଯାଇ ପାରିବନି। ଟ୍ରାୟଲ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଇଡି ହାଇକୋର୍ଟକୁ ଯାଇଛି। ଏହା ଉପରେ ଏବେ ବେଞ୍ଚ ସୋନିଆ ଓ ରାହୁଲ ଗାନ୍ଧିଙ୍କୁ ନୋଟିସ୍ ଜାରି କରିଥିବା ବେଳେ ଜବାବ ତଲବ କରିଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ମାର୍ଚ୍ଚ ୨୦୨୬ରେ ହେବ। ତେବେ ଗାନ୍ଧି ପରିବାରକୁ ମାମଲାରେ ରାଉଜ ଏଭେନ୍ୟୁ କୋର୍ଟଙ୍କ ନିଷ୍ପତ୍ତି ଆଶ୍ୱସ୍ତ କରିଥିଲା। ବିଚାରପତି କହିଥିଲେ ଯେ. ଏହି ମାମଲାକୁ ମନିଲଣ୍ଡରିଂ ଆଧାରରେ ରୁଜୁ କରାଯାଇ ପାରିବନି। କାରଣ ସୁବ୍ରମଣ୍ୟମ ସ୍ୱାମୀଙ୍କ ପକ୍ଷରୁ ସିଧା କୋର୍ଟଙ୍କୁ ଦିଆଯାଇଥିବା ଆବେଦନରେ ଏହି ମାମଲା ରୁଜୁ ହୋଇଥିଲା।

ଏହି ମାମଲାରେ ଆର୍ଥିକ ହେରଫେର ଧରାପଡିଥିବା ନେଇ ସେପରି କିଛି ନଥିଲା। ଏହା ପରେ ଏଫଆଇଆର ରୁଜୁ ହୋଇଛି। ଏଣୁ ଦିଲ୍ଲୀ ପୁଲିସ ଆର୍ଥିକ ଅପରାଧ ଶାଖା ପକ୍ଷରୁ ମାମଲାର ଯାଞ୍ଚ ପୂରା ହେବା ଦରକାର। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ କଂଗ୍ରେସ ଏବେ ଆକ୍ରମକ ସ୍ଥିତିକୁ ଆସିଯାଇଛି। ପାର୍ଟି କହିଛି ଯେ, ସରକାରଙ୍କ ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନର କୋର୍ଟ ପର୍ଦ୍ଦାଫାସ କରିଛନ୍ତି। ସରକାର ଇଡିକୁ ଉତ୍ପୀଡ଼ନର ଜରିଆ କରିଛନ୍ତି। ତେବେ କୋର୍ଟ ଏହା ଉପରେ ରୋକ ଲଗାଇ ଦେଇଛନ୍ତି। ଏବେ ଏହି ମାମଲାର ପରବର୍ତ୍ତି ଶୁଣାଣି ପାଇଁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ରାହୁଲ ଗାନ୍ଧି ଓ ସୋନିଆ ଗାନ୍ଧିଙ୍କୁ ପଚରା ଉଚରା ମଧ କରାଯାଇଛି।

ବିପଦରେ ୯ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଜୀବନ

# ବାଂଲାଦେଶରୁ ଉଦ୍ଧାର ଲାଗି ମୋଦିଙ୍କୁ ଚିଠି

ନୂଆଦିଲ୍ଲୀ/ଢାକା, ୨୨।୧୨: ବାଂଲାଦେଶରେ ପରିସ୍ଥିତି ଉଗ୍ରରୂପ ଧାରଣ କରୁଛି। ସବୁଆଡ଼େ ବିକ୍ଷୋଭ ଓ ପୋଡ଼ାଜଳା ଲାଗି ରହିଛି। ଭାରତ ବିରୋଧୀ ଆଭିମୁଖ୍ୟ ରଖି ଏଠାକାର କଟ୍ଟରପନ୍ଥୀମାନେ ଭାରତୀୟଙ୍କୁ ଟାର୍ଗେଟ କରୁଛନ୍ତି। ତୁରନ୍ତ ଏଠାରୁ ଆମକୁ ଭାରତ ସୁରକ୍ଷିତ ଭାବେ




ଫେରାଇ ନେବାର ବ୍ୟବସ୍ଥା କରନ୍ତୁ ବୋଲି ବାଂଲାଦେଶରେ ଡାକ୍ତରୀ ପାଠ ପଢ଼ିବାକୁ ଯାଇଥିବା ଭାରତୀୟ ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଅନୁରୋଧ କରିଛନ୍ତି। ଜମ୍ମୁ-କଶ୍ମୀରର ୪ ହଜାର ଛାତ୍ରଛାତ୍ରୀଙ୍କୁ ମିଶାଇ ପ୍ରାୟ ୯ ହଜାରରୁ ଊର୍ଦ୍ଧ୍ୱ ଡାକ୍ତରୀ ଛାତ୍ରଛାତ୍ରୀ ମୋଦିଙ୍କ ସହଯୋଗ ଲୋଡ଼ିଛନ୍ତି। ଜମ୍ମୁ-କଶ୍ମୀର ଛାତ୍ରସଂଘ (ଜେକେଏସଏ) ପକ୍ଷରୁ ଏହି ଚିଠି ଦିଆଯିବା ପରେ ସରକାର ତତ୍ପର ହୋଇ ଉଠିଛନ୍ତି। ଛାତ୍ରଛାତ୍ରୀମାନଙ୍କ ପରିବାର ଲୋକ ଚିନ୍ତାରେ ଥିବା ବେଳେ ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏଥିସହ ସର୍ବଭାରତୀୟ ଡାକ୍ତରୀ ଛାତ୍ର ସଂଘ (ଏଆଇଏମଏସଏ) ପକ୍ଷରୁ ମଧ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ତୁରନ୍ତ ଭାରତ ହସ୍ତକ୍ଷେପ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

ବାଂଲାଦେଶର ଯୁବ ନେତା ଶରିଫ୍ ଓସମାନ ହାଦିଙ୍କ ମୃତ୍ୟୁ ପରେ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଗତବର୍ଷ ଶେଖ ହସିନାଙ୍କ ସରକାର ହଟାଇବାରେ ସେ ଜଣେ ମୁଖ୍ୟ ଚେହେରା ଥିଲେ। ତାଙ୍କ ମୃତ୍ୟୁ ପରେ ବାଂଲାଦେଶରେ ବ୍ୟାପକ ହିଂସା ଦେଖାଦେଇଥିଲା। ଭାରତ ବିରୋଧରେ ପ୍ରଦର୍ଶନ କରାଯାଉଛି ଓ ପୋଡ଼ିଜଳା ଜାରି ରହିଛି। ଭାରତ ସରକାର ତୁରନ୍ତ ଆମ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଲାଗି ବ୍ୟବସ୍ଥା କରନ୍ତୁ ବୋଲି ଏହି ଭୟଭୀତ ଡାକ୍ତରୀ ଛାତ୍ରଛାତ୍ରୀମାନେ ଦର୍ଶାଇଛନ୍ତି। ହଷ୍ଟେଲରେ ରହିବା ଆଉ ସୁରକ୍ଷିତ ନୁହେଁ ବୋଲି ସେମାନେ ଅନୁଭବ କରୁଛନ୍ତି। ବାଂଲା ନେତାଙ୍କ ଭାରତ ବିରୋଧୀ ମନ୍ତବ୍ୟ ଓ ହିଂସାକାଣ୍ଡ ଭିଆଇବା ଚକ୍ରାନ୍ତ ବଢୁଥଇବାରୁ ତୁରନ୍ତ ସୁରକ୍ଷିତ ଭାରତ ପ୍ରତ୍ୟାବର୍ତ୍ତନ ଜରୁରୀ ବୋଲି ଏହି ଛାତ୍ରଛାତ୍ରୀମାନେ ନିବେଦନ କରିଛନ୍ତି।

## ଭାରତୀୟଙ୍କ ଭିସା ସେବା ବନ୍ଦକଲା ବାଂଲାଦେଶ

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ବଡ଼ ଧରଣର ଅବନତି ଘଟିଛି। ଗୋଟିଏ ପଟେ ଭାରତ ଚଟ୍ଟଗ୍ରାମରେ ଭିସା ସେବା ସ୍ଥଗିତ ରଖିଥିବା ବେଳେ, ଏହାର ପାଲଟା ଜବାବରେ ବାଂଲାଦେଶ ମଧ ସୋମବାର ଠାରୁ ନୂଆଦିଲ୍ଲୀ ସ୍ଥିତ ନିଜର ହାଇକମିଶନରେ ଭାରତୀୟଙ୍କ ପାଇଁ ଭିସା ଓ କନସୁଲାର ସେବାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଛି। ବାଂଲାଦେଶର ଜଣେ ପ୍ରମୁଖ ଯୁବ ନେତା ଶରିଫ୍ ଓସମାନ ହାଦିଙ୍କ ମୃତ୍ୟୁ ପରେ ପରିସ୍ଥିତି ଜଟିଳ ହୋଇଛି। ଗତବର୍ଷ ଶେଖ ହସିନାଙ୍କ ସରକାର ହଟାଇବାରେ ସେ ଜଣେ ମୁଖ୍ୟ ଚେହେରା ଥିଲେ। ତାଙ୍କ ମୃତ୍ୟୁ ପରେ ବାଂଲାଦେଶରେ ବ୍ୟାପକ ହିଂସା ଦେଖାଦେଇଥିଲା। ଚଟ୍ଟଗ୍ରାମ ସ୍ଥିତ ଭାରତୀୟ ସହକାରୀ ହାଇକମିଶନ ସମ୍ମୁଖରେ ବିକ୍ଷୋଭ ଏବଂ ସୁରକ୍ଷା ଜନିତ ସମସ୍ୟା ଦେଖାଦେବାରୁ, ଭାରତ ରବିବାର ଠାରୁ ସେଠାରେ ଭିସା ଆବେଦନ କେନ୍ଦ୍ରକୁ ବନ୍ଦ କରିଦେଇଥିଲା। ଜବାବରେ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ମିଶନ ପକ୍ଷରୁ କୁହାଯାଇଛି, 'ଅପରିହାର୍ଯ୍ୟ ପରିସ୍ଥିତି' ଯୋଗୁଁ ସମସ୍ତ ଭିସା ସେବାକୁ ସାମୟିକ ଭାବେ ବନ୍ଦ କରାଗଲା।

ବାଂଲାଦେଶ ସରକାରଙ୍କୁ କଡ଼ା ନିନ୍ଦା କଲେ ହସିନା

# ସରକାର ଆଇନଶୃଙ୍ଖଳା ରକ୍ଷା ଲାଗି ଅକ୍ଷମ



ଢାକା, ୨୨।୧୨: ବାଂଲାଦେଶରେ ହିଂସା ନେଇ ମଧ୍ୟବର୍ତ୍ତୀ ସରକାରଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦାୟୀ କରିଛନ୍ତି। ମଧ୍ୟବର୍ତ୍ତୀ ସରକାର ଦେଶରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଥିବା ହସିନା ଅଭିଯୋଗ କରିଛନ୍ତି। ବାଂଲାଦେଶରେ ଛାତ୍ରନେତା ସରିଫ୍ ଓସମାନ ହାଦିଙ୍କୁ ହତ୍ୟାର ପ୍ରତିବାଦରେ ହାଦିଙ୍କ ସମର୍ଥକମାନେ ଦେଶରେ ବ୍ୟାପକ ହିଂସା ଘଟାଇଛନ୍ତି। ବ୍ୟାପକ ଭଙ୍ଗାରୁଜା ଓ ଜଳାପୋଡ଼ା ହୋଇଛି। ହିଂସାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ ସରକାର। ଆନ୍ଦୋଳନକାରୀ ହିନ୍ଦୁଙ୍କୁ ଟାର୍ଗେଟ୍ କରୁଛନ୍ତି। ଭାରତୀୟ ଦୂତାବାସ ଉପରେ ମଧ ଆକ୍ରମଣ ହୋଇଛି। ଏଭଳି ସ୍ଥିତିରେ ବାଂଲାଦେଶର କାମଚଳା ସରକାର ନିଜର ଅକ୍ଷମତା ପ୍ରକାଶ କରିଥିବା ସେ ପ୍ରକାଶ କରିଛନ୍ତି।

ନିର୍ବାଚନ କମିଶନ ଓ ବିଜେପି ଉପରେ ବର୍ଷିଲେ ମମତା

# କେନ୍ଦ୍ରୀୟ କର୍ମଚାରୀ ଏସ୍ଆଇଆର୍ ପାଇଁ ଅଯୋଗ୍ୟ

କୋଲକାତା, ୨୨।୧୨: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅଡୁଆ ଏସଆଇଆର। ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ (ଏସଆଇଆର)କୁ ବିରୋଧ କରିଆସିଛନ୍ତି ଟିଏମସି ସୁପ୍ରିମୋ। ଏବେ କେନ୍ଦ୍ରୀୟ କର୍ମଚାରୀଙ୍କର ଜ୍ଞାନ କମ୍ ଏବଂ ସେମାନେ ଏସଆଇଆର ପ୍ରକ୍ରିୟା ଲାଗି ଅଯୋଗ୍ୟ ବୋଲି ଅଭିଯୋଗ କରିଛନ୍ତି ମମତା। ଏସଆଇଆରରେ ଅନେକ ଭୁଲ ରହିଛି ଏବଂ ନିର୍ବାଚନ କମିଶନ ବିଜେପି ଇସାରାରେ କାମ କରୁଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି, 'ନିର୍ବାଚନ କମିଶନ କେବଳ ବିଜେପିର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ଏସଆଇଆର ପ୍ରକ୍ରିୟା ସମୟରେ ନିଷ୍କ୍ରିୟ ରହିଥିବା ତୃଣମୂଳ କଂଗ୍ରେସ କାଉନସିଲରମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟିଏମସି ମୁଖ୍ୟ ଦାବି କରିଛନ୍ତି ଯେ, ଏସଆଇଆର ପାଇଁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କେନ୍ଦ୍ରୀୟ ଅଧିକାରୀମାନଙ୍କର ସ୍ଥାନୀୟ



ଭାଷା ବିଷୟରେ ଜ୍ଞାନ ନାହିଁ ଏବଂ ସେମାନେ ଏସଆଇଆର ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟ ସମୟରେ ଯାଞ୍ଚ କରିବାକୁ ଅଯୋଗ୍ୟ। ଟିଏମସି ମୁଖ୍ୟ କହିଛନ୍ତି, ବିଜେପି ପ୍ରାୟ ୧ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଇବାକୁ ଚେଷ୍ଟା କରୁଛି, ଯାହା ଗଣତନ୍ତ୍ରକୁ ଦୁର୍ବଳ କରିବା ସହିତ ସମାନ। ବର୍ଦ୍ଧମାନ ଜିଲ୍ଲାକୁ ଅନ୍ୟ ରାଜ୍ୟରୁ ବିଶେଷ କରି ବିହାରରୁ ଲୋକଙ୍କୁ ଆଣିବାକୁ ପ୍ରୟାସ କରାଯାଉଛି।'

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ସେମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଚାହୁଁଛନ୍ତି। ମତୁଆ ଏବଂ ଆଦିବାସୀ ସମ୍ପ୍ରଦାୟ ଆଉ ଭୋଟ ଦେଇପାରିବେ ନାହିଁ କି ? ସେମାନେ ଦୁଇ ମାସରେ ଏକ କାର୍ଯ୍ୟ ସମାପ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଯାହା ଦୁଇ ବର୍ଷ ଲାଗିବା ଉଚିତ ଥିଲା। ବିଜେପି ସମସ୍ତ ଏଜେନ୍ସିକୁ ନିଜ ଏଜେଣ୍ଟରେ ପରିଣତ କରିଛି। ସୀମା ନିର୍ଦ୍ଧାରଣ ପରେ, ଏବେ ୧୪୪ଟି ୱାର୍ଡ ଅଛି। ଜ୍ଞାନେଶ କୁମାରଙ୍କ ଅଧିକାରୀମାନେ ଏ ବିଷୟରେ ଚିନ୍ତା କରିଛନ୍ତି କି ? ବିଏଲଓମାନଙ୍କୁ ପର୍ଯ୍ୟାପ୍ତ ତାଲିମ ଦିଆଯାଇଛି କି ବୋଲି ମମତା ବାନାର୍ଜୀ ପ୍ରଶ୍ନ କରିଛନ୍ତି ।

## ମସ୍କୋରେ ଭୟଙ୍କର କାର ବିସ୍ଫୋରଣ

# ପୁଟିନଙ୍କ ଘନିଷ୍ଠ ସହଯୋଗୀ ଫାନିଲ ମୃତ





ମସ୍କୋ, ୨୨।୧୨: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏକ ବଡ଼ ଝଟକା ଲାଗିଛି। ସୋମବାର ମସ୍କୋରେ ଏକ କାର ବିସ୍ଫୋରଣରେ ଭ୍ଲାଦିମିର ପୁଟିନଙ୍କ ସେନାର ଅପରେସନାଲ୍ ତାଲିମ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଫାନିଲ ସର୍ବାରୋଭଙ୍କ ମୃତ୍ୟୁ ହୋଇଛି। ଏହି ବିଭାଗ ସାମରିକ ବାହିନୀର ତାଲିମ ଏବଂ ଯୁଦ୍ଧ ପ୍ରସ୍ତୁତିର ତଦାରଖ କରେ। ଏହି ବିଭାଗକୁ ରୁଷର ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା ନୀତି ସହିତ ସିଧାସଳଖ ଜଡିତ ବୋଲି ବିବେଚନା କରାଯାଏ। ଫାନିଲ ସର୍ବାରୋଭଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ରିପୋର୍ଟ ଅନୁସାରେ, ମସ୍କୋର ଏକ ଆପାର୍ଟମେଣ୍ଟ ନିକଟରେ ଥିବା କାର ପାର୍କିଂରେ ବିସ୍ଫୋରଣ ଘଟିଥିଲା। ଆକ୍ରମଣ ପଛରେ ୟୁକ୍ରେନୀୟ ଗୁଇନ୍ଦା ସଂସ୍ଥାର ହାତ ଥିବା ସନ୍ଦେହ କରାଯାଉଛି। ୟୁକ୍ରେନ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ବିବୃତ୍ତି ଜାରି କରିନାହାନ୍ତି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ବିସ୍ଫୋରଣ ସମୟରେ ଲେଫ୍ଟନାଣ୍ଟ ଜେନେରାଲ ତାଙ୍କ କାରରେ ଥିଲେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ତାଙ୍କ ଉପରେ କାରର ଖଣ୍ଡବିଖଣ୍ଡିତ କାଚ ବାଜିଥିଲା ଏବଂ ତାଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରୁଷିଆ ତଦନ୍ତକାରୀ ସଂସ୍ଥା ଏହି ଘଟଣାକୁ ଅତି ଭୟଙ୍କର ବୋଲି କହିଛି। ରାଜଧାନୀରେ ଏପରି ଜଣେ ବରିଷ୍ଠ ରୁଷୀୟ ସାମରିକ ଅଧିକାରୀଙ୍କୁ ଟାର୍ଗେଟ କରାଯିବା ପରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ଏକ ବଡ଼ ସୁରକ୍ଷା ତ୍ରୁଟି ବୋଲି କୁହାଯାଉଛି। ୟୁକ୍ରେନରେ ଚାଲିଥିବା ସଂଘର୍ଷ ମଧ୍ୟରେ, ଏହି ଘଟଣା ରୁଷର ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହି ଆକ୍ରମଣ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ରାଜନୈତିକ ଏବଂ ସାମରିକ ଚାପକୁ ଆହୁରି ବୃଦ୍ଧି କରିପାରେ ବୋଲି ବିଶ୍ୱାସ କରାଯାଉଛି।

ବାଂଲାଦେଶରେ ଆଉ ଜଣେ ଭାରତ ବିରୋଧୀ ନେତାଙ୍କୁ ଗୁଳିମାଡ଼

# ଉଷ୍ମାନ ହାଦୀ ପରେ ମହମଦ ଶିକଦରକୁ ଗୁଳି





**ଖୁଲନା, ୨୨।୧୨:** ବାଂଲାଦେଶରେ ଛାତ୍ର ନେତା ଉଷ୍ମାନ ହାଦୀର ହତ୍ୟା ପରେ ବ୍ୟାପ୍ତ ହିଂସା ଥମିବା ପୂର୍ବରୁ ଆଉ ଏକ ସମାନ ଘଟଣା ଘଟିଯାଇଛି। ଅଜ୍ଞାତ ଆକ୍ରମଣକାରୀ ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି) ନେତାଙ୍କ ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣା ଦେଶରେ ଜାରି ଉତ୍ତେଜନାକୁ ଆହୁରି ବଢେଇ ଦେଇଛି। ସୂତ୍ର ଅନୁସାରେ ବିଏନପିର ଖୁଲନା ମଣ୍ଡଳ ପ୍ରମୁଖ ମହମଦ ମୋତଲେବ ଶିକଦରକୁ ସୋମବାର ଗୁଳି କରାଯାଇଛି। ଗୁଳି ତା ମୁଣ୍ଡର ବାମପଟେ ବାଜିଛି। ଗୁଳିମାଡରେ ଆହତ ଶିକଦରକୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବା ବେଳେ ତାର ଚିକିତ୍ସା ଜାରି ରହିଛି। ତା ସ୍ୱାସ୍ଥ୍ୟାବସ୍ଥା ଉପରେ ଲଗାତାର ନଜର ରଖାଯାଇଛି। ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଗତ ସପ୍ତାହରେ ସରିଫ ଉଷ୍ମାନ ହାଦୀର ମୃତ୍ୟୁ ପରେ ଦେଶରେ ହିଂସାତ୍ମକ ବିରୋଧ ଜାରି ରହିଛି। ହାଦୀର ହତ୍ୟା ପରେ କେତେକ ସହରରେ ସଡ଼କ ଜାମ, ଭଙ୍ଗାରୁଜା ଓ ସଂଘର୍ଷର ଘଟଣା ସାମ୍ନାକୁ ଆସିଛି। ମୋତେଲବ ଶିକଦର ଉପରେ ସେତେବେଳେ ଗୁଳିମାଡ଼ ହୋଇଛି ଯେତେବେଳେ ସେ ଖୋଲାଖୋଲି ଦିଲ୍ଲୀ ବିରୋଧୀ ଶକ୍ତିଙ୍କୁ ଢାକା ଶରଣ ଦେବ ବୋଲି ଘୋଷଣା କରିଥିଲା। ଏହି ବୟାନବାଜୀକୁ ନେଇ ଭାରତ ଓ ବାଂଲାଦେଶ ସମ୍ପର୍କରେ ମଧ ତିକ୍ତତା ବଢ଼ିଯାଇଛି। ଉଷ୍ମାନ ହାଦୀ ଭଳି ଶିକଦର ମଧ ଭାରତର ନର୍ଥ-ଇଷ୍ଟ ରାଜ୍ୟଙ୍କୁ ଭାରତରୁ ପୃଥକ କରିବାକୁ ସହଯୋଗ କରିବ ବୋଲି କହିଥିଲା।

● ଦେଶରେ ୬୮ କୋଟି ଇମେଲ୍ ପାସୱାର୍ଡ ଲିକ୍

# ହାଇ ଆଲର୍ଟରେ ମଧ୍ୟପ୍ରଦେଶ ସାଇବର ସେଲ୍

**ନୂଆଦିଲ୍ଲୀ, ୨୨।୧୨:** ଦେଶବ୍ୟାପୀ ୬୮ କୋଟିରୁ ଅଧିକ ଇମେଲ୍ ଆକାଉଣ୍ଟ ଏବଂ ପାସୱାର୍ଡ ଲିକ୍ ହେବା ଘଟଣା ସାମ୍ନାକୁ ଆସିଛି। ଏହି ଖବର ମିଳିବା ପରେ, ମଧ୍ୟପ୍ରଦେଶ ସାଇବର ସେଲ୍ ସତର୍କ ହୋଇଯାଇଛି। ଅନେକ ତଦନ୍ତ ସଂସ୍ଥା ମଧ ସତର୍କ ହୋଇଯାଇଛନ୍ତି। ମଧ୍ୟପ୍ରଦେଶ ରାଜ୍ୟ ସାଇବର ସେଲ୍ ଏକ ନିର୍ଦ୍ଦେଶାବଳୀ ଜାରି କରି କହିଛି ଯେ, ଇମେଲ୍ ବ୍ୟବହାରକାରୀମାନେ ସେମାନଙ୍କର ପାସୱାର୍ଡ ପୁନଃ ସେଟ୍ କରନ୍ତୁ। ଦେଶରେ ଯେଉଁ ୬୮ କୋଟି ଇମେଲ୍ ପାସୱାର୍ଡ ଲିକ୍ ହୋଇଛି ବୋଲି କୁହାଯାଉଛି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଇମେଲ୍ ମଧ୍ୟପ୍ରଦେଶର ବୋଲି ଜଣାପଡ଼ିଛି। ସାଇବର ସେଲର ପରାମର୍ଶଦାତା କହିଛନ୍ତି ଯେ, ଇମେଲ ଆକାଉଣ୍ଟ ହ୍ୟାକିଂ କରି ସାଇବର ଠକମାନେ ଇଣ୍ଟରନେଟ୍ ବ୍ୟାଙ୍କିଂ, ଡିଜିଟାଲ୍ ୱାଲେଟ୍ ଏବଂ ଅନ୍ୟାନ୍ୟ ଆପ୍ ଭଳି ଅନ୍ୟାନ୍ୟ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ମଧ୍ୟ ଆକ୍ସେସ୍ କରିପାରିବେ। ଏହାକୁ ଏଡାଇବା ପାଇଁ, ତୁରନ୍ତ ଆପଣଙ୍କର ପାସୱାର୍ଡ ପୁଣି ଥରେ ସେଟ୍ କରନ୍ତୁ। ସମୟ ଅନୁଯାୟୀ ପାସୱାର୍ଡ ପରିବର୍ତ୍ତନ, ଟୁ-ଷ୍ଟେପ ଅଥେଣ୍ଟିକେସନ ଏବଂ ବିଭିନ୍ନ ସେବା ପାଇଁ ଭିନ୍ନ ଭିନ୍ନ ପାସୱାର୍ଡ ରଖିବା ଗୁରୁତ୍ୱପୂର୍ଣ୍ଣ।

ବାଂଲାଦେଶ ଉପରେ ରହିବ ତୀକ୍ଷ୍ଣ ନଜର

# ମିଜୋରାମରେ ହେବ ସେନାର ନୂଆ ଘାଟି

ନୂଆଦିଲ୍ଲୀ, ୨୨।୧୨: ପଡ଼ୋଶୀ ବାଂଲାଦେଶ ଏବେ ଜଳୁଛି। ବିଶେଷକରି ବାଂଲାଦେଶର ଛାତ୍ରନେତା ଓ ପ୍ରଖର ଭାରତ ବିରୋଧୀ ଉସମାନ ହାଦି ମୃତ୍ୟୁବରଣ କରିବା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଏହି ଘଟଣା ପରେ ସେଠାରେ ଭାରତ ବିରୋଧୀ ମନୋଭାବ ବଢିବାରେ ଲାଗିଛି। କାରଣ ସେଠାକାର ଲୋକମାନେ ଭାବୁଛନ୍ତି ଏହି ହତ୍ୟା ପଛରେ ଭାରତ ରହିଛି। ଏପରିକି ଖୋଦ ଅସ୍ଥାୟୀ ସରକାରର ମୁଖିଆ ମହମ୍ମଦ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ଖୋଲାଖୋଲି ଧମକ ଦେଉଛି। ଏଥିପାଇଁ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରସ୍ଥିତ ଚୋପ୍ରା, ବିହାରର କିଶନଗଞ୍ଜ ଓ ଆସାମର ବାମୁନିଠାରେ ଭାରତୀୟ ସେନା ନିଜର ସାମରିକ ଘାଟି ପ୍ରତିଷ୍ଠା କରିଛି। ଏବେ ବାଂଲାଦେଶକୁ ସଂପୂର୍ଣ୍ଣ ଅଣନିଶ୍ୱାସୀ କରିବାକୁ ମିଜୋରାମରେ ଏକ ୪ର୍ଥ ସେନାଘାଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ନିକଟରେ ଭାରତୀୟ ସେନାର ପୂର୍ବାଞ୍ଚଳ କମାଣ୍ଡ ଜିଓସି ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରି ମିଜୋରାମ ଗସ୍ତ କରି ଜମି ଚିହ୍ନଟ କରିଛି। ଏହି ୪ଟି ସାମରିକ ଘାଟିକୁ ଏପରି ସ୍ଥାନରେ ତିଆରି କରାଯାଉଛି ଯେପରି ନିର୍ଦ୍ଦେଶ ମିଳିବା ମାତ୍ରେ ବାଂଲାଦେଶକୁ ଉପଯୁକ୍ତ ଶାସ୍ତି ଦେଇପାରିବେ।




କିଛି ମାସ ପୂର୍ବେ ନିଜର ଚୀନ ଗସ୍ତ କାଳରେ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ସଂକେତ ଦେଇଥିଲା। ଗତ ମାସରେ ପାକିସ୍ତାନର ଜଣେ ସେନାଧିକାରୀ ଢାକା ଗସ୍ତରେ ଆସିଥିବା ବେଳେ ତାଙ୍କୁ ଏକ ବିବାଦୀୟ ମାନଚିତ୍ର ଦିଆଯାଇଥିଲା ଯେଉଁଥିରେ ଭାରତର ଅଞ୍ଚଳ ରହିଥିଲା। ନିକଟରେ ବାଂଲାଦେଶର ଆଉ କେତେକ ନେତା ବାରମ୍ବାର ଭାରତର ସିଲିଗୁଡ଼ି କରିଡରକୁ କାଟିଦେବାକୁ ଓ ଉତ୍ତର-ପୂର୍ବକୁ ଅଲଗା କରିଦେବାକୁ ଧମକ ଦେଇଚାଲିଛନ୍ତି। ଆଉ ଜଣେ ନେତା ଧମକ ଦେଇଛନ୍ତି ଯେ ଭାରତର ବିଚ୍ଛିନ୍ନତାବାଦୀଙ୍କୁ ବାଂଲାଦେଶରେ ଶରଣ ଦିଆଯିବ। କେବଳ ଧମକ ନୁହେଁ, ଭାରତ ବିରୋଧୀ ଉଲଫା ସଂଗଠନର ନେତା ପରେଶ ବରୁଆଙ୍କୁ ଢାକାରେ ଅବସ୍ଥାପିତ କରିବାକୁ ଚକ୍ରାନ୍ତ ଚାଲିଛି। ଏସବୁ ଭାରତ ବିରୋଧୀ ଚକ୍ରାନ୍ତ ଲାଗି ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁପ୍ରକାରର ସହଯୋଗ କରିଚାଲିଛି।

ଭାରତ ବାଂଲାଦେଶର ନିର୍ବାଚନକୁ ଅପେକ୍ଷା କରିଛି। ନିର୍ବାଚନ ପୂର୍ବରୁ ନିଜ ଦେଶରେ ଭାରତ ବିରୋଧୀ ନିଆଁକୁ ତେଜି ମହମ୍ମଦ ୟୁନୁସ ନିଜ ପାଇଁ ସୁବିଧାଜନକ ସ୍ଥିତି ତିଆରି କରିବା ଲକ୍ଷ୍ୟରେ ଅଛନ୍ତି। ଏଣୁ ଭାରତ ୟୁନୁସଙ୍କ ଏହି ଯୋଜନାକୁ ପଣ୍ଡ କରିବାକୁ ଚୁପ ରହିଛି। ଗୋଟିଏ ପଟେ ଭାରତ ଚୁପ ରହିଛି ସତ, କିନ୍ତୁ ଚୁପଚାପ ରହି ନିଜର କାମ କରିଚାଲିଛି। ନୀରବରେ ଭାରତୀୟ ସେନା ବାଂଲାଦେଶକୁ ଘେରିବାକୁ ପ୍ରସ୍ତୁତ ହେଉଛି। ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରି ବାଂଲାଦେଶର ତଣ୍ଟି ମୋଡ଼ିବାକୁ ଭାରତୀୟ ସେନା ପ୍ରସ୍ତୁତ ହେଉଛି।

ଅପରେସନ୍ ସିନ୍ଦୂର ପରେ ପୁଣି ଷଡ଼ଯନ୍ତ୍ର କରୁଛି ପାକିସ୍ତାନ

# ହାଇ-ଆଲର୍ଟରେ ଭାରତୀୟ ସେନା

ନୂଆଦିଲ୍ଲୀ, ୨୨।୧୨: ବିଏସଏଫର ବଡ଼ ସୂଚନା। ସୀମା ଆରପାରିରେ ପୁଣି ସକ୍ରିୟ ଆତଙ୍କବାଦୀ କ୍ୟାମ୍ପ। ପାକିସ୍ତାନ ସୀମାରେ ଜୈସ-ଇ-ମହମ୍ମଦର ୯ଟି ନୂଆ ଆଡ୍ଡା ଥିବା ସୂଚନା ମିଳିଛି। ଅପରେସନ୍ ସିନ୍ଦୂର ପରେ ପୁଣି ଷଡ଼ଯନ୍ତ୍ର କରୁଛି ପାକିସ୍ତାନ। ଘଟଣା ପରେ ହାଇ-ଆଲର୍ଟରେ ଅଛି ଭାରତୀୟ ସେନା। ଅନୁପ୍ରବେଶ ରୋକିବାକୁ କଡ଼ା ପହରା ଦିଆଯାଉଛି। ପାକିସ୍ତାନ ସୀମା ଭିତରେ ଅତିକମରେ ଜୈସ-ଇ-ମହମ୍ମଦର ୯ ଆତଙ୍କବାଦୀ ଆଡ୍ଡା ବା ଲଞ୍ଚ ପ୍ୟାଡ୍' ପୁଣି ସକ୍ରିୟ ଥିବା ବିଏସଏଫ ପକ୍ଷରୁ କୁହାଯାଇଛି। ଗତ ମେ ମାସରେ ଭାରତର 'ଅପରେସନ୍ ସିନ୍ଦୂର' ପରେ ବ୍ୟାପକ କ୍ଷତି ପରେ ଆଡ୍ଡାଗୁଡ଼ିକ ୪ରୁ ୫ ମାସ ଧରି ବନ୍ଦ ଥିଲା। କିନ୍ତୁ ଏବେ ସେଠାରେ ପୁଣି ଆତଙ୍କବାଦୀଙ୍କ ଚଳପ୍ରଚଳ ଦେଖିବାକୁ ମିଳୁଛି। ଆଡ୍ଡାଗୁଡ଼ିକ ଜମ୍ମୁ ସୀମାର ସାମ୍ବା ଓ କଠୁଆ ଜିଲ୍ଲା ସଂଲଗ୍ନ ପାକିସ୍ତାନୀ ଅଞ୍ଚଳରେ ରହିଛି।

ଆତଙ୍କବାଦୀ ଭାରତକୁ ପଶିବା ପାଇଁ ଏହି ସ୍ଥାନଗୁଡ଼ିକୁ ବ୍ୟବହାର କରୁଛନ୍ତି। କିନ୍ତୁ ବିଏସଏଫ୍ ର ଆଲର୍ଟରେ ଥିବାରୁ ସେମାନେ ସଫଳ ହୋଇପାରୁ ନାହାନ୍ତି। ମଇ ୭ ତାରିଖରେ ଅପରେସନ ସିନ୍ଦୂରରେ ଭାରତୀୟ ସେନା ପାକିସ୍ତାନର ଲଞ୍ଚ ପ୍ୟାଡ୍ କୁ ଧ୍ୱଂସ କରିଥିଲା। କିନ୍ତୁ ଏବେ ପାକିସ୍ତାନ ବିକଳ୍ପ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବିଏସଏଫ୍ ମହାନିର୍ଦ୍ଦେଶକ ପ୍ରବୀଣ କୁମାର ସୀମାବର୍ତ୍ତୀ ଅଞ୍ଚଳର ସୁରକ୍ଷା ସମୀକ୍ଷା କରିଛନ୍ତି। ସୀମା ନିକଟରେ ଥିବା ପ୍ରାୟ ୨୪ଟି ଗାଁରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଉଛି। ଜମ୍ମୁ-କାଶ୍ମୀର ପୁଲିସ ଓ ବିଏସଏଫ୍ ମିଳିତ ଭାବେ ଜିରୋ ଇନଫିଲଟ୍ରେସନ ଲକ୍ଷ୍ୟରେ କାମ କରୁଛନ୍ତି। ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ହାମଲା ପରେ ବଦଲା ନେବାକୁ ଭାରତ କରିଥିଲା ଅପରେସନ୍ ସିନ୍ଦୂର। ପାକିସ୍ତାନ ଭିତରେ ଥିବା ଆତଙ୍କବାଦୀ ମୁଖ୍ୟାଳୟ ଓ ଲଞ୍ଚ ପ୍ୟାଡ୍ ଉପରେ ମିସାଇଲ୍ ମାଡ ହୋଇଥିଲା। ଅପରେସନ୍ ସିନ୍ଦୂର ପରେ ପୁଣି ଷଡ଼ଯନ୍ତ୍ର କରୁଛି ପାକିସ୍ତାନ, ହାଇ-ଆଲର୍ଟରେ ଏବେ ଭାରତୀୟ ସେନା।

ରୁଷ-ୟୁକ୍ରେନ ଯୁଦ୍ଧଭୂମିରୁ ଗୁଜରାଟ ଯୁବକ ଗିରଫ

# ଭାରତୀୟ ଛାତ୍ରଙ୍କୁ ମୋହରା କରୁଛି ରୁଷ

ନୂଆଦିଲ୍ଲୀ, ୨୨।୧୨: ସେନାରେ ଯୋଗ ଦିଅ ଆଉ ଯୁଦ୍ଧ ଲଢ଼। ନଚେତ ଡ୍ରଗ୍ସ ମାମଲାରେ ଫସାଇଦେବୁ। ରୁଷ ସେନାରେ ଯୋଗ ଦେବା ପାଇଁ ବାଧ କରାଯିବା ଓ ପାଠ ପଢ଼ିବାକୁ ଯାଇଥିବା ଜଣେ ଛାତ୍ରଙ୍କୁ କିଭଳି ଅକଥନୀୟ ନିର୍ଯାତନା ଦିଆଯାଉଛି ତାହାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ଜଣେ ଛାତ୍ର ଖୋଦ ଏନେଇ ସୋସିଆଲ ମିଡିଆରେ ମୁହଁଖୋଲି କହିଛନ୍ତି। ସେ ଭାରତ ସରକାରଙ୍କୁ ତାଙ୍କୁ ମୁକୁଳାଇବା ପାଇଁ ଆକୁଳ ନିବେଦନ ମଧ କରିଛନ୍ତି। ଛାତ୍ରଙ୍କ କହିବା କଥା ଯେ, ସେ ପଢ଼ିବା ପାଇଁ ରୁଷ ଯାଇଥିଲେ, କିନ୍ତୁ ତାଙ୍କୁ ବଳପୂର୍ବକ ରୁଷ ସେନାରେ ଭର୍ତ୍ତି କରାଯାଇ ୟୁକ୍ରେନ ସୀମାକୁ ପଠାଯାଇଥିଲା। ଯେତେବେଳେ ସେ ପ୍ରତିବାଦ କଲେ, ତାଙ୍କୁ ମିଥ୍ୟା ଅଭିଯୋଗରେ ଧମକ ଦିଆଯାଇଥିଲା।

ଯୁବକ ଜଣଙ୍କୁ ସେନାରେ ଯୋଗଦେବାକୁ ବାଧ କରାଯାଇଥିଲା ଏବଂ ବର୍ତ୍ତମାନ ସେ ୟୁକ୍ରେନ ସୀମାରେ ଅଛନ୍ତି, ଯେଉଁଠାରୁ ସେ ଏକ ଭିଡିଓ ପଠାଇଥିଲେ, ତାଙ୍କ ଦୁଃଖଦ ଘଟଣା ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ଗୁଜରାଟର ମୋର୍ବି ଜିଲ୍ଲାର ବାସିନ୍ଦା ସାହିଲ ମହମ୍ମଦ ହୁସେନ ୟୁକ୍ରେନରୁ ଏକ ଭିଡିଓ



ବାର୍ତ୍ତା ପଠାଇଥିଲେ। ସେ ଭାରତୀୟମାନଙ୍କୁ ରୁଷ ସେନାରେ ଯୋଗ ନଦେବାକୁ ଅନୁରୋଧ କରିଥିଲେ। କାରଣ ସେ ପଢ଼ିବା ପାଇଁ ରୁଷ ଯାଇଥିଲେ, ତାଙ୍କୁ ଏକ ଡ୍ରଗ୍ସ ଚୋରାଚାଲାଣ ମାମଲାରେ ଫସାଇ ଦିଆଯାଇଥିଲା, ବଳପୂର୍ବକ

## ଜୋର ଜବରଦସ୍ତ ସେନାରେ ସାମିଲ କରାଯାଉଛି

## ରୁଷିଆ ସେନାରେ ସାମିଲ ନହେବାକୁ ପରାମର୍ଶ

## ଜୀବନ ବଞ୍ଚାଇବାକୁ ମୋଦୀଙ୍କୁ କଲେ ଅନୁରୋଧ

## ଏପର୍ଯ୍ୟନ୍ତ ୨୦୨ ଭାରତୀୟ ରୁଷିଆ ସେନାରେ ସାମିଲ

ସେନାରେ ଭର୍ତ୍ତି କରାଯାଇଥିଲା ଏବଂ ୟୁକ୍ରେନ ସୀମାକୁ ପଠାଯାଇଥିଲା। ସାହିଲ କହିଛନ୍ତି ଯେ, ଯେତେବେଳେ ସେ ୟୁକ୍ରେନ ସୀମାକୁ ଯାଇଥିଲେ, ସେତେବେଳେ ତାଙ୍କୁ ୟୁକ୍ରେନ ସେନା ଗିରଫ କରିଥିଲା। ଏପର୍ଯ୍ୟନ୍ତ ୨୦୨ ଭାରତୀୟ ଯୁବକଙ୍କୁ ରୁଷ ସେନାରେ ସାମିଲ କରାଯାଇଥିବା ଜଣାପଡ଼ିଛି। ଏଥିରୁ ୨୬ ଜଣଙ୍କ ମୃତ୍ୟୁ, ୭ ନିଖୋଜ ଥିବା ସୂଚନା ମିଳିଛି। ଏବେ ମଧ ୫୦ ଜଣ ଭାରତୀୟ ରୁଷିଆ ସେନାରେ ଫସି ରହିଛନ୍ତି।

ରୁଷରେ ପାଠପଢୁଥିବା ସମୟରେ ସେ ଏକ କୋରିଅର କମ୍ପାନୀରେ ପାର୍ଟ ଟାଇମ କାମ କରୁଥିଲେ। ଗୋଟିଏ ଦିନ, ରୁଷ ପୁଲିସ ତାଙ୍କୁ ଗିରଫ କରି ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ଫସାଇ ଦେଇଥିଲେ। ଯେତେବେଳେ ସେ ତାଙ୍କର କାଗଜପତ୍ର ଦେଖାଇଲେ, ତାଙ୍କୁ ରୁଷ ସେନାରେ ଯୋଗଦେବାର ସର୍ତ୍ତରେ ମୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତାଙ୍କୁ ରୁଷ ଚୁକ୍ତି ଗ୍ରହଣ କରିବାକୁ ବାଧ କରାଯାଇଥିଲା, ଏବଂ ୧୫ ଦିନର ତାଲିମ ପରେ, ରୁଷ ସେନା ତାଙ୍କୁ ସୀମାକୁ ପଠାଇ ଦେଇଥିଲା। ଏହାପରେ ୟୁକ୍ରେନ ସେନା ତାଙ୍କର ଏକ ଭିଡିଓ ତିଆରି କରି ଭାରତ ସରକାର ଏବଂ ଗୁଜରାଟରେ ତାଙ୍କ ମାଆଙ୍କୁ ପଠାଇବାକୁ କହିଥିଲେ। ଭିଡିଓଟି ପାଇବା ପରେ, ସାହିଲଙ୍କ ମାଆ ଏବେ ରାଜ୍ୟ ସରକାର ସହ ବିଦେଶ ମନ୍ତ୍ରାଳୟକୁ ତାଙ୍କ ପୁଅକୁ ଫେରାଇଆଣିବାକୁ ଅନୁରୋଧ କରିଛନ୍ତି।



କୋରାପୁଟ ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନବରଙ୍ଗପୁର ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ସଦସ୍ୟା ସଦସ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ମଣ୍ଡି ସମସ୍ୟା ସମାଧାନ ପାଇଁ ବୈଠକ ଡାକିଲେ ସରକାର

## ଚାଷୀଙ୍କ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଲାଗିରହିଛି ମଣ୍ଡି ସମସ୍ୟା। ସମାଧାନ ପାଇଁ ସରକାର ଡାକିଛନ୍ତି ବୈଠକ। ମଙ୍ଗଳବାର ଅପରାହ୍ଣରେ ଲୋକସେବା ଭବନରେ ବସିବ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ। ଏହି ବୈଠକରେ କୃଷିମନ୍ତ୍ରୀ କେଭି ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହିବେ। ଧାନ ଉଠାଣରେ କେଉଁଠି ସମସ୍ୟା ରହୁଛି। ତା'ର ସମାଧାନ କିପରି ହେବ, ସେନେଇ ଏହି ବୈଠକରେ ଆଲୋଚନା କରାଯିବା।ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୮୫ ହଜାର ୪୦୫ ଟନ୍ ଧାନ ଉଠିସାରିଛି। ୮୫ ହଜାର ୧୮୩ ଜଣ ଚାଷୀ ସରକାରଙ୍କୁ ଧାନ ଦେଇଛନ୍ତି। ପ୍ରତିଦିନ ଧାନ ଉଠୁଛି। ସରକାରକୁ ବଦନାମ କରିବାକୁ ବିରୋଧୀ ଦଳ ପ୍ରୟାସ କରୁଛନ୍ତି। ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହେଉଛି। ସରକାରଙ୍କ ପାଖେ ସମସ୍ତ ଘଟଣାର ଖବର ଅଛି। ଚାଷୀ ଚାହୁଁଛନ୍ତି ଧାନ ଆଣିଲେ ସଙ୍ଗେ ସଙ୍ଗେ ଉଠିଯାଉ ବୋଲି, ତାହା ସମ୍ଭବ ନୁହେଁ। ଯେହେତୁ ଦିନେ ଦୁଇଦିନ ସମୟ ଲାଗୁଛି, ଚାଷୀଙ୍କୁ କିଛି ଲୋକ ପ୍ରବର୍ତ୍ତାଇ ଆନ୍ଦୋଳନ କରୁଛନ୍ତି। ସେପଟେ ଚାଷୀଙ୍କ ପାଇଁ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି। ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାରେ ବର୍ତ୍ତମାନ ଭୟଙ୍କର ସ୍ଥିତି। ଭାଲିଡ୍ ଟୋକନ ପାଇଁ ପ୍ରଥମ ଥର ପାଇଁ ଚାଷୀ ଧାରଣାରେ ବସିଛନ୍ତି। ଏପଟେ କେନ୍ଦ୍ର ସରକାର ଦେଉଥିବା ୬୯ ଟଙ୍କା ଏମଏସପି ରାଜ୍ୟର ଚାଷୀ ପାଇଲେ ନାହିଁ। ୨୦୨୪-୨୫ରେ ୨୦ ପ୍ରତିଶତ ଧାନ ସଂଗ୍ରହ ବାକି ରହିଛି। ଡବଲ ଇଞ୍ଜିନ ସରକାର ଧାନ ସଂଗ୍ରହରେ ସମ୍ପୂର୍ଣ୍ଣ ଭାବେ ବିଫଳ। ସାଟେଲାଇଟ ସର୍ଭେ ମାଧ୍ୟମରେ ଧାନ ଚାଷ ହୋଇଥିବା ସ୍ଥାନକୁ ମଧ୍ୟ କାଟି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ୩ ବିଭାଗକୁ ଡାକି ସମାଧାନ କରିବା ଉଚିତ୍।

# ନୀଳାଦ୍ରି କପ୍ ଟି-୨୦ କ୍ରିକେଟ୍ ଉଦ୍‌ଯାପିତ



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା) ଦ୍ୱାରା ଆୟୋଜିତ ଦ୍ୱିତୀୟ ନୀଳାଦ୍ରି କପ୍ ଟି-୨୦ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଗତକାଲି ମଞ୍ଚେଶ୍ୱରର ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଫାଇନାଲ୍‌ରେ ଇଞ୍ଜିନିୟରିଂ ବିଭାଗ ବିଜୟ ଲାଭ କରିବା ସହ ଚାମ୍ପିଅନ୍ ହୋଇଛି। ସେହିପରି ଆର୍‌ପିଏଫ୍ ଦଳ ମଧ୍ୟ ଶୃଙ୍ଖଳିତ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ସେ ଇଞ୍ଜିନିୟରିଂ ଓ ଆରପିଏଫ୍ ଦଳକୁ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଚାମ୍ପିୟନସିପ୍‌ରେ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗରୁ ମୋଟ ୧୧ଟି ଆନ୍ତଃବିଭାଗୀୟ ଦଳ ଅଂଶଗ୍ରହଣ କରିଥିଲେ। ଗତ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରଥମେ ଲିଗ୍ ପର୍ଯ୍ୟାୟ, ପରେ ସେମିଫାଇନାଲ୍ ଓ ଶେଷରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ମ୍ୟାଚ୍‌ଗୁଡ଼ିକ ଆଇସିସି ଟି-୨୦ ନିୟମାନୁସାରେ ଖେଳାଯାଇଥିଲା। ଇକୋର୍ସା ଅଧ୍ୟକ୍ଷ ଡା. ହେମନ୍ତ କାଗ୍ରା ଟୁର୍ଣ୍ଣାମେଣ୍ଟର ପରିକଳ୍ପନା ଓ ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନୀଳାଦ୍ରି କପ୍ ପରି ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ତା'ର କର୍ମଚାରୀମାନଙ୍କ ମଧ୍ୟରେ ସାମ୍ପ୍ରତିକତା, ଏକତା ଓ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବା ସହ ସମଗ୍ର କର୍ମଚାରୀଙ୍କ ସମ୍ପୃକ୍ତି ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଥିବା ଡା. କାଗ୍ରା କହିଛନ୍ତି।

# ଗୋଟିଏ ପରିବାରର ଚାରି ଜଳିଗଲେ

**କୋଲକାତା,୨୨।୧୨(ସଂଚାର ବ୍ୟୁରୋ):** ହାଓଡାର ଆମତା ଜୟପୁରରେ ଶୋଇଥିବା ଅବସ୍ଥାରେ ଜଳିଯାଇ ଗୋଟିଏ ପରିବାରର ଚାରିଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ଅଛନ୍ତି। ଘରେ କିପରି ନିଆଁ ଲାଗିଲା ସେ ବିଷୟରେ ପୁଲିସ ତଦନ୍ତ କରୁଛି। ଚାରି ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ହଠାତ୍ ଘର ଭିତରେ ନିଆଁ ଲାଗିଥିବା ଦେଖାଯାଇଥିଲା। ସ୍ଥାନୀୟ ବାସିନ୍ଦାମାନେ ଥାନାକୁ ଖବର ଦେବା ପରେ ପୁଲିସ ଦମକଳ ପଠାଇଥିଲା। ଏକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଘରୁ ଗୋଟିଏ ପରିବାରର ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଉଛନ୍ତି ଭାରୁ ଦଲୁଇ, ଦୁଧକୁମାର ଦାଲୁଇ, ରତ୍ନା ଦାଲୁଇ, ଶମ୍ପା ଦାଲୁଇ। ଦୁଧକୁମାରଙ୍କର ମଧ୍ୟ ଏକ ପୁଅ ଅଛି। ସେ ଭିନ୍ନ ରାଜ୍ୟରେ ଶ୍ରମିକ ଭାବରେ କାମ କରନ୍ତି।

# ଫଳ ବିକ୍ରେତାଙ୍କୁ ହତ୍ୟା

**କୋଲକାତା,୨୨।୧୨(ସଂଚାର ବ୍ୟୁରୋ):** ସହରର ଏକ ବ୍ୟସ୍ତବହୁଳ ରାସ୍ତାରେ ସକାଳେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ଏହି ଆଶ୍ଚର୍ଯ୍ୟଜନକ ଘଟଣା ରାଜାବଜାର ଅଞ୍ଚଳରେ ଘଟିଛି। ରାଜାବଜାରରେ ମେହମୁଦ ଆଲାମ ନାମକ ଜଣେ ଫଳ ବିକ୍ରେତାଙ୍କୁ ହତ୍ୟା କରାଯାଇଛି । ଫଳ ବିକ୍ରେତାଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ଏଦିନ ସକାଳେ ମେହବୁବ ଆଲାମ ନାମକ ଅଭିଯୁକ୍ତ ଫଳ ବିକ୍ରେତାଙ୍କ ଦୋକାନକୁ ଆସିଥିଲା। ପ୍ରଥମେ ଉଭୟ କୌଣସି ପ୍ରସଙ୍ଗକୁ ନେଇ ଯୁକ୍ତିତର୍କ କରିବାକୁ ଲାଗିଲେ। ଏହା ପରେ ଅଭିଯୁକ୍ତ ଫଳ ବିକ୍ରେତାଙ୍କୁ ମାଡ଼ ମାରି ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଯାଇଥିଲେ।

# ବାଲିଗଞ୍ଜରୁ ପ୍ରାର୍ଥୀ ଦେଲେ ହୁମାୟୁନ

**କୋଲକାତା,୨୨।୧୨(ସଂଚାର ବ୍ୟୁରୋ):** ହୁମାୟୁନ କବୀର କେବଳ ମାଲଦା-ମୁର୍ଶିଦାବାଦରେ ନିଜକୁ ସୀମିତ ରଖିନାହାଁନ୍ତି। ନୂତନ ଦଳ ଘୋଷଣା କରିବା ପରେ, ସେ ବାଲିଗଞ୍ଜ ଏବଂ ଇଚ୍ଛାପୁର ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। 'ଜନତା ଉନ୍ନୟନ ପାର୍ଟି' ନାମକ ନୂତନ ଦଳ ଘୋଷଣା କରିବା ପରେ, ସେ ୨୦୨୬ ମସିହା ନିର୍ବାଚନ ପାଇଁ ଜଣଙ୍କ ପରେ ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ଆରମ୍ଭ କରିଥିଲେ। ହୁମାୟୁନ୍ କହିଛନ୍ତି ଯେ, ସେ ରେଜିନଗର ଏବଂ ବେଲଡାଙ୍ଗାରୁ ଲଢ଼ିବେ। ତାଙ୍କ ସହିତ ଆଉ ଜଣେ ହୁମାୟୁନ୍ କବୀର ମଧ୍ୟ ଲଢ଼ିବେ। ପେଶାରେ ଡାକ୍ତର ହୁମାୟୁନ କବୀର ରାଣୀନଗର ବିଧାନସଭା ଆସନରୁ ଲଢ଼ିବେ। ୨୦୧୬ ମସିହାରେ ମମତା ବାନାର୍ଜୀ ଏହି ଡାକ୍ତରଙ୍କୁ ତୃଣମୂଳର ପ୍ରାର୍ଥୀ କରିଥିଲେ। ଇବ୍ରା ହାଜି ଖଡ଼ଗପୁର ଗ୍ରାମାଞ୍ଚଳ ନିର୍ବାଚନମଣ୍ଡଳୀରେ 'ଜନତା ଉନ୍ନୟନ ପାର୍ଟି'ର ପ୍ରାର୍ଥୀ ହେବେ।

# କ୍ରମ୍ପଟନକୁ ପ୍ରତିଷ୍ଠିତ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର



**କୋଲକାତା,୨୨।୧୨(ସଂଚାର ବ୍ୟୁରୋ):** ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ନବସୃଜନଶୀଳ ଉପଭୋକ୍ତା ବୈଦ୍ୟୁତିକ ବ୍ରାଣ୍ଡ ମଧ୍ୟରୁ ଗୋଟିଏ, କ୍ରମ୍ପଟନ ଗ୍ରୀଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ଶକ୍ତି ଦକ୍ଷତା ପାଇଁ ଭାରତର ସର୍ବବୃହତ ଜାତୀୟ ପ୍ଲାଟଫର୍ମରେ ସ୍ୱୀକୃତି ପାଇଛି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ନୂଆଦିଲ୍ଲୀର ବିଜ୍ଞାନ ଭବନରେ କ୍ରମ୍ପଟନ୍‌କୁ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ଥିର ସଂରକ୍ଷଣ ପ୍ରକାର ବୈଦ୍ୟୁତିକ ଜଳ ହିଟର ବର୍ଗରେ ଶକ୍ତି ସଂରକ୍ଷଣରେ କମ୍ପାନୀର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇଛି। ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଶକ୍ତି ବ୍ୟବହାରକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦାନ କରୁଥିବା ଉପକରଣ ଡିଜାଇନ୍ କରିବା ଉପରେ କ୍ରୋମ୍ପଟନର ଦୃଢ଼ ଧ୍ୟାନକୁ ସ୍ୱୀକୃତି ଦେଇଛି। କ୍ରମ୍ପଟନ ଗ୍ରିଭସ୍ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରମିତ୍ ଘୋଷ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ କରିଛନ୍ତି।

# ମହାତ୍ମାଙ୍କ ନାମରେ କଂଗ୍ରେସ ସାଲିସ କରିବନି: ଭକ୍ତ



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିନରେଗା)ର ନାମ ପରିବର୍ତ୍ତନ ନିଷ୍ପତ୍ତିକୁ କଂଗ୍ରେସ ଗ୍ରହଣ କରିବ ନାହିଁ। ଏହି ଯୋଜନାର ରୂପରେଖ ବିକୃତ କରିବା ବିରୋଧରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ବଇରୀଠାରୁ ଚମ୍ପାପୁର ପର୍ଯ୍ୟନ୍ତ ପଦଯାତ୍ରା ପରେ ଚମ୍ପାପୁରରେ ଏକ ସାଧାରଣ ସଭାରେ ଯୋଗଦେଇ ଏହା କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧି ଦେଶର ଆତ୍ମା। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆବଶ୍ୟକ ସ୍ଥଳେ ଏହି ଆନ୍ଦୋଳନ ଗାଁରୁ ସହରରେ ପହଞ୍ଚିବ। ଗାଁର ଗରିବଗୁରୁବାଙ୍କ ଆର୍ଥିକ ସ୍ଥିତି ସୁଧାରିବା ଲକ୍ଷ୍ୟନେଇ ଦେଶର ବିଶିଷ୍ଟ ଅର୍ଥନୈତିଜ୍ଞ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ଓ ଉପଦେଷ୍ଟା ବୋର୍ଡ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କ ଉଦ୍ୟମରେ ୧୦୦ ଦିନ ପାଇଁ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆରମ୍ଭ ହୋଇଥିଲା। ଫଳରେ ସାଧାରଣ ଅଣକୁଶଳୀ ଶ୍ରମିକମାନେ ଲାଭ ପାଇଲେ, ଯାହାକି ସାମୂହିକ ବିକାଶର ବାଟ ଫିଟାଇଥିଲା। କିନ୍ତୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯୋଜନାରୁ ମହାତ୍ମା ଗାନ୍ଧିଙ୍କ ନାମ ହଟାଇବାର ଅଧିକାର କିଏ ଦେଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କୁ ଆକ୍ରମଣ କରି ଯାଜପୁର ଜିଲ୍ଲାରେ ବୈତରଣୀ ନଦୀ ପ୍ରଦୂଷିତ ହୋଇ ହଇଜା ବ୍ୟାପୁଛି। ସେହିପରି ଖଣିଗୁଡ଼ିକୁ ପୁଞ୍ଜିପତିଙ୍କ ହାତରେ ସରକାର ଟେକିଦେଉଛନ୍ତି। ଏହା ବିରୋଧରେ କଂଗ୍ରେସ ଆଗାମୀ ଦିନରେ ଦୁର୍ବାର ସଂଗ୍ରାମ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ପଦଯାତ୍ରାରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମନରେଗା ପାଇଁ କେନ୍ଦ୍ର ସରକାର ପାଣ୍ଠି ଦେଇପାରୁନାହାନ୍ତି, ତେଣୁ ଅଧିକ କାମ କିପରି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପୂର୍ବରୁ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଭାଗ ମାତ୍ର ୧୦ ପ୍ରତିଶତ ଥିବା ବେଳେ ଏବେ ୪୦ ପ୍ରତିଶତକୁ ବୃଦ୍ଧି ପାଇଛି। ତେଣୁ ରାଜ୍ୟ ରାଜକୋଷ ଉପରେ ଅଧିକ ଚାପ ପକାଇବ ବୋଲି ଶ୍ରୀ ଜେନା କହିଛନ୍ତି।

# ଜଳବାୟୁ ପରିବର୍ତ୍ତନ ପାଇଁ 'ଟାଟା ପାୱାରର ସଫଳ ପ୍ରୟାସ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ) :** ପ୍ରତ୍ୟୁଷରେ ୪,୦୦୦ ରୁ ଅଧିକ ନାଗରିକ ଏକତ୍ରିତ ହୋଇ ଯଥାକ୍ରମେ ୫ କିଲୋମିଟର, ୧୦ କିଲୋମିଟର ଏବଂ ୨୧ କିଲୋମିଟର ବର୍ଗରେ ସାମିଲ ହୋଇଥିଲେ। ଏହା ଷ୍ଟାଡିୟମ ଏବଂ ଏହାର ଆଖପାଖ ଅଞ୍ଚଳଗୁଡ଼ିକରେ ମାଗଣା ଦୀର୍ଘସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପୃଥିବୀ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥିଲା।

ରେଡିଓ ମିର୍ଚି ସହଭାଗୀତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଟାଟା ପାୱାରର ଦୀର୍ଘସ୍ଥାୟୀ ଯାତ୍ରାକୁ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ସୂଚିତ କରେ ଯାହାର ଲକ୍ଷ ହେଉଛି 'ନିଶ୍ଚିତ ସ୍ଥାୟିତ୍ୱ'। ଏହା କମ୍ପାନୀର ୪୪% ସବୁଜ ଶକ୍ତି ପୋର୍ଟଫୋଲିଓ ଏବଂ ଛାତ ଉପରେ ସୌର ଶକ୍ତି, ଇଭି ଚାଲିଂ ଭିତ୍ତିଭୂମି ଏବଂ ସ୍ମାର୍ଟ ହୋମ୍ ସଲ୍ୟୁସନ ଭଳି ବିଭିନ୍ନ ସ୍ଥାୟୀ ସମାଧାନ ଦ୍ୱାରା ସମର୍ଥିତ ଓଡ଼ିଶାରେ, ଟାଟା ପାୱାରର ଡିସକମ୍ - ଓଡ଼ିଶା ସରକାରଙ୍କ ସହିତ ଏକ ସାର୍ବଜନୀନ-ବେସରକାରୀ ସହଭାଗୀତା ଅଧୀନରେ କାର୍ଯ୍ୟ କରୁଛି। ଏହା ପ୍ରାୟ ୪. ୭ କୋଟି ଗ୍ରାହକଙ୍କୁ ସେବା ଯୋଗାଇ ଦେଉଛି ଏବଂ ସକ୍ରିୟ ଭାବରେ ଶକ୍ତି ସଂରକ୍ଷଣ ଏବଂ ଜଳବାୟୁ କ୍ଷେତ୍ରରେ ସକାରାତ୍ମକ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରୁଛି। ଏହାର ପ୍ରମୁଖ କ୍ଲାଇମେଟ୍ କୁଙ୍କ ପଦକ୍ଷେପ ମାଧ୍ୟମରେ ଟାଟା ପାୱାରରେ ଦୀର୍ଘସ୍ଥାୟୀ ବ୍ୟବସ୍ଥା ପରିଚାଳିତ ହେଉଛି, ଯାହା ଭାରତ ସରକାରଙ୍କ 'ମିଶନ୍ ଲାଇଫ୍' ସହିତ ସମ୍ପୃକ୍ତ। ଟାଟା ପାୱାରର ୫୦% ରୁ ଅଧିକ କର୍ମଚାରୀ କ୍ଲାଇମେଟ୍ କୁରେ ଜଳବାୟୁ ଚାମ୍ପିଅନ୍ ଭାବରେ ଯୋଗ ଦେଇଛନ୍ତି, ଯାହା କାର୍ବନ ହ୍ରାସ, ଶକ୍ତି ଏବଂ ଜଳ ସଂରକ୍ଷଣ ଏବଂ ଅପଚୟ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛନ୍ତି। ଚଳିତ ବର୍ଷ, ଅଣ୍ଡ୍ରୋଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଏକ ଉତ୍ସର୍ଗୀକୃତ ମୋବାଇଲ୍ ଆପ୍ ମାଧ୍ୟମରେ ଏହି ପଦକ୍ଷେପ ପରିବାର, ଗ୍ରାହକ, ଅଂଶୀଦାର ଏବଂ ଯୋଗାଣକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, କିଟ୍ କୁଳପତି ଡକ୍ଟର ସରଣଜିତ ସିଂହ, ପାରାଲିମ୍ପିଆନ୍ ସୁଶ୍ରୀ ଲୋମା ସାଇଁ, ଅଲିମ୍ପିଆନ୍ ରବି କୁମାର ଏବଂ ସୁଶ୍ରୀ ଅରୁନ୍ଧତୀ ବିଶ୍ୱାଲ ଏବଂ ଏଣ୍ଟର୍‌ଟେନ୍‌ମେଣ୍ଟ ନେଟୱାର୍କ ଇଣ୍ଡିଆ ଲିମିଟେଡ୍, ସିଓଓ ପ୍ରୀତି ନିହଲାନିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧଳାଜହର...

ପରେ ମାଲଖାନାରୁ ନିଶା ସାମଗ୍ରୀ ନଷ୍ଟ କରିବାକୁ ସବୁ ଜିଲ୍ଲା ଜଜ୍‌ଙ୍କ ଉଦ୍ଦେଶ୍ୟରେ ଏସଓପି ଜାରି କରିଛନ୍ତି ହାଇକୋର୍ଟ। କିନ୍ତୁ ପ୍ରଶ୍ନ ଉଠୁଛି, ଆଜି ପର୍ଯ୍ୟନ୍ତ କେତେ ବ୍ରାଉନସୁଗର ଗାଏବ କରାଯାଇଛି? ଯଦି ଗାଏବ ହୋଇଛି, ତେବେ ଏଥିପାଇଁ ଦାୟୀ କିଏ? ୨୦୨୦ ମସିହାରୁ ଆଜି ଯାଏଁ ଓଡ଼ିଶା ପୁଲିସ, କମିଶନରେଟ ପୁଲିସ, ଅବକାରୀ ବିଭାଗ ଓ ଏସଟିଏଫ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୮୦ କେଜି ବ୍ରାଉନସୁଗର ଜବତ କରାଯାଇଛି। ଗତ ମେ' ୩୧ ତାରିଖ ସୁଦ୍ଧା ସମସ୍ତ ଫୋରନସିକ ରିପୋର୍ଟ ଦାଖଲ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନଷ୍ଟ କରାଯିବା ସମୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି କରାଯିବାର ନିୟମ ରହିଛି। ଯଦି ସେମାନେ ଅନୁପସ୍ଥିତ ରୁହନ୍ତି, ତା'ହେଲେ ଅଦାଲତ ନିଶା ସାମଗ୍ରୀ ନଷ୍ଟ କରିବା ପାଇଁ ଆଦେଶନାମା ଦେଇପାରିବେ। ଗତ ୨୦୧୬ ମସିହାରେ କୋର୍ଟ ମାଲଖାନାରେ ପଡ଼ିରହିଥିବା ବ୍ରାଉନସୁଗରକୁ ତୁରନ୍ତ ନଷ୍ଟ କରିବା ପାଇଁ ବିଭିନ୍ନ ରାଜ୍ୟକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିପାଇଁ ଗାଇଡ୍‌ଲାଇନ ମଧ୍ୟ ପ୍ରସ୍ତୁତ କରିଥିଲେ। କିନ୍ତୁ ହାତସଫେଇ ନ ହେବା ଭୟରେ ଏହି ଗାଇଡଲାଇନ୍‌କୁ ଲାଗୁ କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ଲିଙ୍ଗରାଜ...

ନୁହଁନ୍ତି, ଏକଥା ବହୁ ଆଗରୁ କହିସାରିଛି। ନବୀନବାବୁ ସବୁ କଥା ଏବେ ସେ ଜାଣିଲେଣି। ବିଜେଡିରେ ସୁଜାତାଙ୍କ ଏଣ୍ଟ୍ରି ରାଜନୈତିକ ଦୃଷ୍ଟିରୁ ଭୁଲ୍ ହେବ। ବିଜେଡିର ଉତ୍ତରାଧିକାରୀ ଓଡ଼ିଶାରୁ କିଏ ହେବେ? ଯାହାଙ୍କୁ ଓଡ଼ିଶାବାସୀ ଭଲ ପାଇବେ ସେ ହିଁ ହେବେ ଉତ୍ତରାଧିକାରୀ।

ଦଳରେ ଅସନ୍ତୁଷ୍ଟମାନଙ୍କ ସଂଖ୍ୟା ବଢ଼ିବା ସହ ଘନ ଘନ ବୈଠକ ବସୁଥିବା ବେଳେ ମୋର୍ଚ୍ଚା ସମ୍ଭାଳିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଦଳ ମଜବୁତ୍ ଅଛି। କିଛି ଲୋକଙ୍କ କାନକୁହା କଥା ନେଇ ଆଲୋଚନା କରିବା ଆଦୌ ଉଚିତ୍ ନୁହେଁ। ଦଳକୁ ସୁଦୃଢ଼ କରିବା ସକାଶେ ଯାହା ଉପର ସ୍ତରରୁ ନିର୍ଦ୍ଦେଶ ଦିଆଯିବା କଥା ତାହା ଦିଆଯାଉଛି। ନେତାଙ୍କ ମେଳି ପ୍ରସଙ୍ଗକୁ ଖଣ୍ଡନ କରି ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ପରିବାର ଓ ସାଙ୍ଗସାଥୀ ମଧ୍ୟରେ ଭୋଜିଭାତକୁ କଦାପି ମେଳି ବୋଲି କୁହାଯିବନାହିଁ। ଗଣମାଧ୍ୟମ ଏହାକୁ ଭୁଲ ଭାବେ ପରିବେଷଣ କରୁଛି ବୋଲି ପ୍ରମିଳା କହିଛନ୍ତି।ତେବେ ଏଭଳି ଆରୋପ ପ୍ରତ୍ୟାରୋପ ଭିତରେ କିନ୍ତୁ ବିଜେଡିରେ ଅସନ୍ତୋଷ ଥମିବା ବଦଳରେ ବଢ଼ିବାରେ ଲାଗିଛି। ନୂଆପଡ଼ା ନିର୍ବାଚନ ପରଠାରୁ କୁହୁଳୁଥିବା ଧୂଆଁ କ୍ରମଶଃ ନିଆଁର ରୂପ ନେଉଥିବା ବେଳେ ଅନେକଙ୍କ ବିକଳ୍ପ ସନ୍ଧାନ ଦଳ ବିଜେଡିର ମାମଲତକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି।

## ସୁଜାତାଙ୍କୁ...

କାର୍ପଟଦାର ନିଜେ ଉତ୍ତରାଧିକାରୀ ହେବାର ଲକ୍ଷ୍ୟ ରଖିଛନ୍ତି। ଯେଉଁଥିପାଇଁ ସେ ସୁଜାତାଙ୍କୁ ଚେକ୍ ଦେବାକୁ ନିଜର ସାଙ୍ଗଠନିକ ଶକ୍ତି ଦେଖାଉଛନ୍ତି। ପରୋକ୍ଷରେ କୌଣସି ପୂର୍ବତନ ପ୍ରଶାସକଙ୍କ ହାତରେ ପାର୍ଟିକୁ ଟେକି ନ ଦେବାକୁ ସେ ଦଳୀୟ ନେତାମାନଙ୍କୁ ଚେତାଇ ଦେଉଛନ୍ତି।

## ରାଜ୍ୟର...

ଆଧାରିତ ଥିଲା ଏବଂ ୮ଟି ପ୍ରମୁଖ ଫାର୍ମା କମ୍ପାନୀ ସହ ଏହି ଆଲୋଚନା କରାଯାଇଥିଲା। ଦ୍ୱିତୀୟ ରାଉଣ୍ଡ ଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା। ଫାର୍ମା ଏବଂ ପ୍ରତିରକ୍ଷା, ଏହି ଦୁଇଟି କ୍ଷେତ୍ର, ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ। ତେଣୁ ଦୁଇଟି ରାଉଣ୍ଡଟେବୁଲ ଆଲୋଚନା ଦ୍ୱାରା ଏହି ଦୁଇଟି କ୍ଷେତ୍ରରେ ନିବେଶକଙ୍କୁ ଆକର୍ଷିତ କରାଯାଇଛି। ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ଓ୍ୱାନ ଟୁ ଓ୍ୱାନ ଆଲୋଚନା କରିଥିଲେ। ବୈଠକରେ ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ଡାଟା ସେଣ୍ଟର, ବୟନ ଏବଂ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା।

ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨,୫୫,୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ୨ଲକ୍ଷ ୧୦ ହଜାର କୋଟି ଟଙ୍କାର ଶିଳ୍ପପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ୧,୬୩,୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଫାର୍ମା କନ୍କ୍ଲେଭ୍, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ଦୁଇଟି ଏମଓୟୁ କରିଥିଲା। ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ ଆସିଛି ବୋଲି ସେ କହିଥିଲେ।

ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ ଅଫ ଡୁଇଙ୍ଗ ବିଜନେସରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି। ଆଗାମୀ ତିନି ମାସରେ ରାଜ୍ୟ ସରକାରଙ୍କ ମୁଖ୍ୟ ଫୋକସ ହେଉଛି ଯେଉଁ ସବୁ ପ୍ରସ୍ତାବ ଆସିଛି ତାକୁ କିପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ କରାଯିବ। ପ୍ରକଳ୍ପ ଗୁଡିକ କ୍ଷୀପ୍ରଗତିରେ କାର୍ଯ୍ୟକାରୀ ହୋଇପାରିଲେ ନିବେଶକ ମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ।

ଖୁବଶୀଘ୍ର ଓଡ଼ିଶାରେ ମଧ୍ୟ ଡିଫେନ୍ସ ମାନୁଫାକ୍ଚରିଂ ଇକୋ-ସିଷ୍ଟମର ବିକାଶ କରାଯିବ। ଏଥିପାଇଁ ଏମଏସଏମଇ, ଷ୍ଟାର୍ଟଅପ୍, ଦକ୍ଷ ମାନବ ସମ୍ବଳ ଓ ପ୍ରିସିସନ୍ ମ୍ୟାନୁଫ୍ୟାକ୍‌ଚରିଂ ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ମିଜାଇଲ୍ କମ୍ପୋନେଣ୍ଟ ନିର୍ମାଣ ଉପରେ ପ୍ରସ୍ତୁତି କରାଯାଉଛି ବୋଲି ସେ କହିଥିଲେ। ହାଇଦ୍ରାବାଦ ଗସ୍ତରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ୨୭ ହଜାର ୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫ହଜାର ୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଶିଳ୍ପ ସଂସ୍ଥା ୩୯,୧୩୧ କୋଟିର ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମୋଟ ଉପରେ, ହାଇଦ୍ରାବାଦ ରୋଡଶୋ ଜରିଆରେ ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି। ବୈଠକରେ ଅଂଶଗ୍ରହଣ କରୁଥିବା ଶିଳ୍ପ ନେତାମାନେ ଓଡ଼ିଶାର ସ୍ପଷ୍ଟ ନୀତି, ଭିତ୍ତିଭୂମିରେ ଉନ୍ନତି, ଦାୟିତ୍ୱବାନ ଶାସନ ଏବଂ ସମସ୍ତ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଂପୃକ୍ତି ଯୋଗୁ ଓଡ଼ିଶା ଉପରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି ମତ ଦେଇଥିଲେ। ଏବେ ରାଜ୍ୟ ସରକାର ଆଉ ବୃହତ ଇସ୍ପାତ ଶିଳ୍ପ ପାଇଁ ଉଦ୍ୟମ କରୁନାହାଁନ୍ତି। ଅଧିକ ନିଯୁକ୍ତି ସୃଷ୍ଟି କରିପାରୁଥିବା ଔଷଧ, ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ, ନବୀକରଣୀୟ ଶକ୍ତି, ଆଇଟି, ବୟନଶିଳ୍ପ ଭଳି ୧୬ଟି କ୍ଷେତ୍ରକୁ ଫୋକସ କରୁଛନ୍ତି।

## ସ୍ୱତନ୍ତ୍ର...

୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କିଣିଥିଲା ୫୧ଟି ମହିନ୍ଦ୍ରା 'ଥାର' ଗାଡ଼ି। ଜଙ୍ଗଲ ନିଆଁ ରୋକିବା, ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡ୍ ନିୟୋଜନ, ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ କାର୍ଯ୍ୟ ଉପରେ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଜଙ୍ଗଲ ବିଭାଗ ଏହି ଗାଡ଼ି କିଣିଥିଲା। ଯେଉଁ ଗାଡ଼ିର ମୂଲ୍ୟ ଥିଲା ୭ କୋଟି ୧୪ ଲକ୍ଷ ୭୦ ହଜାର ଟଙ୍କା। କିଣା ବେଳେ ଗୋଟିଏ ଗାଡ଼ିର ଦାମ ଥିଲା ୧୪ ଲକ୍ଷ। ଏହି ଗାଡ଼ି କିଣାଯିବା ପରେ ଏଥିରେ ମୋଡିଫିକେସନ ପାଇଁ ବନ ବିଭାଗ ପ୍ରତି ଗାଡ଼ି ପିଛା ଖର୍ଚ୍ଚ କରିଛି ୧୦ ଲକ୍ଷ ଟଙ୍କା। ଅର୍ଥାତ ରିନୋଭେସନରେ ଖର୍ଚ୍ଚ ହୋଇଛି ୫ କୋଟି ୨ ଲକ୍ଷ ୪୭ ଟଙ୍କା। ତେବେ ବନ ବିଭାଗର ଏହି ଗାଡ଼ି କିଣା ଆଉ ମୋଡିଫିକେସ୍ସ ପରେ ଏହାର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ। ସେମାନଙ୍କ କହିବା କଥା ଯେ 'ଥାର' ଭଳି ମାତ୍ର ୪ ଜଣ ଲୋକ ବସିବା ଭଳି ଗାଡ଼ିକୁ କାହିଁକି କିଣିଥିଲା ବନ ବିଭାଗ? ଯଦି ଅଫ୍ ରୋଡିଂ ଉଦ୍ଦେଶ୍ୟରେ କିଣାଯାଇଥିଲା, ତେବେ ଏଥିରେ ଏତେ ଟଙ୍କାର ମୋଡିଫିକେସନ୍‌ର ଆବଶ୍ୟକତା ପଡ଼ିଲା କାହିଁକି? ଏହା ପଛରେ କିଛି ଦୁର୍ନୀତିଖୋର ବାବୁଙ୍କ ମନ୍ଦ ଉଦ୍ଦେଶ୍ୟକୁ ବି ଇଙ୍ଗିତ କରିଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ। ଗତ ବିଧାନସଭାରେ ବିଧାୟକ ଅରୁଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ 'ଥାର' ଗାଡ଼ି କିଣା ବାବଦରେ ବିଭାଗୀୟ ମନ୍ତ୍ରୀ ଏହି ତଥ୍ୟ ଦେଇଥିଲେ। ଗତ ବର୍ଷ ନଭେମ୍ବରରେ ଭୁବନେଶ୍ୱର ନନ୍ଦନକାନନ ବୋଟାନିକାଲ ଗାର୍ଡେନରେ ଏକ ଭବ୍ୟ ସମାରୋହରେ ୫୧ 'ଥାର' ଗାଡ଼ି ସହ ମୋଟ ୧୪୦ଟି ଗାଡ଼ିକୁ ବନ ବିଭାଗ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଥିଲା।

## ବଢ଼ିଲା...

ରାସଗୋବିନ୍ଦପୁର, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲୀ ଏବଂ ସୋନପୁରର ବୀରମହାରାଜପୁରକୁ ଏନଏସି ମାନ୍ୟତା ଦିଆଯାଇଛି। ସେହିପରି ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟନଗର ଓ ପୋଲସରା ଏବଂ ମୟୂରଭଞ୍ଜର କରଞ୍ଜିଆ ଏନଏସିକୁ ମ୍ୟୁନିସିପାଲଟି ଭାବେ ଉନ୍ନୀତ କରାଯାଇଛି। ପୂର୍ବରୁ ରାଜ୍ୟରେ ୧୧୫ଟି ପୌରାଞ୍ଚଳ ଥିବା ବେଳେ ସେଥିମଧ୍ୟରୁ ୫ଟି ମହାନଗର ନିଗମ, ୪୮ଟି ମ୍ୟୁନିସିପାଲଟି ଓ ୬୨ଟି ଏନଏସସି ଥିଲା। ଏବେ ମହାନଗର ସଂଖ୍ୟା ୫ ଥିବା ବେଳେ ମ୍ୟୁନିସିପାଲଟି ସଂଖ୍ୟା ୫୩କୁ ବୃଦ୍ଧି ପାଇଛି। ସେହିପରି ଏନଏସି ସଂଖ୍ୟା ମଧ୍ୟ ୮୧ରେ ପହଞ୍ଚିଛି। ଆହୁରି ରାଜ୍ୟରେ ମୋଟ ପୌରାଞ୍ଚଳ ସଂଖ୍ୟା ୧୩୯ ହୋଇଛି।

## ଭିଜିଲାନ୍ସ...

କାର୍ଯ୍ୟ କରୁଥିବା ଜୁନିଅର୍ ଆକାଉଣ୍ଟାଣ୍ଟ୍ ରବୀନ୍ଦ୍ର କୁମାର ବାରିକ। ଆଜି ସକାଳେ ରବୀନ୍ଦ୍ରଙ୍କ ସହ ଜଡ଼ିତ ୫ଟି ସ୍ଥାନରେ ପୃଥକ୍ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଥିବା ବେଳେ ଚଢ଼ାଉ ସମୟରେ ତାଙ୍କ ନାମରେ ୨ଟି ତିନି ମହଲା କୋଠା ସହ ୪ଟି ଦାମୀ ପ୍ଲଟ୍, ଗୋଟିଏ ଚାରିଚକିଆ ଯାନ, ୧୭୫ ଗ୍ରାମର ସୁନାଗହଣା ଆଦି ଜବତ ହୋଇଛି। ଏହି ଚଢ଼ାଉ ଜାରି ରହିଥିବା ବେଳେ ଆସନ୍ତାକାଲି ତାଙ୍କ ନାମରେ କେଉଁ ବ୍ୟାଙ୍କ ଓ ପୋଷ୍ଟ ଅଫିସ୍‌ରେ କେତେ ଟଙ୍କା ଜମା ହୋଇଛି, ତା'ର ଖୋଳତାଡ଼ କରାଯିବ। ଏହି ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ୍ ଥିବା ବେଳେ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାର ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ବାଲେଶ୍ୱର ଜିଲ୍ଲା ଗୋପାଳ ଗାଁରେ ଥିବା ୩ ମହଲା ବିଶିଷ୍ଟ ବାସଗୃହ, ବାଲେଶ୍ୱର ଗୋପାଳ ଗାଁରେ ଥିବା ୩ ମହଲା ବଜାର କମ୍ପ୍ଲେକ୍ସ ଓ ଜିମ୍, ବାଲେଶ୍ୱରରେ ଥିବା କଲ୍ୟାଣ ମଣ୍ଡପ, ସୁନ୍ଦରଗଡ଼ରେ ଥିବା ତାଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼ରେ ଥିବା ଭଡ଼ା ଘରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ତାଙ୍କ ନାମରେ କିଆ ସୋନେଟ୍ ଚାରିଚକିଆ ଯାନ ଓ ଓ ୨ଟି ଦୁଇଚକିଆ ଯାନ ବି ରହିଛି।

## ଉପଭୋକ୍ତାଙ୍କ...

ମଧ୍ୟ କମ୍ପାନୀ ଧମକ ଦେଉଛି। ଏପରିକି ଯେଉଁମାନେ ଏହି ଜମା ଦେବେନାହିଁ, ସେମାନଙ୍କଠାରୁ ବାର୍ଷିକ ୧୦ ପ୍ରତିଶତ ସୁଧ ସହ ଆଦାୟ କରାଯିବାକୁ ବି କୁହାଯାଉଛି। ତେବେ କମ୍ପାନୀର ଏପରି ଜିଜିୟା କର ଆଦାୟ ନିଷ୍ପତ୍ତିକୁ କଡ଼ା ବିରୋଧ କରିଛି ଯୁବ ଛାତ୍ର କ୍ରାନ୍ତି ସେନା। ଏଥିସହ ତୁରନ୍ତ କମ୍ପାନୀ ଏହି ପଦକ୍ଷେପରୁ ଓହରିଯିବା ସକାଶେ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ସେନା ପକ୍ଷରୁ ଜାରି ଏକ ଦାବିପତ୍ରରେ କୁହାଯାଇଛି ଯେ ପାଖାପାଖି ୩୦ ବର୍ଷ ତଳେ ଅର୍ଥାତ୍ ଗତ ୧୯୯୪-୯୫ ଆର୍ଥିକ ବର୍ଷରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ଆରମ୍ଭ ହେବା ପରଠାରୁ ନିୟମିତ ଭାବେ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଉପଭୋକ୍ତାମାନଙ୍କୁ ଦହଗଞ୍ଜ କରିଆସୁଛନ୍ତି। ସେତେବେଳେ ରାଜ୍ୟବାସୀ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସେମାନଙ୍କ ଆଶା ତ ମିଳେଇଯାଇଛି, ବରଂ ବିଦ୍ୟୁତ୍ ବିତରଣକାରୀ କମ୍ପାନୀମାନେ ଓଡ଼ିଶାରେ ଏହାକୁ ଲେଉଟିଆ କିଆରି କରି ମନଇଚ୍ଛା ଦର କଷି ମୁନାଫା କମାଇଚାଲିଛନ୍ତି। ସର୍ବପ୍ରଥମେ ଆମେରିକୀୟ କମ୍ପାନୀ ଏଇଏସ୍ ଓଡ଼ିଶାବାସୀଙ୍କଠାରୁ ପାଖାପାଖି ୨ ହଜାର କୋଟି ଟଙ୍କା ଲୁଟ୍ କରି ପାର୍ ହୋଇଗଲା। ପରେ ରିଲାଏନ୍ସ ପାୱାର ମଧ୍ୟ ୧୫ ବର୍ଷ ଧରି ଓଡ଼ିଶାବାସୀଙ୍କୁ ଲୁଟି ଶେଷରେ ୭ ହଜାର କୋଟି ନେଇ ରାଜ୍ୟ ଛାଡ଼ିଲା। ଏହାପରେ ଦିନଦ୍ୱିପ୍ରହରେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଗତ ୨୦୨୦ରୁ ଟାଟା ପାୱାର ରାଜ୍ୟର ପାଖାପାଖି ୧ କୋଟି ଗ୍ରାହକଙ୍କୁ ଲୁଟିଚାଲିଛି। ସେତେବେଳର ବିଜେଡି ସରକାର ମଧ୍ୟ ଏହି କମ୍ପାନୀକୁ ରାଜ୍ୟବାସୀଙ୍କୁ ଲୁଟ୍ କରିବା ସକାଶେ ଛାଡ଼ିଦେଇଥିଲେ। କମ୍ପାନୀ ଉପରେ ୬ ହଜାର କୋଟି ବକେୟା ଥିଲେ ମଧ୍ୟ ଏହାକୁ ଆଦାୟ କରିବା ସକାଶେ ସରକାର ଗୁରୁତ୍ୱ ଦେଉନାହାନ୍ତି। ଏବେବି ଜାତୀୟ ହାରଠାରୁ ଅଧିକ ଦରରେ ଟାଟା ପାୱାର୍ ରାଜ୍ୟବାସୀଙ୍କୁ ବିଦ୍ୟୁତ୍ ବିକ୍ରି କରୁଛି। ଏପରିକି କମ୍ପାନୀର ଅପାରଗତା କାରଣରୁ ଜାତୀୟ ହାର ୧୨ ପ୍ରତିଶତ ତୁଳନାରେ ରାଜ୍ୟରେ ସରବରାହଜନିତ କ୍ଷତି ୧୯.୫୩ ପ୍ରତିଶତ ରହିଛି। ବିଦ୍ୟୁତ୍ ବିତରଣକାରୀ କମ୍ପାନୀମାନଙ୍କ ଅପାରଗତା ଯୋଗୁଁ ରାଜ୍ୟବାସୀ ବାର୍ଷିକ ୭୫୦ କୋଟି ଟଙ୍କାର ଅଧିକ ବୋଝ ସହିବାକୁ ବାଧ୍ୟ ହେଉଛନ୍ତି ବୋଲି ସେନା ପକ୍ଷରୁ ଆବାହକ ଇଂ. ପାର୍ଥସାରଥୀ ମୁଦୁଲି ଅଭିଯୋଗ କରିଛନ୍ତି। ଏଥିସହ ରାଜ୍ୟରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଥିଲେ ହେଁ ଟାଟା କମ୍ପାନୀର ଏଥିପ୍ରତି ଖାତିର୍ ଥିବା ଅନୁଭବ ହେଉନାହିଁ। କାରଣ ଏହି କମ୍ପାନୀ ନିୟମିତ ଭାବେ ତା'ର ବିଲ୍ ଇଂରାଜୀ ଭାଷାରେ ହିଁ ଦେଉଛି ବୋଲି ସେ କହିଛନ୍ତି।

## ବ୍ରାହ୍ମଣୀରେ...

କଲୋନୀର ପି. ମନୀଷା ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କର ମୃତ୍ୟୁ ହେଲା, ତାହାକୁ ନେଇ ମଧ୍ୟ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଚାନ୍ଦିପୋଷ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ମେଡିକାଲ୍‌କୁ ପଠାଇଥିବା ଜଣାପଡ଼ିଛି। ଏଥିସହ ପୁଲିସ୍ ନଦୀକୂଳରେ ଥିବା ମୋଟର ସାଇକେଲ୍ (ନଂ. ଓଡି୧୪ଡିଏଲ୍୨୧୮୧)କୁ ଜବତ କରିଛି।

# ଯୌତୁକ ପାଇଁ ନବବଧୂକୁ ହତ୍ୟା

## ସ୍ୱାମୀ ଅଟକ, ପୁଲିସର ତଦନ୍ତ ଆରମ୍ଭ



**ନିଳଗିରି,୨୨।୧୨ (ସଂଚାର ବ୍ୟୁରୋ):** ଜୁରିଆ ପାଟଣା ଗ୍ରାମର ଜଣେ ନବ ବଧୂଙ୍କୁ ସ୍ୱାମୀ, ଶଶୁର, ଶାଶୁ, ନଣନ୍ଦ ମାରିଦେଇ ଘର ଭିତରେ ବେକରେ ରସି ଲଗାଇ ଓରାରେ ଟାଙ୍ଗି ଦେଇଥିବା ଶ୍ୱଶୁର ଘର ଲୋକ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ଝିଅର ବାପା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ନୀଳଗିରି ଥାନା ଅଧିନ ଜୁରିଆପାଟଣା ଗ୍ରାମର ଅରୁଣ ମଲ୍ଲିକଙ୍କ ପୁଅ ଚିଣ୍ଟୁ ଓରଫ ଜୟଦେବ ମଲ୍ଲିକ (୨୮)ଙ୍କ ସହିତ ଗତ ୬ ବର୍ଷତଳେ ସୋରୋ ଥାନା ଅଧିନ ପଥରପେଣ୍ଟ ଗ୍ରାମର ଉମାକାନ୍ତ ମଲ୍ଲିକଙ୍କ ଝିଅ ଲିପି ଓରଫ ବାସନ୍ତୀ ମଲ୍ଲିକ (୨୫)ଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ପରେ ତାଙ୍କ ଔରସରୁ ଏକ ତିନି ବର୍ଷର ଝିଅ ଓ ଦୁଇ ବର୍ଷର ପୁଅ ଜନ୍ମଲାଭ କରିଛନ୍ତି। ୨ଜଣକ ସଂସାର ବେଶ ହସ ଖୁସିରେ ଚାଲିଥିବା ବେଳେ୬ମାସ ପୂର୍ବରୁ ଅର୍ଥ ଲୋଭି ସ୍ୱାମୀ ଜୟଦେବ ଶ୍ୱଶୁର ଘରୁ ନିଜ ସ୍ତ୍ରୀ ବାସନ୍ତୀ ମାଧମରେ ମଟର ସାଇକେଲ କିଣିବା ପାଇଁ ୧ଲକ୍ଷ ଟଙ୍କା ଯୌତୁକ ଦାବି କରିଥିଲେ। ଏନେଇ ବାସନ୍ତୀ ତାଙ୍କ ବାପା ଉମାକାନ୍ତ ଟଙ୍କା ଦେବାକୁ ଅସମର୍ଥ ହୋଇଥିଲେ। ଉକ୍ତ ଘଟଣାକୁ ନେଇ ବାସନ୍ତିକୁ ଶ୍ୱଶୁର ଘର ଲୋକେ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲ।

### ଅନ୍ଧାରରେ ଅସ୍ତରଙ୍ଗ ମେଡିକାଲର ଭାଗ୍ୟ

# ସମ୍ପ୍ରସାରଣ ପାଇଁ ସମସ୍ୟା ସାଜିଛି ଜମି ଚିହ୍ନଟ

**କାକଟପୁର/ଅସ୍ତରଙ୍ଗ,୨୨।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକର ୧୫ଗୋଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ପୂର୍ବ ସରକାର ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପ୍ରସାରଣ ପାଇଁ ଅସ୍ତରଙ୍ଗରୁ ନୂଆଗଡ ରାସ୍ତା ପାର୍ଶ୍ୱରେ ଜମି ସ୍ଥିର କରାଯାଇଥିଲା। କୌଣସି କାରଣବଶତଃ ସମସ୍ୟା ଉପୁଜିବାରୁ ଏହା ବନ୍ଦ ରହିଥିଲା। ଯାହା ଫଳରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପ୍ରସାରଣ ପାଇଁ ଜମି ମିଳୁନାହିଁ। ଫଳରେ ପାଖାପାଖି ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପ୍ରକଳ୍ପ ଅଟକି ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ମଂଜୁର କରାଯାଇଛି। କିନ୍ତୁ ଅନୁଦାନ ମଂଜୁର ସତ୍ତ୍ୱେ ଜମି ମିଳୁନଥିବା ଯୋଗୁଁ ଏହି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ ଗୋଟି ପଂଚାୟତର ହଜାର ହଜାର ଲୋକ ବିଭିନ୍ନ ପ୍ରକାର ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।




ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ମାତ୍ର ୧୦ ଗୋଟି ଶଯ୍ୟା ସହ ଖୁବ କମ୍ ସଂଖ୍ୟକ ବିଭାଗ ରହିଛି। ଅନେକ ବିଭାଗରେ ଡକ୍ଟର ନାହାନ୍ତି। ଯାହା ସ୍ଥାନୀୟ ଲୋକ ଚିକିତ୍ସା ସେବା ଆବଶ୍ୟକତାକୁ ପୂରଣ କରି ପାରୁନାହିଁ। ଏହା ସହ ମେଡିକାଲ ରହୁଥିବା କର୍ମଚାରୀଙ୍କ ଆବଶ୍ୟକ ମୁତାବକ ଗୃହ ନାହିଁ। ବର୍ତ୍ତମାନ ଆବଶ୍ୟକତାକୁ ଦେଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହାର ସମ୍ପ୍ରସାରଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅସ୍ତରଙ୍ଗ ତହସିଲଦାରଙ୍କୁ ତୁରନ୍ତ ୩ରୁ ୪ଏକର ଜମି ଯୋଗାଇ ଦେବା ପାଇଁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜମି ଚିହ୍ନଟ ହେଲେ ଟେକ୍ନିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରିବେ।

## ଯୁବକଙ୍କ ଆତ୍ମହତ୍ୟା



**ରାଇଘର,୨୨।୧୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନରେ ଥିବା ଭାରସୁଣ୍ଡି ଡି.ଏନ.କେ ଗ୍ରାମର ଜଣେ ୧୯ ବର୍ଷ ବୟସ ଯୁବକ ମୋବାଇଲକୁ ନେଇ ପରିବାର ଲୋକ ବିରୋଧ କରିବାରୁ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଭାରସୁଣ୍ଡି ଡିଏନକେ ଗ୍ରାମର ସୁଶାନ୍ତ ମିର୍ଧାଙ୍କ ପୁଅ ଅମିତ ମିର୍ଧା (୧୯)କୁ ମା କାହିଁକି ସବୁବେଳେ ମୋବାଇଲରେ ମାତୁଛ ବୋଲି ପାଟି କରିଥିଲେ। ଅମିତ ଏହାକୁନେଇ ଗଭୀର ଚିନ୍ତାରେ ଥିଲା। ପରିବାର ଲୋକେ ବିଳମ୍ବିତ ରାତି ଯାଏ ନଜର ରଖୁଥଲେ ଅମିତ ଉପରେ। ଭୋର ଚାରିଟା ସମୟରେ ଅମିତର ଶୋଇବା ରୁମରୁ ଏକ ଶବ୍ଦ ଶୁଭିବାରୁ ପରିବାର ଲୋକେ ଯାଇ ଦେଖିଲାବେଳକୁ ଘରେ ଲାଗିଥିବା ଲୁହା ପାଇପ ଡୁଲମରେ ଝୁଲୁଥିବା ଦେଖି ତାକୁ ସଙ୍ଗେ ସଙ୍ଗେ ତଳକୁ ଓହ୍ଲାଇ ଡାକ୍ତରଙ୍କ ପାଖକୁ ନେବାକୁ ବାହାରିବା ସମୟରେ ଅମିତର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହାକୁ ନେଇ ପୁଲିସ କେଶ ନମ୍ବର ୯୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପ୍ରକାଶ କରିଛି।

## ଚୋରା ପଥର ଓ ବାଲି ବୋଝେଇ ଡମ୍ଫର ଜବତ



**ନୀଳଗିରି,୨୨।୧୨ (ସଂଚାର ବ୍ୟୁରୋ):** କିଛି ଦିନ ଧରି ନିଳଗିରି ପୁଲିସ ଲଘୁଖଣିଜ ଚୋରା ଚାଲାଣ ଉପରେ ଚଢ଼ାଉ ଜାରି ରଖିଥିବା ଜାଣିବାକୁ ମିଳିଛି। ଗତ ରବିବାର ରାତିରେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ସରୋଜ କୁମାର ଦାସ ସଦଳବଳେ ଘାଟଘରସାହି ଛକ ନିକଟରେ ଦୁଇଟି ପଥର ବୋଝେଇ ଡମ୍ଫର ଓ ଅଯୋଧ୍ୟା ରାସ୍ତାରେ ଏକ ବାଲି ବୋଝେଇ ଟ୍ରାକ୍ଟର ଓ ଡମ୍ଫରକୁ ଜବତ କରିଛନ୍ତି।

## ବାର୍ହା ଆକ୍ରମଣରେ ଯୁବକ ଗୁରୁତର



**ଫୁଲବାଣୀ,୨୨।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ବବଡଙ୍ଗିଆ ଗାଁରେ ଜଙ୍ଗଲୀ ବାର୍ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି । ତେବେ ସୂଚନା ଅନୁସାରେ ବବଡଙ୍ଗିଆ ଗାଁର ବୀରେନ୍ଦ୍ର କହଁର ବୟସ ଚାଳିଶ ରବିବାର ସକାଳ ପ୍ରାୟ ଦଶଟା ସମୟରେ ନିଜର ଗାଈ ଚରାଇବାକୁ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ଏକ ଜଙ୍ଗଲି ବାର୍ହା ହଠାତ ଆସି ଆକ୍ରମଣ କରିଥିଲା। ଜୀବନ ବିକଳରେ ବୀରେନ୍ଦ୍ର ବହୁ କଷ୍ଟରେ ଘଟଣାସ୍ଥଳରୁ କିଛି ବାଟ ଯିବା ପରେ କିଛି ଲୋକେ ତାଙ୍କୁ ଦେଖି ପ୍ରଥମେ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

### ଯାଜପୁର ରୋଡ - ଧାମରା ରେଳପଥ

# ସରକାରୀ ବ୍ୟୟରେ ନିର୍ମାଣ କରିବାକୁ ଦାବି

**ଯାଜପୁର,୨୨।୧୨ (ସଂଚାର ବ୍ୟୁରୋ):** ଯାଜପୁର ରୋଡ଼–ଧାମରା ଭାୟା ଯାଜପୁର ଓ ଆରଡ଼ି ରେଳପଥକୁ ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ନିର୍ମାଣ କରିବା ଦାବିରେ ଆନ୍ଦୋଳନ ତୀବ୍ର ହୋଇଉଠିଛି। ଏହି ଦାବିକୁ ନେଇ ଆସନ୍ତା ୨୦୨୬ ଜାନୁଆରୀ ୭ ତାରିଖରେ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଗଣଧାରଣା ଆୟୋଜନ କରାଯିବ ବୋଲି ଯାଜପୁର ରୋଡ଼–ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଘୋଷଣା କରାଯାଇଛି।

ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପିପିପି ମଡେଲକୁ ଅସ୍ୱୀକାର କରି ପ୍ରକଳ୍ପକୁ ସରକାରୀ ବ୍ୟୟରେ କାର୍ଯ୍ୟକାରୀ କରିବାକୁ ସମିତି ଏକମତ ହୋଇଛି। ବୈଠକରେ ପ୍ରକଳ୍ପକୁ ତୁରନ୍ତ ମଞ୍ଜୁରୀ ଦେଇ ଆଗାମୀ କେନ୍ଦ୍ର ବଜେଟରେ ବ୍ୟୟବରାଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କଡା ଦାବି ଉଠାଯାଇଛି। ସମିତି ସ୍ପଷ୍ଟ ଚେତାବନୀ ଦେଇ କହିଛି, ଯଦି ଆଗାମୀ କେନ୍ଦ୍ର ବଜେଟରେ ପ୍ରକଳ୍ପ ପାଇଁ ବ୍ୟୟବରାଦ ନହୁଏ, ତେବେ ଫେବୃଆରୀ ୧୧ ତାରିଖରେ ଯାଜପୁର ରୋଡ଼, ଭଦ୍ରକ ଓ ଧାମରାରେ ରେଳରୋକ ଆନ୍ଦୋଳନ କରାଯିବ।




ଏହି ବୈଠକରେ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ଦେବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସଂଗ୍ରାମ ସମିତି ପକ୍ଷରୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଏହି ଆନ୍ଦୋଳନରେ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି।

# ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ମରୁଡ଼ି

## ଶତାଧିକ ରୋଗୀଙ୍କୁ ଜଣେ ଡାକ୍ତର, ଫାର୍ମାସିଷ୍ଟ କାମ କରୁଛନ୍ତି ନର୍ସ




**ବୋରିଗୁମ୍ମା,୨୨।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଫାର୍ମାସିଷ୍ଟ କର୍ମଚାରୀ ମରୁଡି ଦେଖାଦେଇଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଉଦାସୀନତା କାରଣରୁ ଏହି ପଦବୀ ପୂରଣ ହୋଇ ପାରୁନଥିବା କୁହାଯାଇଛି। ଫଳରେ ୬ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାଠରଗଡା, କୁମୁଲି, ବି. ସିଂହପୁର, ହର୍ଦୋଲି, ଶଶାହାଣ୍ଡି ଓ ଡେଙ୍ଗପଦର ସ୍ୱାସ୍ଥ୍ୟ ସେବା ଓ ଔଷଧ ବିତରଣ କାର୍ଯ୍ୟ ଏବେ ନର୍ସ ହାତରେ। କେତେବେଳେ ବି କିଛି ଭୁଲ ରୋଗୀଙ୍କ ଜୀବନ ନେଇପାରେ। ସେପଟେ ଶତାଧିକ ରୋଗୀଙ୍କ ସେବା ପାଇଁ ଜଣେ ହେଲେ ଫାର୍ମାସିଷ୍ଟ ନିଯୋଜିତ ହୋଇନଥିବା ଦେଖାଯାଇଥିବା ବେଳେ ବୋରିଗୁମ୍ମା ଅଞ୍ଚଳବାସୀ ଖାଲି ପ୍ରତାରଣାର ଶିକାର ହୋଇଛନ୍ତି।

ସୂଚନାଯୋଗ୍ୟ ବୋରିଗୁମ୍ମା ବ୍ଲକର ୩୧ଟି ପଞ୍ଚାୟତର ରୋଗୀମାନେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ବେଳେ ବେଳେ ରୋଗୀ ମାନଙ୍କ ଶଯ୍ୟା ଠାରୁ ଦୁଗୁଣିତ ରୋଗୀ ତଳେ ପଡି ମଧ ଚିକିତ୍ସିତ ହେଉଥିବା ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ସମସ୍ତ ଫାର୍ମାସିଷ୍ଟମାନେ ପଦନ୍ନୋତି ପାଇ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଯାହାଫଳରେ ବୋରିଗୁମ୍ମା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ଖାଲି ପଡିବାରୁ ଔଷଧ ବିତରଣରୁ ଆରମ୍ଭକରି ସରକାରଙ୍କ ବିଭିନ୍ନ ଯୋଜନା ସଫଳ ରୂପାୟନ କରିବାରେ ପ୍ରତିବନ୍ଧକ ସାଜିଛି। ଯାହାଫଳରେ ଅଞ୍ଚଳବାସୀ ଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ମା ବିରଜା ମନ୍ଦିରରେ ମୁସଲମାନ ଯୁବକ ପ୍ରବେଶକୁ ନେଇ ଉତ୍ତେଜନା

**ଯାଜପୁର,୨୨।୧୨ (ସଂଚାର ବ୍ୟୁରୋ):** ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିର ପରିସରରେ ଆଜି ଏକ ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ମନ୍ଦିର ଭିତରକୁ ଜଣେ ହିନ୍ଦୁ ଯୁବତୀଙ୍କ ସହ ଜଣେ ମୁସଲମାନ ଯୁବକ ପ୍ରବେଶ କରିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନା ଅନୁସାରେ, ନିକଟସ୍ଥ ସାଇକେଲ୍ ଷ୍ଟାଣ୍ଡରେ କାମ କରୁଥିବା କର୍ମଚାରୀ ଜଣକ ଫୋନ୍‌ପେ ଲେନଦେନ ସମୟରେ ଯୁବକଙ୍କ ପରିଚୟ ସମ୍ପର୍କରେ ଜାଣିଥିଲେ। ପରେ ଏହି ଘଟଣାକୁ ନେଇ ମନ୍ଦିର ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯୁବକଙ୍କ ଘର ଯାଜପୁର ଇଜାପୁର ଅଞ୍ଚଳରେ ଓ ତାଙ୍କ ନାମ ଏସ୍.କେ. ମସଗୁଲ ବୋଲି ଜଣାପଡିବା ପରେ, ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଯାଜପୁର ଟାଉନ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକ ଓ ଯୁବତୀଙ୍କୁ ଟାଉନ୍ ଥାନାକୁ ନେଇଯାଇଛନ୍ତି। ଏହି ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




**ବ୍ରହ୍ମପୁର,୨୨।୧୨ (ସଂଚାର ବ୍ୟୁରୋ):** ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଉତ୍ସବର ପ୍ରଥମ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ବେହେରା ଉଦଘାଟିତ କରି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶଶୀଭୂଷଣ ରଥ ସରକାରୀ ବାଳିକା ମହାବିଦ୍ୟାଳୟ ଇତିହାସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ ଭବାନୀ ମହାରଣା ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ଉକ୍ତ ମହାବିଦ୍ୟାଳୟର ଉଦ୍ଭିଦ୍ ବିଜ୍ଞାନ ଆସିଷ୍ଟାଣ୍ଟ ପ୍ରଫେସର ଡ ଭାଗିରଥି କାଣ୍ଡି ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରି ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଖେଳ ମଶାଲ୍‌କୁ ସ୍କୁଲର ଜାତୀୟ ନେଟବଲ୍ ଖେଳାଳି ଅର୍ପିତା କାଣ୍ଡି ଆଣିଥିବା ବେଳେ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଶିକ୍ଷକ ରଞ୍ଜିତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ଏକାଡେମୀ, ସିସିଏର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଉପାଧକ୍ଷା ସ୍ମିତାବାଳା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଦେବୀ ମୁହାଁଣରେ ଫସିଲା ଟ୍ରଲର, ୬ ମତ୍ସ୍ୟଜୀବୀ ଉଦ୍ଧାର

**କାକଟପୁର/ଅସ୍ତରଙ୍ଗ,୨୨।୧୨ (ସଂଚାର ବ୍ୟୁରୋ):** ଦେବୀ ମୁହାଁଣରେ ରବିବାର ସନ୍ଧ୍ୟାରେ ମାଛଧରା ଟ୍ରଲର ଫସିଥିବା ଜଣାଯାଇଛି। ମା' କାଳୀ ନାମକ ଏକ ମାଛଧରା ଟ୍ରଲର ସମୁଦ୍ର ଭିତରୁ କୂଳକୁ ଅଥବା ନୂଆଗଡ ଜେଠି ନିକଟକୁ ଫେରୁଥିବା ବେଳେ ସମୁଦ୍ର ଉଚ୍ଚ ଲହଡି ସମେତ, ବାଲି ଲାଗିବାରୁ ହଠାତ ଅଟକି ରହିଥିବା ଦେଖିବାକୁ ମିଳିଛି। ଉକ୍ତ ଟ୍ରଲରଟି ଇନ୍ଦ୍ରମଣି ବିଶ୍ୱାଳଙ୍କର ବୋଲି ସୂଚନା ମିଳିଛି। ଏହି ଟ୍ରଲରରେ ମୋଟ ଚାଳକଙ୍କ ସମେତ ୬ଜଣ ମତ୍ସ୍ୟଜୀବୀ ଥିବା ଜଣାଯାଇଛି। ତେବେ ସୂଚନା ପାଇଁ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପୁଲିସ ଓ ମତ୍ସ୍ୟ ବିଭାଗ ମିତ୍ର ପହଞ୍ଚି ମା' କାଳୀ ଟ୍ରଲରରୁ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛନ୍ତି। କିନ୍ତୁ ଟ୍ରଲରଟି ଢେଉ ମାଡ଼ରେ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଉଦ୍ଧାର କ୍ରିଉ ମେମ୍ବର ଶଙ୍କର କହିଛନ୍ତି, ଜାଲ ହଠାତ ଗୁରାଇ ହୋଇ ଫ୍ୟାନ ଲାଗିଯିବା ସହ ସମୁଦ୍ର ଉଚ୍ଚ ଲହଡି ମାଡ଼ ରେ ବୋଟ କୁ ସମ୍ପୂର୍ଣ୍ଣ ଫଟାଇ ଦେଇଥିଲା।



## କୁମୁଲି ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବୋରିଗୁମ୍ମା,୨୨।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ବିକ୍ରମ କୁମାର ଦାସ ପଦୋନ୍ନତି ପାଇ ସିନିୟର ଫାର୍ମାସିଷ୍ଟ ଭାବେ ରୂପେ କଟକ ବଡ ମେଡିକାଲକୁ ବଦଳି ହୋଇଛନ୍ତି। ସ୍ଥାନୀୟ କୁମୁଲି, ବୋରିଗୁମ୍ମା ଗୋଷ୍ଠୀ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀମାନେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରି ବିଦାୟ ଜଣାଇଥିଲେ। ଶ୍ରୀ ଦାସ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୧୬ ମସିହାରେ ଫାର୍ମାସିଷ୍ଟ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ବେଳେ ଦୀର୍ଘ ବର୍ଷ ଧରି କୁମୁଲି ଡାକ୍ତରଖାନାରେ ଫାର୍ମାସିଷ୍ଟ ରୂପେ କାର୍ଯ୍ୟ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ଭାବେ ପ୍ରସିଦ୍ଧ ଲାଭ କରିଥିଲେ। ଶ୍ରୀ ଦାସଙ୍କ ପଦୋନ୍ନତିକୁ ନେଇ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀକାନ୍ତ କୁମାର ଶତପଥୀ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ବାକି କର୍ମମୟ ଜୀବନ ପାଇଁ ମଙ୍ଗଳ କାମନା କରିଥିଲେ।

## ମନରେଗା ନାମ ପରିବର୍ତ୍ତନର ପ୍ରତିବାଦ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ




**ନୀଳଗିରି,୨୨।୧୨ (ସଂଚାର ବ୍ୟୁରୋ):** ମନରେଗା ନାମକୁ ବଦଳାଇ କେନ୍ଦ୍ର ସରକାର ଭି ବି ଜି ରାମ ଜି ଯୋଜନା କରିଛନ୍ତି। ଉକ୍ତ ବିଲକୁ ପ୍ରତ୍ୟାହାର କରିବା ପାଇଁ ସିପିଆଇ(ଏମ) ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରସରକାର ମନରେଗା ଯୋଜନା ନାମକୁ ପରିବର୍ତ୍ତନ କରି ଭି ବି ଜି ରାମ ଜି ନାମ କରିଛନ୍ତି। ଯେଉଁ ନୂତନ ଯୋଜନା କଲେ ଗରିବ ଲୋକମାନେ କାମ ପାଇବା ତ ଦୂରର କଥା ବରଂ କର୍ମସଂସ୍ଥାନ ହରାଇବେ, ଉକ୍ତ ଯୋଜନାରେ କାର୍ଯ୍ୟର ଗ୍ୟାରେଣ୍ଟି ନାହିଁ। ଉକ୍ତ ଯୋଜନାକୁ କାର୍ଯକାରୀ କରିବା ପାଇଁ ଯେଉଁ ବିଲ ଆସିଛି ତାକୁ ରଦ୍ଦ କରିବା ପାଇଁ ଆଜି ପୂର୍ବାହ୍ନରେ ସିପିଆଇ(ଏମ) ନୀଳଗିରି ଆଂଚଳିକ କମିଟି ପକ୍ଷରୁ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ଯିବା ପରେ ଉକ୍ତ ବିଲ୍‌କୁ ପୋଡ଼ା ଯାଇଥିବାର ଦେଖିବାକୁ ମିଳିଛି।

## ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଧାରଣା ଓ ସ୍ମାରକପତ୍ର ପ୍ରଦାନ




**ଖୋର୍ଦ୍ଧା,୨୨।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ବିଜେପି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେବା ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ରାଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଧାରଣା କାର୍ଯ୍ୟକ୍ରମ ସ୍ଥାନୀୟ କୋଅପରେଟିଭ ବ୍ୟାଙ୍କ ଛକ ଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିଛବି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ କେନ୍ଦ୍ର ସରକାର ଚକ୍ରାନ୍ତକରି ଉପରୋକ୍ତ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛନ୍ତି ଏବଂ ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି । ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଖୁବଶୀଘ୍ର ପୂର୍ନବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଥିଲେ । କାର୍ଯ୍ୟକ୍ରମ ପରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବଡ଼ଦିନ ପାଇଁ ଶାନ୍ତି କମିଟି ବୈଠକ



**ଫୁଲବାଣୀ,୨୨।୧୨ (ସଂଚାର ବ୍ୟୁରୋ):** ଆସୁଛି ବଡ଼ ଦିନ ଏହି ଅବସରରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ଶାନ୍ତି ଶୃଙ୍ଖଳା ରକ୍ଷା କରି ବଡ଼ ଦିନ ପାଳନ କରିବାକୁ ବ୍ଲକ ପ୍ରଶାସନ ତରଫରୁ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠିଙ୍କ ଅଧକ୍ଷତରେ ଅନୁଷ୍ଠିତ ଏହି ଶାନ୍ତି କମିଟି ବୈଠକରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ, ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ବିଏସଏସ ଓ ଜ୍ଞାନ ରଞ୍ଜନ ସେଠି ଯୋଗ ଦେଇଥିଲେ । ବିଭିନ୍ନ ଚର୍ଚ୍ଚର ସଭାପତିଙ୍କ ସହ ଖ୍ରୀଷ୍ଟ ଧର୍ମାବଲମ୍ବୀ , ପାଣ କୂଳ ସମାଜ ସଭାପତି ଚନ୍ଦ୍ର ମୋହନ, ନାୟକ ବରିଷ୍ଠ କୁଇ ସମାଜ କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ଜନସାଧାରଣ ଯୋଗ ଦେଇଥିଲେ। ଏହି ବୈଠକରେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ସହ ବଡ଼ ଦିନ ପାଳନ କରିବାକୁ ନିବେଦନ କରାଯାଇଛି।

# ଅସ୍ତରଙ୍ଗ ଓ କାକଟପୁରରେ ମାଳମାଳ କବାଡ଼ିଆ ଦୋକାନ

## ବଢୁଛି ଚୋରା କାରବାର



**କାକଟପୁର/ଅସ୍ତରଙ୍ଗ,୨୨।୧୨ (ସଂଚାର ବ୍ୟୁରୋ):** ଭଙ୍ଗା, ଦଦରା ଲୁହା, ପ୍ଲାଷ୍ଟିକି ଅଦରକାରୀ କାଗଜ କିଣା ବିକାକରିବା ଲାଗି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ସମେତ ସ୍ଥାନୀୟ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଗଢି ଉଠିଛି କବାଡିଆ ଦୋକାନ। ବାସ୍ତବ କ୍ଷେତ୍ରରେ କିଛି ଅସାମାଜିକ ଶ୍ରେଣୀର ବ୍ୟକ୍ତି କମ୍ ମଜୁରୀ ପ୍ରଦାନ କରି ଗରିବ ଶ୍ରେଣୀର କୋମଳମତି ଶିଶୁମାନଙ୍କୁ ଭଙ୍ଗା, ଦଦରା ଲୁହା ଟିଣ, ପ୍ଲାଷ୍ଟିକି ସଂଗ୍ରହ କରିବାକୁ ପଠାଉଥିବା ବେଳେ ଅସଲରେ କିଛି ଅଲଗା ଉଦ୍ଦେଶ୍ୟ ରହିଥିବାର ଜଣାପଡିଛି।

ସମ୍ପୃକ୍ତ କିଛି ବ୍ୟକ୍ତି ବିଶେଷ ଗ୍ରାମାଞ୍ଚଳରେ ବିଳମ୍ବିତ ରାତ୍ରରେ ସରକାରୀ କଳ ସହ ବିଭିନ୍ନ ଯନ୍ତ୍ରାଂଶ ଚୋରାଇ ସିଧାସଳଖ କବାଡିଆ ଦୋକାନରେ ବିକ୍ରି କରୁଛନ୍ତି। ଚୋରା ସାମଗ୍ରୀକୁ କବାଡିଆ ଦୋକାନ ମାଲିକମାନେ କିଲୋ ପିଛା ୨୦ରୁ ୨୫ଟଙ୍କାରେ କିଣୁଥିବା ବେଳେ ସାମଗ୍ରୀର ଚାହିଦା ଅନୁସାରେ ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରିଥାନ୍ତି। ଏପରିକି କିଛି ଗ୍ରାହକ ସୁଲଭ ମୂଲ୍ୟରେ ଘର କରଣା ସାମଗ୍ରୀ କିଣିବା ଲାଗି ବିଭିନ୍ନ କବାଡିଆ ଦୋକାନମାନଙ୍କରେ ଭିଡ଼ ଜମାଉଥିବା ନଜର ରହିଛି।

ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମାଞ୍ଚଳରୁ ଘରୁ ଚୋରି ହେଉଥିବା ବେଳେ ଛୋଟମୋଟ ଚୋରିକୁ କେନ୍ଦ୍ର କରି ଥାନାରେ ଏତଲା ଦେଇ ଅଯଥାରେ ହଇରାଣ ହରକତ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହାର ସୁଯୋଗ ନେଇ ବହୁ ଅସାମାଜିକ ଯୁବକ ଏହାର ଭରପୁର ଲାଭ ଉଠାଉଛନ୍ତି। ଘଟଣାକୁ ନେଇ ପୁଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳର କବାଡିଆ ଦୋକାନ ଗୁଡିକରେ ଅତର୍କିତ ଚଢାଉ କରାଗଲେ ବହୁ ଚୋରା କାରବାରର ଗୁମର ଖୋଲିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଚାଷୀଙ୍କ ଚକ ଅଖ ବନ୍ଦ ଡାକରାରେ ଲୋକେ ପ୍ରଭାବିତ

**ରାଇଘର,୨୨।୧୨ (ସଂଚାର ବ୍ୟୁରୋ):** ଧାନ ମଣ୍ଡିକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ସରକାର ଏମ୍‌ଏସ୍‌ପି ଦରରେ ମକା କ୍ରୟ ଦାବିରେ ନବରଙ୍ଗପୁର ଜିଲ୍ଲା ଉମରକୋଟ, ଝରୀଗାଁ ଓ ରାଇଘର ବ୍ଲକରେ ଆଜିଠାରୁ ଆସନ୍ତା ୨୯ ଡିସେମ୍ବର ପର୍ଯ୍ୟନ୍ତ ଚକା ଅଖା ବନ୍ଦ ଡାକରା ଦେଇଛନ୍ତି। ଏହାର ପ୍ରଭାବ ଦେଖିବାକୁ ମିଳିଛି ତିନୋଟି ବ୍ଲକରେ। ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇଛି। ହଜାର ହଜାର ସଂଖ୍ୟାରେ ଚାଷୀ ଟ୍ରାକ୍ଟର, ଧାନ ଓ ମକା ବସ୍ତା ରଖି ରାସ୍ତା ଅବରୋଧ କରି ରଖିଛନ୍ତି। ତିନୋଟି ବ୍ଲକର କୃଷକ ମହାସଙ୍ଘ ପକ୍ଷରୁ ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଛି।



ଚାଷୀମାନେ ଛକ ଛକରେ ରାସ୍ତା ଅବରୋଧ କରି ବସିଛନ୍ତି। ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ। ଆଲୋଚନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର ସମେତ ପୋଲିସ ବିଭାଗ, ଫୋର୍ସ ଉପସ୍ଥିତ ରହିଛନ୍ତି।

### ପଲ୍ୟୁସନ ସାର୍ଟିଫିକେଟର ଯାଞ୍ଚ

# ଜାନୁଆରୀ ୧ରୁ କଡ଼ାକଡ଼ି ଚେକିଂ



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଜାନୁଆରୀ ୧ରୁ ହେବ କଡ଼ାକଡ଼ି ହେବ ପଲ୍ୟୁସନ ସାର୍ଟିଫିକେଟର ଯାଞ୍ଚ। ଏହି ଅଭିଯାନ ଜାନୁଆରୀ ୩୧ ଯାଏ ଚାଲିବ। ଯାଞ୍ଚରେ ଯେଉଁ ଗାଡ଼ିର ବୈଧ ପିୟୁସି ନଥିବ, ସେମାନଙ୍କୁ ପେଟ୍ରୋଲ ଡିଜେଲ ମିଳିବନି। ଏନେଇ ସୋମବାର ପରିବହନ ବିଭାଗ, ତୈଳ କମ୍ପାନି ଓ ଡିଲର ସଂଘ ମଧ୍ୟରେ ବୈଠକ ପରେ ସୂଚନା ଦେଇଛନ୍ତି ପରିବହନ କମିଶନର ଅମିତାଭ ଠାକୁରଙ୍କ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ବାୟୁ ଗୁଣବତ୍ତାର ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି ସରକାର। ଏଥିପାଇଁ ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ, ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ନେଇଛି।

ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନାହିଁ ସେମାନଙ୍କୁ କୌଣସି ପେଟ୍ରୋଲ ପମ୍ପରେ ତେଲ ନ ଦେବାକୁ ନିର୍ଦ୍ଦେଶ ଦେଇଛି ପରିବହନ ବିଭାଗ।

ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ଏଥିପାଇଁ ଗାଡ଼ି ଗୁଡିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍ ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

### ବୈଧ ପିୟୁସି ନଥିଲେ ମିଳିବନି ତେଲ

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ, ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ।



ସୋମବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ତାଙ୍କ ସାଥୀରେ ଥିଲେ ଲୋକସଭା ବାଚସ୍ପତି ଓମ ବିର୍ଲା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ।

## କୋରାପୁଟ ରାଜ୍ୟର ସବୁଠୁ ଥଣ୍ଡା ସହର

### ଘନ କୁହୁଡ଼ି ଯୋଗୁ ଯାତାୟତ ବାଧାପ୍ରାପ୍ତ




**କୋରାପୁଟ,୨୨।୧୨ (ସଂଚାର ବ୍ୟୁରୋ):** ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ସବୁଠାରୁ ସର୍ବନିମ୍ନ ତାପମାତ୍ରା କୋରାପୁଟରେ ରେକର୍ଡ ହୋଇଛି। ଆଇଏମଡିର ତଥ୍ୟ ଅନୁଯାୟୀ ରାଜ୍ୟରେ ୧୦ ଡିଗ୍ରି ତାପମାତ୍ରା ମଧ୍ୟରେ ୬ଟି ସହର ରହିଥିବା ବେଳେ କୋରାପୁଟ ସହରରେ ସର୍ବନିମ୍ନ ୫.୫ ଡିଗ୍ରି ରହିଛି। ଦାରିଙ୍ଗବାଡିରେ ୭.୦ ଡିଗ୍ରି, ଫୁଲବାଣୀରେ ୮ ଡିଗ୍ରି, ନବରଙ୍ଗପୁରରେ ୮.୮ ଡିଗ୍ରି, ବୌଦ୍ଧରେ ୯.୨ ଡିଗ୍ରି ଓ ରାଉରକେଲାରେ ୯.୯ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭାବେ ସେମିଳିଗୁଡ଼ାରେ ୮ ଡିଗ୍ରି ରେକର୍ଡ ହୋଇଛି। କୋରାପୁଟରେ ଚଳିତ ବର୍ଷର ସବୁଠାରୁ ସର୍ବନିମ୍ନ ତାପମାତ୍ରା ଆଜି ରେକର୍ଡ ହୋଇଛି। କେବଳ କୋରାପୁଟ ସହର ନୁହେଁ ସାରା ଜିଲ୍ଲା ପ୍ରବଳ ଜାଡ଼ରେ ଥରୁଛି। ପ୍ରବଳ ଥଣ୍ଡା ସହିତ ରାତି ପ୍ରାୟ ୧ ଘଣ୍ଟାରୁ ସକାଳ ୮ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ଦେଖାଦେଇଥିଲା। କୁହୁଡି ବର୍ଷାରେ ରାସ୍ତା ଓଦା ହୋଇଥବା ଦେଖିବାକୁ ମିଳିଥିଲା। ପ୍ରାୟ ୨୦ ମିଟରରୁ ଅଧିକା ଦୃଶ୍ୟମାନ ହେଉନଥିଲା। ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଥିଲା। ଲୋକେ ଥଣ୍ଡାରୁ ରକ୍ଷା ପାଇଁ ନିଆଁ ଜାଳ କରି ରହୁଥିବା ଦେଖିବାକୁ ମିଳିଛି। ଥଣ୍ଡାରେ ପ୍ରାତଃ ଭ୍ରମଣର ମଜା ନେଉଛନ୍ତି ସହରବାସୀ। ହିଲ ଷ୍ଟେସନ ଭାବେ ପରିଚିତ କୋରାପୁଟ ସମେତ ଲମତାପୁଟ, ନନ୍ଦପୁର, ସେମିଳିଗୁଡା, ପଟାଙ୍ଗି, ଲକ୍ଷ୍ମୀପୁର, ଦଶମନ୍ତପୁର, କୁନ୍ଦ୍ରା, ବୈପାରୀଗୁଡ଼ା ଆଦିରେ ବି ପ୍ରବଳ ଥଣ୍ଡାରେ ଲୋକେ ଘରୁ ବାହାରି ପାରୁନାହାନ୍ତି।

# ଜେଲରେ ବିକ୍ରମଙ୍କୁ ଭେଟିଲେ ବିଜେଡି ନେତା

**ବ୍ରହ୍ମପୁର,୨୨।୧୨ (ସଂଚାର ବ୍ୟୁରୋ) :** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇ ଜେଲରେ ଥିବା ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଭେଟିଛନ୍ତି ବିଜେଡି ନେତା। ଆଜି ଶଙ୍ଖ କ୍ୟାମ୍ପର ଏକ ପ୍ରତିନିଧି ଦଳ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଯାଇ ବିକ୍ରମଙ୍କୁ ସାକ୍ଷାତ୍ କରିଥିଲେ। ବିଜେଡି

- ରାଜନୈତିକ ଉଦ୍ଦେଶ୍ୟ ରଖି ଫସାଇ ଦିଆଯାଇଛି: ପ୍ରତାପ
- ଜେଲରେ ସୌଜନ୍ୟମୂଳକ ସାକ୍ଷାତ କଲୁ: ଶ୍ରୀକାନ୍ତ
- ବିକ୍ରମଙ୍କ ସଭାପତିତ୍ୱରେ ସବୁ କାର୍ଯ୍ୟକ୍ରମ ଚାଲୁ ରହିବ

ରାଜ୍ୟ ଉପସଭାପତି ପ୍ରତାପ ଜେନା, ବରିଷ୍ଠ ନେତା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ



ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଅନେକ ନେତା ବ୍ରହ୍ମପୁର ମଣ୍ଡଳ କାରାଗାର ଗସ୍ତ କରିଥିଲେ। ଭେଟିବା ପରେ ଗଣମାଧମ ଆଗରେ ପ୍ରତାପ ଜେନା କହିଛନ୍ତି ଯେ, ରାଜନୈତିକି ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଯାଇଛି। ଦେଖିବେ ଆଗାମୀ ଦିନରେ ସତ୍ୟର ବିଜୟ ହେବ ଓ ବିକ୍ରମ ପଣ୍ଡା ନିର୍ଦ୍ଦୋଶରେ ଖଲାସ ହେବେ। ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ସମେତ ଜିଲ୍ଲା ସ୍ତରୀୟ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳନ କରାଯିବ। ଗଞ୍ଜାମ ଜିଲ୍ଲାରେ ହଜାର ହଜାର ବିଜୁ ପ୍ରେମୀ ଭାଇ, ଭଉଣୀ ଏବଂ ସଂଗ୍ରାମୀ ମାନେ ଅଛନ୍ତି। ସେମାନଙ୍କ ମିଳିତ ସହଯୋଗରେ ବିଜେଡ଼ିର କାର୍ଯ୍ୟକ୍ରମ ଜିଲ୍ଲାରେ ଚାଲୁ ରହିବ। ବିକ୍ରମଙ୍କ ସଭାପତିତ୍ୱରେ ସବୁ କାର୍ଯ୍ୟକ୍ରମ ଜାରି ରହିବ। ସେହିପରି ଶ୍ରୀକାନ୍ତ ସାହୁ କହିଛନ୍ତି, ଜିଲ୍ଲା ସଂଗଠନ ଦାୟିତ୍ୱ ଯେଉଁଭଳି ନେଇଥିଲେ ଠିକ୍ ସେହିଭଳି ଆଗକୁ ମଧ ଚାଲିବ। ଅନ୍ୟପଟେ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ବେହେରା କହିଛନ୍ତି, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହେଉଛି। ଦଳୀୟ କର୍ଯ୍ୟକ୍ରମ ପୂର୍ବ ଭଳି ଜାରି ରହିବ।

### ଜେଲରୁ ସଂଗଠନ ସମ୍ଭାଳିବେ ବିକ୍ରମ!



ବିକ୍ରମ ଗିରଫ ହୋଇ ଜେଲରେ ଥିବା ବେଳେ ଜିଲ୍ଲାରେ ସଂଗଠନ ଦୁର୍ବଳ ହୋଇପଡୁଥିବା ପରିଲକ୍ଷିତ ହେଉଛି। ଏଭଳି ସମୟରେ ଜିଲ୍ଲା ସଭାପତି ପରିବର୍ତ୍ତନ ନେଇ ଖୁବ୍ ଚର୍ଚ୍ଚା ହୋଇ ଆସୁଥିଲା। ଜିଲ୍ଲାର କିଛି ନେତାଙ୍କ ନାଁ ବି ଆଲୋଚନାକୁ ଆସିଛି। କାରଣ ଶ୍ରୀ ପଣ୍ଡା ଗିରଫ ହେବା ପରେ ସ୍ଥାନୀୟ ଶଙ୍ଖ କ୍ୟାମ୍ପ ସମ୍ପୂର୍ଣ୍ଣ ଚୁପ୍ ହୋଇ ରହିଛି। କୌଣସି ଦଳୀୟ ନେତା ନିଜ ଆଡୁ ଆଗକୁ ଆସି ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ଇଛା ପ୍ରକାଶ କରୁନଥିବା ଜଣାପଡ଼ିଛି। ଏବେ ବ୍ରହ୍ମପୁର ବିଜେଡ଼ି ଦୁଇ ଫାଳ ହୋଇଯାଇଥିବା କୁହାଯାଉଛି। ଆଲୋଚନା ପ୍ରକାରେ, ଜଣେ ବରିଷ୍ଠ ନେତାଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନେବାକୁ କୁହାଯାଇଥିଲେ ବି ଏଥିରେ ସେ ରାଜି ହୋଇନଥିବା ଜଣାପଡିଛି। ସଂଗଠନ ଖର୍ଚ୍ଚ ଭୟରେ ବହୁ ନେତା ଘରୁ ଗୋଡ କାଢୁନଥିବା ସାଧାରଣରେ ଆଲୋଚନା ହେଲାଣି। ଆଜି ବିଜେଡ଼ିର ପ୍ରତିନିଧି ମଣ୍ଡଳ ଜେଲରେ ବିକ୍ରମକୁ ଭେଟିବା ପରେ ଯେଉଁ ପ୍ରତିକ୍ରିୟା ରଖିଲେ, ସେଥିରେ ଜିଲ୍ଲା ସଭାପତି ପରିବର୍ତ୍ତନର ସଙ୍କେତ ମିଳିପାରିନଥିଲା। ବିକ୍ରମଙ୍କ ସଭାପତିତ୍ୱରେ ହିଁ ଜିଲ୍ଲାରେ ଦଳର ସମସ୍ତ କାର୍ଯ ଚାଲୁରହିବ ବୋଲି ଦଳୀୟ ହେବିୱେଟ ମତ ରଖିଥିଲେ। ଅର୍ଥାତ୍ ଜେଲରେ ରହି ବିକ୍ରମ ସଂଗଠନ ସମ୍ଭାଳିବେ ବୋଲି କୁହାଯାଉଛି।

### ଜମି ଦେବା ନାଁରେ ଠକେଇ

## ଠକ ସର୍ଦ୍ଦାରକୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ନିଜକୁ ବ୍ୟାଙ୍କର ଅଧିକାରୀ କହି ବିଭିନ୍ନ ଲୋକଙ୍କଠାରୁ ୨୦ କୋଟି ଠକେଇ କରିଥିଲା ଅଭିଯୁକ୍ତ। ସେହି ଅର୍ଥରେ ଅଏସ କରୁଥିଲା ଜମି ମାଫିଆ। ହେଲେ ଏବେ ଧରାପଡ଼ିଲା। ଜମି ଦେବାକୁ କହି ଲୋକଙ୍କୁ ଚୂନ ଲଗାଇଥିବା ଭଦ୍ରକର ରାମନାରାୟଣ ବଳ ନାମକ ବ୍ୟକ୍ତିକୁ ବାନ୍ଧିଲା ଇଓଡବ୍ଲ୍ୟୁ। ସୂଚନା ଅନୁସାରେ, ବ୍ୟାଙ୍କ ଦ୍ୱାରା ନିଲାମ ହେବାକୁ ଥିବା ଜମିକୁ କମ୍ ଦାମରେ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ବିଭିନ୍ନ ଲୋକଙ୍କ ଠାରୁ ଠକିଥିଲା ଏହି ଠକ। ଏମିତିରେ ଅଭିଯୋଗ ପରେ ତଦନ୍ତକ୍ରମେ ଇଓଡବ୍ଲ୍ୟୁ, ତାକୁ ଗିରଫ କରାଯିବା ସହ ରାମ ନାରାୟଣର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ସହ ଅନେକ ଜମି ଜବତ କରାଯାଇଛି। ରାମ ନାରାୟଣର ଘରୁ ୧ କୋଟି ୨୦ ଲକ୍ଷ ଟଙ୍କାର ଏକ ଅଡି କାର, ୨୪ ଲକ୍ଷ ଟଙ୍କାର ଗୋଟିଏ ଥାର, ୧୫ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ସେଭୋରଲେଟ୍ କାର ଜବତ ହୋଇଛି। ଆହୁରି ମଧ ଜଣାପଡ଼ିଛି ଯେ, ରାମନାରାୟଣ ନାଁରେ ରହିଛି ୪ଟି ଡିଜେ ଗାଡ଼ି, ଗୋଟିଏ ମୋବାଇଲ ଦୋକାନ, ଦୁଇଟି ସ୍କୁଟି ଓ ଆହୁରି ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଭଦ୍ରକ ସହରରେ ଥିବା ଏକ ମୋବାଇଲ ଦୋକାନକୁ ସିଲ୍ କରାଯାଇଛି। ତେବେ ପୁଲିସ ରାମନାରାୟଣକୁ ଗିରଫ କରି ଜେଲ୍ ପଠାଇଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

## ଟଙ୍କା ଫେରିପାଇବେ କ୍ଷୁଦ୍ର ଚିଟଫଣ୍ଡ୍ ଜମାକାରୀ

**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଚିଟଫଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ତତ୍ପରତା। ଟଙ୍କା ଫେରସ୍ତ ପାଇବେ କ୍ଷୁଦ୍ର ଚିଟଫଣ୍ଡ୍ ଜମାକାରୀ। ଏନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ଏହାର ସୁଯୋଗ ନେବାକୁ ସମସ୍ତ ଆବେଦନକାରୀଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ୨୦୨୬ ଜାନୁଆରୀ ୩୧ ଯାଏ ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲିବ। ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା କ୍ଷୁଦ୍ର ଜମାକାରୀ ଏହି ସୁଯୋଗର ଲାଭ ଉଠାଇପାରିବେ। ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଜମାକାରୀ ଟଙ୍କା ଫେରି ପାଇବେ। ଏହା ଛଡ଼ା ୮ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଗୋଲ୍ଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଉପକୃତ ହେବେ। ଜମାକାରୀମାନେ ଆବଶ୍ୟକୀୟ କାଗଜପତ୍ର ସହିତ ଆରଆଇଙ୍କ ନିକଟରେ ଆବେଦନ କଲେ ୧୫ ଦିନ ମଧ୍ୟରେ ସେମାନଙ୍କ ଜମା ରାଶି ଫେରି ପାଇବେ। ଏଥିପାଇଁ ଆଧାର କାର୍ଡ, ଭୋଟର କାର୍ଡ, ଡିଏଲ, ପାନ କାର୍ଡ, ମୂଳ ଜମା ରସିଦ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଇତ୍ୟାଦି ଦାଖଲ କରିବାକୁ ହେବ। ଅଧିକ ସୂଚନା ପାଇଁ ରାଜ୍ୟ ସରକାର ଜାରି କରିଥିବା ୦୬୭୪-୨୩୯୫୧୫୩ ନଂରେ ଯୋଗାଯୋଗ କରିପାରିବେ।

### ● ସ୍ୱତନ୍ତ୍ର ଅବକାରୀ ଚଢ଼ାଉ ଅଭିଯାନ

## ୧. ୬୪ କୋଟିର ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର, ୨୨।୧୨(ସଂଚାର ବ୍ୟୁରୋ):** ପୁଲିସ ସହ ସମନ୍ୱୟରେ ଡ଼ିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅବକାରୀ ଚଢ଼ାଉ ଅଭିଯାନର ପ୍ରଥମ ଦୁଇ ଦିନରେ ପ୍ରାୟ ୧. ୬୪ କୋଟି ଟଙ୍କା ମୂଲ୍ୟର ଅବୈଧ ମାଦକ ଦ୍ରବ୍ୟ ତଥା ବେଆଇନ ସାମଗ୍ରୀ ଜବତ କରାଯାଇଛି। ନବବର୍ଷ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଚଢ଼ାଉ ଅଭିଯାନରେ ୪ଟି ଏନଡିପିଏସ୍ ମାମଲା ସହ ମୋଟ ୩୧୮ ଟି ମାମଲା ରୁଜୁ ହୋଇଛି। ଯେଉଁଥିରେ ୧୩୪ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ମଦ ଓ ନାର୍କୋଟିକ୍ସ ଚୋରା ଚାଲାଣରେ ଘଟଣାରେ ୧୨ ଟି ଗାଡ଼ି ମଧ ଜବତ କରାଯାଇଛି। ବେଆଇନ ମଦ ତିଆରିରେ ବ୍ୟବହୃତ କଞ୍ଚା ମାଲ ଯଥା ୧,୮୯,୩୨୦ ଲିଟର ଫର୍ମେଣ୍ଟେଡ୍ ୱାଶ, ୮୨୦୦ କିଲୋଗ୍ରାମ ଗୁଡ଼ ୱାଶ ଏବଂ ୮୮୦ କିଲୋଗ୍ରାମ ମହୁଲି ଫୁଲ ଆଦିକୁ ଅଧିକାରୀମାନେ ଜବତ କରିଛନ୍ତି। ଏଥିସହିତ ୧୯୧୭୫ ଲିଟର ବେଆଇନ ଭାବେ ତିଆରି ହୋଇଥିବା ମଦ ଏବଂ ୪୮୫ ମଦ ମଧ ଜବତ ହୋଇଛି। ନାର୍କୋଟିକ୍ସ ମାମଲାରେ ୩ କିଲୋଗ୍ରାମ ଗଞ୍ଜେଇ ଏବଂ ୧୧୭ ଗ୍ରାମ ବ୍ରାଉନ୍ ସୁଗର ଜବତ ହୋଇଛି। ଅବୈଧ ଉତ୍ପାଦନ କେନ୍ଦ୍ର ଓ ବିତରଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ଚଢ଼ାଉ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

### ● ହ୍ୟୁମାନ ସାଗରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

## ରାଷ୍ଟ୍ରପତିଙ୍କ ନିକଟରେ ପିଟିସନ ଦାଖଲ କଲେ ସୁବ୍ରତ

### ■ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଗାୟକ ହ୍ୟୁମାନ ସାଗରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ରାଷ୍ଟ୍ରପତିଙ୍କ ନିକଟରେ ପିଟିସନ ଦାଏର କରିଛନ୍ତି 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ। ସେ କହିଛନ୍ତି ହ୍ୟୁମାନ ସାଗରଙ୍କ ଘର ବଲାଙ୍ଗୀରି ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ହୋଇଥିବା ବେଳେ ହ୍ୟୁମାନ ସାଗର ଦୀର୍ଘ ଦିନ ହେବ କଟକରେ ରହି ଆସୁଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ହ୍ୟୁମାନ ସାଗରଙ୍କର ପୋଷ୍ଟବଟମ ରିପୋର୍ଟ ଆସିବା ପରେ ତାଙ୍କ ମା ସେଫାଳି ସୁନା କଟକ ମର୍କଟ ନଗର ଥାନାରେ ହ୍ୟୁମାନ ସାଗରଙ୍କ ବାନ୍ଧବୀ ତଥା ଓଡ଼ିଆ ଗାୟିକା ଅର୍ପିତା ଚୌଧିରିଙ୍କ ସମେତ ବହୁ ଲୋକଙ୍କ ନାମରେ ଲିଖିତ ଏତଲା ଦେଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ପଦକ୍ଷେପ ନେବାକୁ ସୁବ୍ରତ ଅନୁରୋଧ କରିଛନ୍ତି।



### ଜିଲ୍ଲାସ୍ତରୀୟ ମସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆରମ୍ଭରୁ ଅବ୍ୟବସ୍ଥା

## ରାଗି ଫେରିଗଲେ ବିଧାୟକ

**ଜଗତସିଂହପୁର,୨୨।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଆୟୋଜିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ମସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଉଦଘାଟନୀ ସଭାକାର୍ଯ୍ୟରେ ବିଳମ୍ବ ଯୋଗୁଁ ଉତ୍ସବ ସ୍ଥଳରୁ ଆୟୋଜକମାନଙ୍କ ଉପରେ ରାଗି ଫେରିଗଲେ ଅତିଥି ଭାବରେ ଯୋଗଦେବାକୁ ଆସିଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ। ଆଜି ଉଦଘାଟନୀ ସଭାରେ ଶିଳ୍ପମନ୍ତ୍ରୀଙ୍କ ସମେତ ସାଂସଦ ଓ ଜିଲାର ସମସ୍ତ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉଦଘାଟନ ସମୟ ଦିନ ୧୧ଟା ରଖାଯାଇଥିବା ବେଳେ ଜଗତସିଂହପୁର ବିଧାୟକ ତା ପୂର୍ବରୁ ଆସି ପହଞ୍ଚିଥିଲେ। ହେଲେ ପ୍ରାୟ ୪୦ ମିନିଟ ଅପେକ୍ଷା କରିବା ପରେ ମଧ ଅନ୍ୟ ଅତିଥି କେହି ପହଞ୍ଚି ନଥିବାରୁ ସଭାକାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା। ପରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ କେବଳ ପହଞ୍ଚିଥିଲେ ମଧ ଅନ୍ୟ ସମସ୍ତ ଅତିଥି ଅନୁପସ୍ଥିତ ରହିଥିଲେ। ସବୁ ଅତିଥି ଆସି ନଥିବାରୁ ସଭାକାର୍ଯ୍ୟ ବିଳମ୍ବ ହେଲା ବୋଲି ଜିଲା ପ୍ରାଣୀ ସମ୍ପଦ ଅଧିକାରୀ କହିଛନ୍ତି।

# ବବିଙ୍କ ଇସାରାରେ ଯାଜପୁର ଠିକାଦାର ସଂଘ




**ଯାଜପୁର,୨୨।୧୨ (ସଂଚାର ବ୍ୟୁରୋ):** ଯାଜପୁରରେ ଗଡ ଭାଙ୍ଗୁଥିବା ଦେଖି ଏବେ ଠିକାଦାର ସଂଘକୁ ଅସ୍ତ୍ର କରିଛନ୍ତି ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି। ଠିକାଦାର ସଂଘ ବୈଠକ ଡକାଯାଇଥିଲା ଟେଣ୍ଡର ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ। କିନ୍ତୁ ଶେଷ ହେଲା ରାଜନୈତିକ ଆଲୋଚନାରେ। ଆପାତତଃ କିଛି ଠିକାଦାରଙ୍କ ଜରିଆରେ ବବି ଦାସ ସରକାରଙ୍କ ବିରୋଧରେ ଯାଜପୁରରେ ଷଡଯନ୍ତ୍ର ରଚୁଥିବା ଅଭିଯୋଗ ହେଉଛି।

ସିଡ୍ୟୁଲ ରେଟ୍ ପରିବର୍ତ୍ତନ ଦାବି ନାଁରେ ବିଜେପି ସରକାର ବିରୋଧରେ ଠିକାଦାରଙ୍କୁ ବିଜେଡି ଅସ୍ତ୍ର କରିଥିବା ଚର୍ଚ୍ଚା ହେଉଛି। ଏଥିସହିତ ଠିକାଦାରଙ୍କ ବିଭିନ୍ନ ବେଆଇନ କାର୍ଯ୍ୟକୁ ସାଧାରଣରେ ପ୍ରକାଶ କରୁଥିବା ମିଡିଆ ପ୍ରତିନିଧିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଏହି ବୈଠକରୁ ଦୂରେଇ ରଖାଗଲା। ବିରଜା କ୍ଷେତ୍ର ଠିକାଦାର ସଂଘରେ ଯୋଗଦେଇଥିବା ସବୁ ଠିକାଦାର ପୂର୍ବରୁ ବିଜେଡି ସରକାର ସହ ଥିଲେ। ଦେଖିବାକୁ ଗଲେ ସେମାନେ ବବି ଦାସଙ୍କ ଛତ୍ରଛାୟା ତଳେ କାମ କରୁଥିଲେ ଏବଂ ନିର୍ବାଚନ ସମୟରେ ରାଜନୈତିକ ଖର୍ଚ୍ଚ ବହନ କରୁଥିଲେ। ବବି ହାରିଯିବା ପରେ ଏହି ଠିକାଦାରମାନେ ଏବେ ଆଉ ବିଶେଷ କାମ ପାଉନାହାଁନ୍ତି। ଯାହାର ସୁଯୋଗ ନେଇ ବବି ଦାସ ସେମାନଙ୍କୁ ନିଜର ଅସ୍ତ୍ର କରିଥିବା ଅନ୍ୟ ଠିକାଦାରମାନେ ଆଲୋଚନା କରୁଛନ୍ତି। ଠିକ ବିଜେଡି ଢାଞ୍ଚାରେ ନିଜ ଅନୁଗତ ଗଣମାଧମ ପ୍ରତିନିଧିଙ୍କ ଜରିଆରେ ଠିକାଦାର ସଂଘ ନିଜ କଥା କହିଦେଲେ। ହେଲେ ରୁଦ୍ଧଦ୍ୱାରା ବୈଠକରେ କେବଳ ସିଡ୍ୟୁଲ ରେଟ ନେଇ ଆଲୋଚନା ହୋଇନଥିଲା। ଏଥିରେ କିଛି ଅନୁଗତଙ୍କ ଜରିଆରେ କେମିତି ଜିଲ୍ଲା ପ୍ରଶାସନକୁ ବଦନାମ କରାଯିବ ତାର ବ୍ଲୁପ୍ରିଣ୍ଟ ମଧ ପ୍ରସ୍ତୁତ ହୋଇଛି। ବିଜେଡି ସରକାର ସମୟରେ ବବିଙ୍କ କରୁଣାରୁ ଶୂନରୁ କୋଟିପତି ସାଜିଥିବା ଏହି ଠିକାଦାରମାନେ ଏବେ ଆଉ କାମ ପାଉନାହାଁନ୍ତି। ଯେଉଁଥିପାଇଁ ସେମାନେ ରକ୍ତଚାଉଳ ଚୋବାଉଛନ୍ତି। ସେମାନେ ବିଜେଡିର ଲୁକାୟିତ ଛାମୁଆ ସଂଗଠନ ଭାବେ କାମ କରିବାକୁ ମଧ ଆଜିର ବୈଠକରେ ସହମତି ପ୍ରକାଶ ପାଇଥିବା ଜଣାପଡିଛି। ତେବେ ବୈଠକରେ ରାଜନୈତିକ ଆଲୋଚନା ହୋଇଛି କି ନାହିଁ ସେନେଇ ସଂଘ ପକ୍ଷରୁ କିଛି କୁହାଯାଉନି।

### ମୋହନ ସରକାର ବିରୋଧରେ ଷଡ଼ଯନ୍ତ୍ର!

### ଉଦ୍‌ଘାଟନ ପରେ ବି ମଣ୍ଡିରୁ ଉଠୁନି ଧାନ

# ଛତିଶଗଡ଼ରେ ବିକ୍ରିହେଲାଣି ଓଡ଼ିଶା ଧାନ

**ଝରିଗାଁ,୨୨।୧୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଧାନ ଚାଷୀଙ୍କ ଧାନ କିଣିବା ପାଇଁ ପ୍ରଶାସନ ପକ୍ଷରୁ ବ୍ଲକରେ ମଣ୍ଡି ଖୋଲାଯାଉଛି। ଗତ ବୁଧବାର ଦିନ ପ୍ରଥମେ ଚଚା ଗ୍ରାମରେ ମଣ୍ଡି ଉଦ୍‌ଘାଟନ ହୋଇଥିବା ବେଳେ ଶୁକ୍ରବାର ଦିନ ଚାଟିଗୁଡ଼ା, ଶନିବାର ଦିନ ବେଲଗାଁ, ରବିବାର ଦିନ ଧୋଡ୍ରା, ଆଜି ଝରିଗାଁ ଠାରେ ଏବଂ ମଙ୍ଗଳବାର ଦିନ ଏକାମ୍ବା ଠାରେ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି।

ତେବେ ନଡ଼ିଆ ଭାଙ୍ଗି ଉଦ୍‌ଘାଟନରେ ସୀମିତ ରହିଯାଇଛି ଝରିଗାଁ ଧାନ ମଣ୍ଡି। ଆଜି ପର୍ଯ୍ୟନ୍ତ କୌଣସି ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ମୁଠାଏ ଧାନ ପ୍ରଶାସନ ପକ୍ଷରୁ କିଣା



ଯାଇନାହିଁ। ଯଦି ମଣ୍ଡିରେ ଚାଷୀଙ୍କ ଧାନ କିଣା ଯାଉନାହିଁ ତେବେ ପ୍ରଶାସନ ପକ୍ଷରୁ ନଡ଼ିଆ ଭାଙ୍ଗି ଉଦଘାଟନ କରିବାର ଆବଶ୍ୟକ ମଧ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ମଣ୍ଡି ଖଲିବା ବିଳମ୍ବ ସହ ମଣ୍ଡିରେ ଧାନ କିଣିବା ବିଳମ୍ବ ଯୋଗୁଁ କ୍ଷୁଦ୍ର ଚାଷୀମାନେ ଖୋଲା ବଜାରରେ କମ୍ ଦରରେ ଧାନ ବିକ୍ରି କରିଦେଉଛନ୍ତି। ବେପାରୀମାନେ କମ୍ ଦରରେ ଚାଷୀଙ୍କଠାରୁ ଧାନ କିଣି ଛତିଶଗଡ଼ରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଚଳିତ ବର୍ଷ ଝରିଗାଁ ଲ୍ୟାମ୍ପସ ସହ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମଣ୍ଡିରୁ ଧାନ କ୍ରୟ କରିବା ପାଇଁ ଅନୁମତି ମିଳିଛି। ଝରିଗାଁ ବ୍ଲକର ଲ୍ୟାମ୍ପସ ଓ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ପ୍ରାୟ ୩ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି। ସେହିପରି ଆରଏମସି ପକ୍ଷରୁ ଧାନ ମଣ୍ଡି ଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇନଥିବା ଅଭଯୋଗ ହୋଇଛି। ଆଜି ଝରିଗାଁ ଧାନ ମଣ୍ଡି ଉଦଘାଟନ ସମୟରେ ଝରିଗାଁ ଯୋଗାଣ ନିରୀକ୍ଷକ ସଚିନ ମୟୀ ରଥ, ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନରସିଂହ ଗୌଡ଼, ଲେମ୍ପସ ସଭାପତି ଲଛମା ଗଣ୍ଡ,ଉପ ସଭାପତି ଭକଚନ୍ଦ ନାୟକ, ଚାଷୀ ନରସିଂହ ଦଳେଇ, ସମ୍ବାରୁ ପ୍ରଧାନୀ, ମାଧବ କଳାର, ରବି ନାୟକ, ପରମ ଗୌଡ଼ ପ୍ରମୁଖ ସହ ବହୁ ଚାଷୀ ଉପସ୍ଥିତ ଥିଲେ।

## ୯୨ ଏକର ଜମିରୁ କଟାଗଲା ଗଞ୍ଜେଇ ଗଛ

**ଫୁଲବାଣୀ,୨୩।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଅପରେସନ ନୀଳ ଜହର ବା ଗଞ୍ଜେଇ ଗଛକଟା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅନୁରୂପ ଭାବରେ ଫିରିଙ୍ଗିଆ ପୁଲିସ ତରଫରୁ ମଧ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୦ମ ଦିନରେ ପହଞ୍ଚିଛି। ସୋମବାର ଦିନ ଥାନା ଅଧୀନରେ ଥିବା ପବିଙ୍ଗିଆ ପଞ୍ଚାୟତର ସାଇତିଙ୍ଗିଆ, ବବଡଙ୍ଗିଆ ଓ ବେଙ୍ଗେସି ପଦର ଗାଁ ନିକଟରେ ଥିବା ପ୍ରାୟ ୯୨ ଏକର ପରିମିତ ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡିକୁ କାଟି ନଷ୍ଟ କରିଦିଆ ଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି । ସୁରକ୍ଷା ଦୃଷ୍ଟିରୁ ଦୁଇ ପ୍ଲାଟୁନ ସୁରକ୍ଷା କର୍ମୀ ମଧ ନିୟୋଜିତ ହୋଇଥିଲା ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୨୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୪୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୪,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୨୮୦ ଓ ୧,୨୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୧୯,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ସବୁ ପୁରୁଣା ରେକର୍ଡ ଭାଙ୍ଗିଲା ସୁନା

## ୧୯୭୯ ମସିହା ପରେ ମୂଲ୍ୟରେ ଦ୍ରୁତ ଅଭିବୃଦ୍ଧି

ନୂଆଦିଲ୍ଲୀ ୨୨।୧୨: ସୁନା ଦର ୨୦୨୫ ମସିହାରେ ଏପରି ବେଗ ଧରିଛି ଯାହା ବଜାରରେ ସବୁ ପୁରୁଣା ରେକର୍ଡ ଫିକା କରିଦେଇଛି। ୧୯୭୯ ମସିହା ପରେ ଏହା ସୁନା ଦରରେ ସବୁଠୁ ଦ୍ରୁତ ରାଲି ବୋଲି କୁହାଯାଉଛି। ସ୍ପଟ ଗୋଲ୍ଡ ଦର ଅକ୍ଟୋବର ୨୦୨୫ର ଆଉନ୍ସ ପିଛା ୪,୩୮୧. ୪ ଡଲାର ରେକର୍ଡକୁ ଭାଙ୍ଗି ଦେଇଛି ଓ ଏ ପର୍ଯ୍ୟନ୍ତ ବର୍ଷକରେ ୪୫ ଥର ନୂଆ ଅଲଟାଇମ ହାଇ ରେକର୍ଡ ହାସଲ କରିସାରିଲାଣି। ସୁନା ଦର କେତେ ତୀବ୍ର ବଢୁଛି ଏହାକୁ ମାତ୍ର ୩୬ ଦିନର ଦରରୁ ଅନୁମାନ କରାଯାଇ ପାରେ। ଏହି ସମୟରେ ଆଉନ୍ସ ପିଛା ଦର ୩,୫୦୦ରୁ ୪,୩୮୧ ଡଲାରକୁ ପହଞ୍ଚିଥିଲା। ଅର୍ଥାତ ମାତ୍ର କିଛି ସପ୍ତାହରେ ୧୪% ଅଭିବୃଦ୍ଧି ହାସଲ କରିଥିଲା। ଏକ୍ସପର୍ଟଙ୍କ ଅନୁସାରେ ୧୯୭୯ ମସିହା ପରେ ସୁନାର ଏହା ସବୁଠୁ ମଜଭୁତ ବାର୍ଷିକ ପରଫର୍ମାନ୍ସ।

ବୈଶ୍ୱିକ ବଜାରରେ ସୁନା ଆଉନ୍ସ ପିଛା ୪,୩୫୦ ଡଲାରକୁ ପହଞ୍ଚିବା ଭାରତୀୟ ବଜାରକୁ ମଧ ପ୍ରଭାବିତ କରିଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ) ରେ ସୁନା ପ୍ରତି ୧୦ ଗ୍ରାମ ଦର ୧,୧୩,୦୦୦ରୁ ୧,୧୫,୦୦୦ ଟଙ୍କାକୁ ପହଞ୍ଚିଥିଲା। ଅର୍ଥାତ ମାତ୍ର ମାସକରେ ସୁନା ଦରରେ ୬ରୁ ୭% ବୃଦ୍ଧି ଦେଖାଯାଇଛି। ଦେଶରେ ବିବାହ ଓ ପାର୍ବଣ ଋତୁ ଯୋଗୁ ଫିଜିକାଲ ଗୋଲ୍ଡ ଡିମାଣ୍ଡ ମଧ ବଢ଼ିଛି। ତେବେ ହଲ ମାର୍କିଂ ନିୟମ ଓ ଇମ୍ପୋର୍ଟ ଡ୍ୟୁଟି କାରଣରୁ ପ୍ରିମିୟମ ଉଚ୍ଚା ରହିଛି। ଏଣୁ ସାଧାରଣ କ୍ରେତାଙ୍କ ଲାଗି ସୁନା କିଣିବା ଏବେ ଦୁର୍ଲଭ ହୋଇପଡିଛି। ଯଦି ଆମେରିକା ଫେଡେରାଲ ରିଜର୍ଭ ରେଟ୍ କଟ୍ ଜାରି ରଖନ୍ତି ତେବେ ୨୦୨୬ରେ ସୁନା ପ୍ରତି ଆଉନ୍ସ ୪,୦୦୦ରୁ ୪,୫୦୦ ଡଲାରକୁ ଛୁଇଁପାରେ। ତେବେ ମଝିରେ ମଝିରେ ୧୦ରୁ ୧୫% ପର୍ଯ୍ୟନ୍ତ ସଂଶୋଧନ ମଧ ଦେଖିବାକୁ ମିଳିପାରେ। ଏହା ଛଡା ଏକ୍ସପର୍ଟଙ୍କ ଅନୁସାରେ ଗୋଲ୍ଡର ଷ୍ଟ୍ରକ୍ଚରାଲ ବୁଲ ମାର୍କେଟ ଏବେବି ସମାପ୍ତ ହୋଇନି। ଗୋଲ୍ଡମ୍ୟାନ ସାକ୍ସ ୨୦୨୬ ସମାପ୍ତ ପର୍ଯ୍ୟନ୍ତ ଆଉନ୍ସ ପିଛା ୪,୯୦୦ ଡଲାର ବେସ୍ କ୍ୟାସ୍ ଟାର୍ଗେଟ୍ ଦେଇଛି। ବ୍ୟାଙ୍କର ଅନୁମାନ ଯେ ୨୦୨୪ ଚତୁର୍ଥ ତ୍ରୈମାସିକ ବେଳକୁ ସୁନା ଆଉନ୍ସ ପିଛା ଦର ୫,୦୫୫ ଡଲାରକୁ ପହଞ୍ଚି ପାରେ।

ଜେ.ପି.ମୋର୍ଗାନ ଓ ବ୍ୟାଙ୍କ ଅଫ ଆମେରିକା ମଧ ସୁନାକୁ ନେଇ ସନ୍ଦେହରେ ଅଛନ୍ତି। ଏଣୁ ସେମାନେ ଆଉନ୍ସ ପିଛା ଦର ୫୦୦୦ ଡଲାରର ଉପର ସ୍ତରକୁ ଦେଖୁଛନ୍ତି। ତେବେ କେବଳ ସୁନା ନୁହେଁ ରୂପା ଦର ମଧ ରାଲି କରିବାରେ ଲାଗିଛି। ପ୍ରତି ଆଉନ୍ସ ପିଛା ରୂପା ଦର ୫୦ ଡଲାର ପାର ହୋଇ ଯାଇଛି। ଗ୍ରୀନ ଏନର୍ଜୀ, ଇଲେକ୍ଟ୍ରିକ୍ ଭେଇକଲ ଓ ଏଆଇ ଡାଟା ସେଣ୍ଟର ଭଳି ଟେକ୍ନୋଲଜିର ଚାହିଦା ବୃଦ୍ଧି ଯୋଗୁ ରୂପାକୁ ବଜାରରେ ଅତିରିକ୍ତ ସମର୍ଥନ ମିଳୁଛି।



# ଏଫ୍‌ଟିଏରେ ଡାଏରୀ ସେକ୍ଟରକୁ ବାଦ୍ ପଡ଼ିଲେ ଭାରତ-ନ୍ୟୁଜିଲ୍ୟାଣ୍ଡ

ନୂଆଦିଲ୍ଲୀ, ୨୨।୧୨: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଛି ଐତିହାସିକ ଫ୍ରି ଟ୍ରେଡ ଆଗ୍ରିମେଣ୍ଟ ବା ମୁକ୍ତ ବାଣିଜ୍ୟ ନୀତି (ଏଫଟିଏ)। ବିକଶିତ ଭାରତ ୨୦୪୭ ଭିଜନ ଅନୁଯାୟୀ ଏହି ଚୁକ୍ତି ହୋଇଥିବାବେଳେ, ଏଫଟିଏ ଅନୁସାରେ ନ୍ୟୁଜିଲାଣ୍ଡ ଭାରତର ୧୦୦% ରପ୍ତାନୀ ଉପରେ ଶୂନ୍ୟ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଛି। ସେହିଭଳି ଭାରତ ନ୍ୟୁଜଲାଣ୍ଡରୁ ଆସୁଥିବା ସାମଗ୍ରୀ ଉପରେ ୭୦% ଶୁଳ୍କ ଛାଡ଼ କରିବ। ଏହାଦ୍ୱାରା ବୟନଶିଳ୍ପ, ଔଷଧ, ଚମଡ଼ା, ଇଞ୍ଜିନିୟରିଂ ସାମଗ୍ରୀ, ଅଟୋମୋବାଇଲ୍, କୃଷି ଉତ୍ପାଦ, ହସ୍ତଶିଳ୍ପ, ଏବଂ ରତ୍ନ ଏବଂ ଅଳଙ୍କାର କ୍ଷେତ୍ର ବେଶ ଲାଭବାନ ହେବ।

ତେବେ ରିପୋର୍ଟ ଅନୁସାରେ, ନ୍ୟୁଜିଲ୍ୟାଣ୍ଡ ସହ ହୋଇଥିବା ଏଫଟିଏରେ ଭାରତ, ଡାଏରୀ ସେକ୍ଟରରେ କୌଣସି ଶୁଳ୍କ ଛାଡ଼ କରିନାହିଁ। ସୋମବାର ଜଣେ ଅଧିକାରୀ କହିଛନ୍ତି, ଦୁଇ ଦେଶ ବର୍ତ୍ତମାନ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଘୋଷଣା କରିଛନ୍ତି। ହେଲେ ଡାଏରୀ ସେକ୍ଟର ପାଇଁ କୌଣସି ଚୁକ୍ତି ହୋଇନାହିଁ। ଦୁଗ୍ଧ ଚାଷୀ ଏବଂ ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ବିଦେଶୀ ମିଲ୍କ ପ୍ରଡକ୍ଟ ଯେପରିକି ଦୁଗ୍ଧ, କଫି, କ୍ଷୀର, କ୍ରିମ୍, ପନିର, ଦହି, ଛେନା ଇତ୍ୟାଦିକୁ ଏହି ଏଫଟିଏରେ ଅନ୍ତର୍ଭୁକ୍ତ କରାଯାଇନାହିଁ।

ସେହିଭଳି କୃଷି ଉତ୍ପାଦନକୁ ଫୋକସରେ ରଖି ପିଆଜ, ଚିନି, ମସଲା, ଖାଇବା ତେଲ ଏବଂ ରବର ଆଦିକୁ ଡିଲ୍ରୁ ବାଦ ଦିଆଯାଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ଏଫଟିଏରେ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସେଓ, କିଓ୍ୱି ଏବଂ ମହୁ ପାଇଁ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ କୃଷି ଉତ୍ପାଦନ ବଢ଼ାଇବାକୁ ସହଭାଗିତାରେ ଉଦ୍ୟମ କରାଯିବ । ପିଟିଆଇର ରିପୋର୍ଟ ଅନୁସାରେ, ଭାରତ ପୂର୍ବରୁ ହିଁ ବାଣିଜ୍ୟ ଡିଲ୍ରେ ବିପୁଳ ମାତ୍ରାରେ କ୍ଷୀର ଆମଦାନୀ ଉପରେ କଠୋର ମନୋଭାବ ଗ୍ରହଣ କରିଆସୁଛି। ଦୁଗ୍ଧ କ୍ଷେତ୍ର ସର୍ବଦା ଭାରତ ପାଇଁ ଏକ ସମ୍ବେଦନଶୀଳ ଏବଂ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଆସିଛି। ଭାରତରେ ଲକ୍ଷ ଲକ୍ଷ କ୍ଷୁଦ୍ର ଦୁଗ୍ଧ ଚାଷୀ ଅଛନ୍ତି। ସେମାନେ ମୁଖ୍ୟତଃ ଏହି ଜୀବିକା ଉପରେ ନିର୍ଭର କରେ। ତେଣୁ ସରକାର ଏହି କ୍ଷେତ୍ରକୁ ବିଦେଶୀ ପ୍ରତିଯୋଗିତାରୁ ରକ୍ଷା କରିବାକୁ ପ୍ରାଥମିକତା ଦେଇଛନ୍ତି।

ସୂଚନାଥାଉକି, ନ୍ୟୁଜିଲାଣ୍ଡ ବିଶ୍ୱର ସର୍ବବୃହତ ଦୁଗ୍ଧ ରପ୍ତାନିକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ।ସେହିଭଳି ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦକ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଏହା ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ ଦୁଗ୍ଧ କ୍ଷେତ୍ରରେ ବାଣିଜ୍ୟ ଖୁବ୍ ସୀମିତ। ୨୦୨୪-୨୫ ଆର୍ଥିକ ବର୍ଷରେ ନ୍ୟୁଜିଲାଣ୍ଡରୁ ଭାରତକୁ ମୋଟ ଦୁଗ୍ଧଜାତ ଦ୍ରବ୍ୟ ଆମଦାନୀ ପ୍ରାୟ ୧.୦୭ ବିଲିୟନ ଡଲାର ଥିଲା। ସେହିଭଳି ଆମଦାନୀ ହୋଇଥିବା ଉତ୍ପାଦଗୁଡ଼ିକ ମଧ୍ୟରେ ପ୍ରାୟ ୦.୪୦ ନିୟୁତ ଡଲାର ମୂଲ୍ୟର କ୍ଷୀର ଏବଂ କ୍ରିମ୍, ୦.୩୨ ନିୟୁତ ଡଲାର ମୂଲ୍ୟର ପ୍ରାକୃତିକ ମହୁ, ୦.୧୮ ନିୟୁତ ଡଲାର ମୂଲ୍ୟର ମୋଜରେଲ ପନିର, ୦.୦୯ ନିୟୁତ ଡଲାର ମୂଲ୍ୟର ବଟର ଏବଂ ୦.୦୮ ନିୟୁତ ଡଲାର ମୂଲ୍ୟର ସ୍କିମ୍ଡ ମିଲ୍କ ଅନ୍ତର୍ଭୁକ୍ତ ଥିଲା। ତେବେ ଏନେଇ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି, " ଆମେ ଚାଉଳ, ଗହମ, ଦୁଗ୍ଧ, ସୋୟା ଏବଂ ଅନ୍ୟାନ୍ୟ ଅନେକ ଚାଷୀ ଉତ୍ପାଦ ଭଳି ସମସ୍ତ କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ସମ୍ବେଦନଶୀଳ। ଏହି ଚୁକ୍ତି ଅନୁସାରେ କୌଣସି ପ୍ରକାରର ବିଦେଶୀ ଦୁଗ୍ଧ ଜାତୀୟ ସାମଗ୍ରୀର ଭାରତୀୟ ବଜାର ପ୍ରବେଶକୁ ଅନୁମତି ଦିଆଯାଇନାହିଁ। ଏଭଳି କରି କୃଷି ଉତ୍ପାଦରେ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଆମର ଲକ୍ଷ୍ୟ।"





# ମସ୍କ ବିଶ୍ୱର ସବୁଠାରୁ ବଡ଼ଧନୀ

## ପ୍ରଥମ ୭୫୦ ବିଲିୟନ ଡଲାର ସମ୍ପତ୍ତିର ମାଲିକ ପାକିସ୍ତାନ, ଶ୍ରୀଲଙ୍କା, ନେପାଳ ଜିଡିପିଠୁ ବଡ଼

ନୂଆଦିଲ୍ଲୀ, ୨୨।୧୨: ଟେସ୍‌ଲାର ମୁଖ୍ୟ ଏଲନ୍ ମସ୍କ ଦୁନିଆର ମହାଧନୀ ଭାବେ ଉଭା ହୋଇଛନ୍ତି। ତାଙ୍କ ପାଖରେ ଯେତିକି ସମ୍ପତ୍ତି ଅଛି ତାହା ଅନ୍ୟ କାହା ପାଖରେ ନାହିଁ। ସେ ଦୁନିଆର ପ୍ରଥମ ବ୍ୟକ୍ତି ଯାହାଙ୍କ ପାଖରେ ୭୫୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ରହିଛି। ଭାରତୀୟ ମୁଦ୍ରାରେ ମସ୍କଙ୍କ ସମ୍ପତ୍ତି ପରିମାଣ ହେଉଛି ୬୭.୧୮ ଲକ୍ଷ କୋଟି ଟଙ୍କା। ଗତ ୪ ଦିନରେ ତାଙ୍କ ସମ୍ପତ୍ତିରେ ୧୩.୪୬ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ମସ୍କଙ୍କ ସମ୍ପତ୍ତି ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳ। ମିଳିତ ଅର୍ଥନୀତିଠାରୁ ମଧ ଅଧିକ। ଏହି ତିନି ଦେଶର ଜିଡିପି ୫୫୫ ବିଲିୟନ ଡଲାର ହୋଇଥିବା ବେଳେ ମସ୍କ ସେମାନଙ୍କଠାରୁ ଯଥେଷ୍ଟ ଆଗରେ ୭୫୦ ବିଲିୟନ ଡଲାରରେ ରହିଛନ୍ତି। ଚଳିତ ମାସ ୧୬ରେ ମସ୍କଙ୍କ ସମ୍ପତ୍ତି ୬୦୦ ବିଲିୟନ ଡଲାର (୫୪ ଲକ୍ଷ କୋଟି ଟଙ୍କା)ରୁ ଅଧିକ ହୋଇଥିଲା। ଏହି ମାଇଲଖୁଣ୍ଟକୁ ଆଜି ପର୍ଯ୍ୟନ୍ତ ତାଙ୍କ ବ୍ୟତୀତ ଅନ୍ୟ କେହି ଛୁଇଁପାରିନାହାନ୍ତି। ଆମେରିକାର ଡେଲାୱାର କୋର୍ଟଙ୍କ ଏକ ରାୟ ପ୍ରଭାବରେ ମସ୍କଙ୍କ ସମ୍ପତ୍ତିରେ ଏଭଳି ଦ୍ରୁତ ବୃଦ୍ଧି ଘଟିଛି। ଟେସ୍‌ଲାରୁ ତାଙ୍କୁ ମିଳୁଥିବା ପ୍ରାପ୍ୟକୁ କୋର୍ଟ ୫୬ ବିଲିୟନ ଡଲାରରୁ ବଢ଼ାଇ ୧୩୯ ବିଲିୟନ ଡଲାର କରିଛନ୍ତି। ଫୋର୍ବସ୍ ବିଲିଓନେୟାର ସୂଚୀ ଅନୁସାରେ ମସ୍କଙ୍କ ସମ୍ପତ୍ତି ପରିମାଣ ୬୪୯ ବିଲିୟନ ଡଲାର ଦେଖାଉଛି। ଭାରତର ସବୁଠୁ ବଡ଼ ୪୦ ଜଣ ଧନୀଙ୍କ ମୋଟ୍ ସମ୍ପତ୍ତିଠାରୁ ମଧ ତାଙ୍କ ସମ୍ପତ୍ତି ଅଧିକ। ଭାରତର ଚାରି ବଡ଼ କମ୍ପାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଭାରତୀ ଏୟାରଟେଲ୍ ଓ ଟିସିଏସ୍‌ର ମିଳିତ ବଜାର ପୁଞ୍ଜିଠାରୁ ମଧ ମସ୍କଙ୍କ ସମ୍ପତ୍ତି ଅଧିକ। କେବଳ ସେତିକି ନୁହେଁ ତାଙ୍କ ସମ୍ପତ୍ତି ପରିମାଣ ବିଶ୍ୱ ତାଲିକାରେ ତାଙ୍କ ପଛକୁ ଥିବା ଲାରି ପେଜ୍ (୨୫୨.୬ ବିଲିୟନ ଡଲାର), ଲାରି ଏଲିସନ (୨୪୨.୭ ବିଲିୟନ ଡଲାର) ଓ ଜେଫ୍ ବେଜୋସ୍ (୨୩୯.୪ ବିଲିୟନ ଡଲାର)ଙ୍କ ମୋଟ୍ ସମ୍ପତ୍ତିଠାରୁ ମଧ ଅଧିକ। ମସ୍କଙ୍କ ପ୍ରମୁଖ କମ୍ପାନିଗୁଡ଼ିକ ହେଉଛି ଇଭି କମ୍ପାନି ଟେସ୍‌ଲା, ମହାକାଶ ଗବେଷଣା କମ୍ପାନି ସ୍ପେସ୍‌ଏକ୍ସ, ମଣିଷ ମସ୍ତିଷ୍କରେ ଚିପ୍ ଲଗାଇବାର ଗବେଷଣା କରୁଥିବା କମ୍ପାନି ନ୍ୟୁରାଲିଙ୍କ, ଏଆଇ କମ୍ପାନି ଏକ୍ସଏଆଇ, ଉପଗ୍ରହ ଆଧାରିତ ଇଣ୍ଟରନେଟ୍ କମ୍ପାନି ଷ୍ଟାର୍‌ଲିଙ୍କ୍, ସୋସିଆଲ ମିଡିଆ 'ଏକ୍ସ' (ପୂର୍ବରୁ ଟ୍ୱିଟର୍)।

# ନିବେଶକ ମାଲେମାଲ୍, ଗୋଟିଏ ଦିନରେ ଲାଭ ୪ ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ, ୨୨।୧୨: ଭାରତୀୟ ସେୟାର ବଜାର ଲଗାତାର ଦ୍ୱିତୀୟ ଦିନରେ ବଡ଼ ବୃଦ୍ଧି ଦେଖିଛି। ସୋମବାର କାରବାର ଶେଷରେ ସେନ୍‌ସେକ୍ସ ୬୩୮ ଅଙ୍କ ବା ୦.୭୫ ପ୍ରତିଶତ ଉପରକୁ ଉଠି ୮୫,୫୬୭.୪୮ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୦୬ ଅଙ୍କ ବା ୦.୭୯ ପ୍ରତିଶତ ବଢ଼ି ୨୬,୧୭୨.୪୦ ସ୍ତରରେ ବନ୍ଦ ହୋଇଛି। ବିଦେଶୀ ନିବେଶକଙ୍କ ଭରସା ଓ ଗ୍ଲୋବାଲ୍ ମାର୍କେଟରୁ ମିଳିଥିବା ମଜଭୁତ ସଂକେତରୁ ଆଜି ଏହି ବୃଦ୍ଧି ଦେଖିବାକୁ ମିଳିଛି। ଏହା ବ୍ୟତୀତ ଆମେରିକାରେ ସୁଧ ହାର ହ୍ରାସର ସଂକେତ ମଧ ନିବେଶକଙ୍କ ମନୋବଳକୁ ବଢାଇଛି। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ସେୟାରରେ ମଧ ଆଜି ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୮୬ ପ୍ରତିଶତ ବଢି ବନ୍ଦ ହୋଇଛି। ଅନ୍ୟପଟେ ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୧.୧୨ ପ୍ରତିଶତ ବଢ଼ି ବନ୍ଦ ହୋଇଛି। ସେୟାର ବଜାରରେ ଆଜିର ବୃଦ୍ଧି ପ୍ରାୟ ସବୁ ସେକ୍ଟରରେ ହୋଇଛି। କଞ୍ଜ୍ୟୁମର ଡ୍ୟୁରେବଲ୍ସକୁ ଛାଡ଼ି ପ୍ରାୟ ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ ସବୁଜ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ବୃଦ୍ଧି ଆଇଟି ସେୟାରରେ ଦେଖିବାକୁ ମିଳିଛି। ଏହା ବ୍ୟତୀତ କ୍ୟାପିଟାଲ୍ ଗୁଡ୍ସ, ମେଟାଲ୍, କମୋଡିଟି ଓ ଇଣ୍ଡଷ୍ଟ୍ରିଅଲ ସେୟାର ଇଣ୍ଡେକ୍ସରେ ମଧ ଏକ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ବଢି ୪୭୫.୨୪ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଏହା ୪୭୧.୨୧ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୪.୦୩ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୪.୦୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୫ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ଏସ୍‌ବିଆଇ ସେୟାରରେ ସବୁଠୁ ଅଧିକ ୩.୫୬ ପ୍ରତିଶତ ବୃଦ୍ଧି ହୋଇଛି।



# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



**ସୁନ୍ଦରଗଡ଼,୨୨।୧୨(ସଂଚାର ବ୍ୟୁରୋ):** ରବିବାର ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିବା ସହିତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଉପ-ବାଚସ୍ପତି, ଓଡ଼ିଶା ବିଧାନ ସଭା, ଭବାନୀ ଶଙ୍କର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କରମଡିହି ସ୍ଥିତସ୍କିଲ୍ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହିତ ପ୍ରଶିକ୍ଷକ, ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି କରମଡିହି ସ୍ଥିତ ଗ୍ରାମୀଣ ଶିଳ୍ପପାର୍କ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସିଲାଇ ଓ ପ୍ୟାକେଜିଂ ୟୁନିଟର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ। ତା ସହିତ ମହୁଆ ପ୍ୟାକେଜିଂ କାର୍ଯ୍ୟକଳାପକୁ ମଧ ସମୀକ୍ଷା କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନିଜର ବିକାଶ ପାଇଁ ସତ୍ୟନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଏହି ଗସ୍ତ ସମୟରେ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଝା, ଓଡ଼ିଆ ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟପ୍ପୋ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**କଳିଙ୍ଗନଗର,୨୨।୧୨ (ସଂଚାର ବ୍ୟୁରୋ):** ଶିଶୁ ମନ୍ଦିରର ଦୁଇଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନରେ ସମାଜସେବୀ ଅଶୋକ କୁମାର ବାରିକ କ୍ରୀଡା ପତାକା ଉତ୍ତୋଳନ କରି, ଜ୍ୟୋତି କୁ ସ୍ଥାପନଓ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦୀୟମାନ ଯୁବ ସମାଜସେବୀ ସବ୍ୟସାଚୀ ବଳସାମନ୍ତ, ମୁଖ୍ୟ ବକ୍ତା ଓ ସଭାପତି ଶିକ୍ଷାବିତ୍ ବିନୟ କୁମାର ହୋତା ଓ ଅନ୍ୟ ଅତିଥି ପ୍ରସନ୍ନ କୁମାର ବେହେରା, ସୁଧାଂଶୁ ଶେଖର ମହାପାତ୍ର, ପ୍ରମୋଦ କୁମାର ଦାଶ, ଭଜମନ ସାହୁ, ଶ୍ରୀମତୀ ମମତା ରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡ଼ାରେ ମୋଟ ୬୬ ଜଣ ଛାତ୍ରଛାତ୍ରୀ ଭାଗ ନେଇ ପୁରସ୍କୃତ ହୋଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ସୁନ୍ଦରଗଡ଼,୨୨।୧୨(ସଂଚାର ବ୍ୟୁରୋ):** ଉତ୍ସବ ସମସ୍ତଙ୍କୁ ଆନନ୍ଦ ଦିଏ। ଏହା ଭିତରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନ୍ୟତମ। ଦିନ, ମାସ, ବର୍ଷ ଅତିକ୍ରମ କରି ଏହି ଉତ୍ସବବିଦ୍ୟାଳୟ କୁ ଆଗମନ କରିଥାଏ। ଏହି ଦିନ ବିଦ୍ୟାଳୟକୁ ବିଶିଷ୍ଟ ଅତିଥିଙ୍କ ପାଦ ପଡିଥାଏ। ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କ ମହତବାଣୀ ଶୁଣିବାକୁ ସୁଯୋଗ ମିଳିଥାଏ। ଯାହାକି ଜୀବନ ଗଢିବାରେ ସେମାନଙ୍କୁ ବେଶ ସହାୟକ ହୋଇଥାଏ। ଛାତ୍ର ଜୀବନ ହେଉଛି ମୂଲ୍ୟବାନ ଏହି ପରିପ୍ରେକ୍ଷୀ ରେ ସମସ୍ତେ ପ୍ରାଥମିକ ସ୍ତରରୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ୩୩ ତମ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ଅତିଥି ମାନେ ନିଜର ମତ ବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷା ଡ଼ା ଇନ୍ଦିରା ନାଏକ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

**ବାଲିଆପାଳ,୨୨।୧୨(ସଂଚାର ବ୍ୟୁରୋ):** ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକା ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ପୌରହିତ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାହାର୍ଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଯୋଗଦେଇ ଶିକ୍ଷା ର ବିକାଶ ହେଲେ ଅଞ୍ଚଳର ପରିବର୍ତ୍ତନକୁ କେହି ଅଟକାଇ ପାରିବେନି ବୋଲି କହିଥିଲେ ଶୃଙ୍ଖଳିତ ସହ ସଂସ୍କାରି ହେବା ବିଦ୍ୟାର୍ଥୀଙ୍କ ବ୍ରତ ହେଉ ବୋଲି ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମହାନ୍ତି କହିଥିଲେ ସମ୍ମାନିତ ଅତିଥି ଭାବରେ ଗୁଡିଖାଳ ଉଚ୍ଚ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ ବରିଷ୍ଠ ଅତିଥି ଭାବରେ ବାହାର୍ଦା ପଞ୍ଚାୟତ ର ସମିତି ସଭ୍ୟ ରାଜକିଶୋର ଦାସ ପିଲାଙ୍କ ମଧରେ ଥିବା ଅନ୍ତରନିହିତ ଶକ୍ତି ଓ ଚେତନାର ବିକାଶ କରିବା ଶିକ୍ଷାର ଅସଲ ଉଦେଶ୍ୟ ବୋଲି ମତ ବ୍ୟକ୍ତ କରିଥିଲେ ବିଦ୍ୟାଳୟ ର ଶିକ୍ଷକ କାଇପଦ ମଙ୍ଗରାଜ ମଲିକ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ରଖିଥିଲେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ଦିଆଯାଇଥିଲା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସୃତିକ କ୍ରଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା

# ଭିନ୍ନକ୍ଷମଙ୍କୁ ମାଗଣା ତିନିଚକିଆ ସାଇକେଲ ଓ ଶ୍ରବଣ ଯନ୍ତ୍ର ବଣ୍ଟନ



**ଜଗତସିଂହପୁର,୨୨।୧୨(ସଂଚାର ବ୍ୟୁର):** ଜଗତସିଂହପୁର ସହରର ସ୍ଥାନୀୟ ରୁପଶ୍ରୀ ମଣ୍ଡପ, ଠାକୁରପାଟଣା ଠାରେ ଜ଼ିଲ୍ଲା ବରିଷ୍ଠ ନାଗରିକ ଫୋରମ ତରଫରୁ ଭିନ୍ନକ୍ଷମ ମାନଙ୍କୁ ମାଗଣା ତିନି ଚକିଆ ସାଇକେଲ ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ବହୁ ହିତାଧିକାରୀ ଏହି ଶିବିର ଦ୍ୱାରା ଉପକୃତ ହୋଇଛନ୍ତି।ଏହି ବଣ୍ଟନ ସମୟରେ ଫୋରମ ସଭାପତି ମଧୁସୂଦନ ସାହୁ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ, ସମ୍ପାଦକ ହିତେଶ ମହାନ୍ତି, ଦିପ୍ତୀ ଦାସ, ଲିଙ୍ଗରାଜ ଲେଙ୍କା, ପଞ୍ଚାନନପଲେଇ, ପ୍ରମୋଦ ସାହୁ, ବୈକୁଣ୍ଠ ଚରଣ ମହାପାତ୍ର, ଦେବୀ ପ୍ରସନ୍ନ ମହାନ୍ତି, ବିଜୟ ନାୟକ, ଦିଲ୍ଲୀପ କୁମାର ଗୋଛାୟତ, ଅଜୟ କୁମାର ବାରିକ, ଅଶୋକ କୁମାର ସାହୁ ଓ ଶତ୍ରୁଘନ ବେହେରା ପ୍ରମୁଖ ବହୁ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

# ଲବଙ୍ଗଲତାଙ୍କ ଏକାଦଶାହ କ୍ରିୟାରେ ଶ୍ରଦ୍ଧାଞ୍ଜଳି

**ଧାମନଗର,୨୨।୧୨(ସଂଚାର ବ୍ୟୁର):** ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତର ଲୋକ ପ୍ରିୟ ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ସାନ ମା ତଥା ଧର୍ମପରାୟଣ ମହିଳା ସ୍ୱର୍ଗତା ଲବଙ୍ଗଲତା ମଲିକଙ୍କ ଏକାଦଶାହା କ୍ରିୟା ଅସ୍ତକ ସ୍ଥିତ ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ରବିବାର ୧୧ଘଟିକା ସମୟରେ ଏକାଦଶାହ କ୍ରିୟାରେ ଧାମନଗର ନିର୍ବାଚନ ମଣ୍ଡଳୀ ନେତା ସମାଜସେବୀ ଡାକ୍ତର ସଞ୍ଜୟ କୁମାର ଦାସ, ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବନ୍ଧୁବାନ୍ଧବ ଆତ୍ମୀୟ ସଜନ ଓ ଗ୍ରାମବାସୀ ଯୋଗଦେଇ ସ୍ୱର୍ଗତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ ବରଦାନ ଗୋବରଗୋଲା ଜଳପ୍ରପାତ

# ଖୋଜୁଛି ପର୍ଯ୍ୟଟନ ମାନଚିତ୍ରରେ ଉପସ୍ଥିତି



**କଳାହାଣ୍ଡି,୨୨।୧୨ (ସଂଚାର ବ୍ୟୁରୋ):** ପ୍ରାକୃତିକ ସଂପଦ ଓ ପ୍ରାଚୁର୍ଯ୍ୟରେ ଭରପୂର କଳାହାଣ୍ଡି କେଉଁ ଆବହମାନ କାଳରୁ ପାରମ୍ପରିକ ଭାବେ ପ୍ରକୃତିରାଣୀର ଉପାସନା କରିଆସୁଥିବା ଦେଖିବାକୁ ମିଳେ। ବର୍ତ୍ତମାନ ମଧ ସେହି ଆଦିମ ଜନଜାତି ସହର ସଭ୍ୟତାର ଆଧୁନିକତାରେ ବିଭୋର ନ ହୋଇ ଘଂଚଳଙ୍ଗଲର ସବୁଜିମା ଭିତରେ ପ୍ରକୃତିକୁ କୋଳେଇ ବିଭୋର ହୋଇ ଉଠେ। ଅନେକ ବର୍ଷ ପୂର୍ବେ ଏହି ମାଟିକୁ 'ଆଟବିକ' ବୋଲି କୁହାଯାଉଥିଲା। 'ଆଟବିକ'ର ଅର୍ଥ ହେଉଛି ଦୁର୍ଗମ ପଥବଣ ପାହାଡ଼ ବା ଝରଣା ଘେରା ଥିବା ଏକ ଭୂଖଣ୍ଡ। ଆଜି ଶହେ ଦଶନ୍ଧି ପରେ ଆଟବିକରୁ ଇନ୍ଦ୍ରବନ, ଇନ୍ଦ୍ରବନରୁ ମହାକାନ୍ତାର, ମହାକାନ୍ତାରରୁ କାରୁଣ୍ଡ ରାଜ୍ୟ ଓ କାରୁଣ୍ଡରୁ ଆଧୁନିକ କଳାହାଣ୍ଡି ଭାବେ ବେଶ୍ ପରିଚିତ। କଳା ସ୍ଥାପତ୍ୟ, ଆଦିବାସୀ ସଂସ୍କୃତି ଓ ପରମ୍ପରା ତଥା ପ୍ରାକୃତିକ ଶୋଭାରାଜିର ଅପୂର୍ବ ମିଳନ ଏଠାରେ ଦେଖିବାକୁ ମିଳେ। ଏହି ଜିଲ୍ଲାରେ ଏକାଧିକ ଛୋଟ ଛୋଟ ଜଳପ୍ରପାତ ରହିଛି ଯେଉଁ ଗୁଡ଼ିକ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହି।
କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ପଞ୍ଚାୟତରେ ଥିବା ଚିରସ୍ରୋତା ଗୋବରଗୋଲା ଜଳ ପ୍ରପାତ ଲୋକଲୋଚନକୁ ଆସିପାରିନାହିଁ। ଗୋବରଗୋଲା ଓ ପାଣିଗୋଲା ପ୍ରପାତର ଦୃଶ୍ୟ ମନରେ ଅସୀମ ଆନନ୍ଦ ସୃଷ୍ଟି କରେ। ଜଳପ୍ରପାତରୁ ପଡୁଥିବା ପାଣି ଏକ ହ୍ରଦର ଭ୍ରମ ସୃଷ୍ଟି କରୁଥାଏ ସବୁବେଳେ ତିରିଶ ଫୁଟ୍‌ରୁ ଅଧିକ ପାଣି ମହଜୁଦ ଥାଏ। ତେବେ ଗୋବରଗୋଲା ଜଳପ୍ରପାତକୁ ଯିବା ପାଇଁ କୌଣସି ସୁବିଧା ନାହିଁ। ରାଜ୍ୟ ପର୍ଯ୍ୟଟନ ବିଭାଗର ନଜର ଏଯାଏ ପଡ଼ିନାହିଁ। ଜଙ୍ଗଲବିଭାଗ ତରଫରୁ ଏହି ପ୍ରପାତ ପାଖରେ ଥିବା ପିପଲଗୁଡ଼ା ଗାଁ ପର୍ଯ୍ୟନ୍ତ ରାସ୍ତା ହୋଇଛି। ପ୍ରପାତ ପାଖରେ ପହଂଚିବା ପାଇଁ ଆହୁରି ୨ କି.ମି. ରାସ୍ତାର ଆବଶ୍ୟକ ରହିଛି। ଗୋବରଗୋଲାକୁ ଯାଉଥିବା ଲୋକମାନେ ଜଙ୍ଗଲି ରାସ୍ତା ଦେଇ ଚାଲି ଚାଲି ଯିବାକୁ ପଡ଼ିଥାଏ।

# ହାଇସ୍କୁଲର ରଜତ ଜୟନ୍ତୀ ଉଦଯାପିତ

**ନର୍ଲା,୨୨।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସରିଆଁର ରଜତ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି କେସିଙ୍ଗାର ଉପାଧକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ସତ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଚନ୍ଦ୍ରଶେଖର ଶବର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କହ୍ନେଇ ଚରଣ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ଅଧକ୍ଷ ଶାସ୍ତ୍ରୀଲାଲ ଛତ୍ରିଆ, ପୁରାତନ ଶିକ୍ଷାର୍ଥୀ ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ, ରଘୁନାଥ ଦୀପ, ପୁରାତନ ଶିକ୍ଷାର୍ଥୀ ସଂସଦ ସଦସ୍ୟ ଚନ୍ଦ୍ରଶେଖର ସାହୁ, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ନର୍ଲା ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି ମଞ୍ଚାସୀନ ଥିଲେ। ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମ୍ ପ୍ରକାଶ ଛତ୍ରିଆ ଅଧକ୍ଷତା କରିଥିବା ବେଳେ ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ପୁରାତନ ଓ ଅଧୁନାତନ ସଦସ୍ୟ ସଦସ୍ୟା, ପ୍ରତି ବ୍ୟାଚ୍ ଟପ୍ପର, ପୂର୍ବତନ ଶିକ୍ଷକ, ମଧଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଚେଷ୍ଟା ରହିଲେ ସଫଳତା ନିଶ୍ଚିତ ମିଳିବ

**ଭଞ୍ଜନଗର,୨୨।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ସେଣ୍ଟ ଆନ୍ସ ଇଂଗ୍ରାଜୀ ମିଡିୟମ ସ୍କୁଲର ୧୯ ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବରିଷ୍ଠ ସମାଜସେବୀ ତଥା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସ୍ତ୍ରୀ ମଧୁସ୍ମିତା ନାୟକ, ଭଞ୍ଜନଗର ଟାଟା ପାୱାର ଏଜିଏମ୍ ଅଭିଜିତ ପାଢ଼ୀ, ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ଶାନ୍ତା କୁମାରୀ ଉତ୍ସବରେ ସଭାପତିତ୍ୱ କରି ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ମ୍ୟାନେଜର ମିନତୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଚେଷ୍ଟା ରହିଲେ ସଫଳତା ନିଶ୍ଚିତ ମିଳିବ ।



# ବ୍ଲକରେ ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି



**ବଲାଙ୍ଗିର,୨୨।୧୨(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ପୁଇଁନ୍ତଲା ବ୍ଲକ ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରବ୍ ଶିୱାଜୀ ଇସଲୱାର, ଉପ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକଙ୍କୁ ସମୁଦାୟ ୨୬ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୨୧ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୫ ଗୋଟି ସାମୁହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ୩ ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଙ୍କୁ ଯଥା ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ, ତରଣୀ ସୁନା, ବଲାଙ୍ଗିର ଉପ ଜିଲ୍ଲାପାଳ, ଆଲୋକ କୁମାର ପଟେଲ ତଥା ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗାଁକୁ ଫେରୁଥିବାବେଳେ ଟ୍ରେନରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ



**ପାତ୍ରପୁର,୨୨।୧୨(ସଂଚାର ବ୍ୟୁରୋ):** ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ତିନିଘରିଆ ଗ୍ରାମର ନରସିଂହ ନାଇକ (୨୮) ନେଲ୍ଲୁରୁ ସ୍ଥିତ ଦିଶା ନାମକ ଏକ କମ୍ପାନୀରେ କାମ କରୁଥିଲେ। ୧୯ ତାରିଖରେ କିଛି ସାଙ୍ଗଙ୍କ ସହିତ ଗ୍ରାମକୁ ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶ ଅନୁଗୋଳଠାରେ ଟ୍ରେନରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ସେଠାକାର ପୋଲିସ ନରସିଂହଙ୍କ ପକେଟରେ ଥିବା ମୋବାଇଲରୁ ମୁଣ୍ଡିକିରି ଗ୍ରାମରେ ଥିବା ମାଉସୀ ପାଖକୁ ଫୋନ କରି ନରସିଂହର ମୃତ୍ୟୁ ଖବର ଜଣାଇଥିଲେ। ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା ଏହି ଘଟଣାରେ ହସ୍ତକ୍ଷେପ କରି ଗ୍ରାମକୁ ମୃତଦେହ ଆଣିବା ବ୍ୟବସ୍ଥା କରିବା ସହ ମୃତଦେହ ଆସିବା ଖର୍ଚ୍ଚ ବହନ କରିଥିବା ସୂଚନା ମିଳିଛି। ଯୁବକଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବ୍ୟାପକ ଗଛକାଟି ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ



**ବାରିପଦା,୨୨।୧୨(ସଂଚାର ବ୍ୟୁରୋ):** ବାରିପଦା ସହରର ପାଲବଣି ଠାରେ ବ୍ୟାପକ ଗଛକାଟି ଆନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ଘଟଣାରେ ମୟୂରଭଞ୍ଜ ଜିଲ୍ଲା ବିଜୁଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡା ଯାଇଛି। ଆଜି ସୋମବାର ପୂର୍ବାହ୍ନରେ ଏନେଇ ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୟ ରେ ଦଳର ସମସ୍ତ ନେତୃବୃନ୍ଦ ଜିଲ୍ଲାପାଳ ହେମକାନ୍ତ ସଏ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ଚଳିତ ମାସ ୧୭ ତାରିଖ ପାଖରୁ ହଜାର ହଜାର ଗଛ କାଟିବା କାର୍ଯ୍ୟ ଆରମ୍ଭ ହୋଇଛି। ଯାହାକୁ ନେଇ ସହରର ପ୍ରତ୍ୟେକ ବ୍ୟକ୍ତି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏତେ ସୁନ୍ଦର ସବୁଜିମା କୁ ନଷ୍ଟ କରିବାକୁ କିପରି ହାତ ଗଲା। ନୂଆ ବସ୍ ଷ୍ଟାଣ୍ଡ ପାଇଁ ମନୋନୀତ ସ୍ଥାନଟି ଅତି ଘଞ୍ଚ ସବୁଜ ଆଚ୍ଛାଦିତ ଅଞ୍ଚଳ। ଶାଳ ଠାରୁ ଆରମ୍ଭ କରି ମୂଲ୍ୟବାନ ଗଛ ଭରପୂର ମାତ୍ରାରେ ଥିବାରୁ ସହରର ଅମ୍ଳଜାନର ଉତ୍ସ ଭାବେ କାର୍ଯ୍ୟ କରୁଥିଲା। କିନ୍ତୁ ସ୍ଥାନୀୟ ଲୋକ, ବନ ସୁରକ୍ଷା କମିଟି ଓ ରକ୍ଷଣଶୀଳଙ୍କ ମତାମତ ନନେଇ ଜିଲ୍ଲା ପ୍ରଶାସନ ଏକପାଖିଆ ଭାବେ ନୂଆ ବସଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀଙ୍କୁ ହତବାକ କରିଛି। ଯଦି ଏହି ନୂଆ ଆନ୍ତଃରାଜ୍ୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ବନ୍ଦ କରାନଯାଏ, ବରିପଦାରେ ଜଙ୍ଗଲ ଅଞ୍ଚଳ ହ୍ରାସ ପାଇ ଭବିଷ୍ୟତରେ ଅନେକ ପରିବେଶଗତ ସମସ୍ୟା ଉତ୍ପନ୍ନ ହେବ। ପୂର୍ବରୁ ଜିଲ୍ଲା ପ୍ରଶାସନ ବରିପଦା ସର୍କଲ ଜେଲ୍ ଅଧୀନରେ ଥିବା ମୁର୍ଗାବାଡିଠାରେ ଏକ ଉପଯୁକ୍ତ ଜମି ଚିହ୍ନଟ କରିଥିଲେ ଏବଂ ଯଥେଷ୍ଟ କ୍ଷତିପୂରଣ ନେଇ ସେଠାରେ ନୂଆ ବସ୍ ଷ୍ଟାଣ୍ଡ କରିବାକୁ ଯୋଜନା କରିଥିଲେ। କିନ୍ତୁ ବିନା ବିସ୍ତୃତ ଅଧ୍ୟୟନରେ ପ୍ରଶାସନ ଏକତରଫା ଭାବେ ଗଭୀର ଜଙ୍ଗଲ ଭିତରେ ବସ୍ ଷ୍ଟାଣ୍ଡ ସ୍ଥାପନ କରିବାକୁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟ ଜନକ। ଏହା ଓଡ଼ିଶା ବନ ଆଇନ ୧୯୭୨ ଏବଂ ବିଦ୍ୟମାନ ନିୟମାବଳୀର ନିୟମ ଉଲ୍ଲଙ୍ଘନ କରୁଛି।

# 'ଆସ ସ୍କୁଲ ଯିବା' ସଚେତନତା ସଭା



**ଦିଗପହଣ୍ଡି,୨୨।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ସ୍ଥିତ ମଧୁବିଦ୍ୟାପୀଠ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ 'ଆସ ସ୍କୁଲ ଯିବା' ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ପୁଣି ଥରେ ଶିକ୍ଷା ସ୍ରୋତରେ ସାମିଲ କରିବା। ଏନ୍ଏସି କ୍ଲଷ୍ଟର ସିଆରସିସି ଅନୀଲ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (ଏବିଇଓ) ବାଲା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଅଧାରୁ ପାଠ ଛାଡ଼ିଥିବା କିମ୍ବା ଆଦୌ ନାମ ଲେଖାଇ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। 'ନିପୁଣ ଓଡ଼ିଶା'ର ଲକ୍ଷ୍ୟ ହାସଲ ପାଇଁ ଶତ ପ୍ରତିଶତ ପିଲାଙ୍କୁ ସ୍କୁଲ ମୁହାଁ କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



**ଯାଜପୁର,୨୨।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦଯାପିତ ହୋଇଛି। ସ୍ଥାନୀୟ କୁସୁମା ସମ୍ମୁଖସ୍ଥ ପ୍ରଶାସନିକ ପଡ଼ିଆଠାରେ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଆୟୋଜିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ସାଂସଦ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କୃଷକମାନଙ୍କୁ ପ୍ରଣାମ ଜଣାଇ କହିଥିଲେ ଯେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଏକ ସୁନ୍ଦର ପରିକଳ୍ପନା। କାରଣ ଚାଷୀ ହସିଲେ ହିଁ ଦେଶ ହସିବ। ଆମ ଋଗବେଦ ଗ୍ରନ୍ଥରେ ମଧ କୃଷି ପ୍ରଣାଳୀ ଓ ଶସ୍ୟ ସଂରକ୍ଷଣ ବିଷୟରେ ଉଲ୍ଲେଖ ରହିଛି। ଏହାସହ ସରକାରଙ୍କ କୃଷି ସମ୍ବନ୍ଧୀୟ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଜରୁରୀ ବୋଲି ସାଂସଦ କହିଥିଲେ। ବିଭିନ୍ନ ସ୍ଥାନରେ ଏ ସମ୍ବନ୍ଧୀୟ ସଚେତନତା ହୋର୍ଡିଂ, ବ୍ୟାନର ମାଧ୍ୟମରେ କୃଷକମାନଙ୍କ ନିକଟରେ ସଠିକ୍ ସୂଚନା ଏବଂ ତଥ୍ୟ ପହଞ୍ଚାଇବା ଜରୁରୀ। ବିକଶିତ ଭାରତ ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଡିବିଟି ମାଧମରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି ଏବଂ ଏମଏସପି ୮୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହାସହ ଆଗକୁ ଯାଜପୁର ଜିଲ୍ଲାରେ ନଦୀରେ ବ୍ୟାରେଜ୍ ନିର୍ମାଣ କରାଯାଇ ଜଳସେଚନ ସୁବିଧା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସାଂସଦ ଶ୍ରୀ ବେହେରା କହିଥିଲେ।

## କୁଲଡିହା ରେଞ୍ଜରଙ୍କ ମନମାନି କାର୍ଯ୍ୟ ପ୍ରସଙ୍ଗ

# ୨୬ରୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା

**ନୀଳଗିରି,୨୨।୧୨(ସଂଚାର ବ୍ୟୁରୋ):** କୁଲଡିହା ରେଞ୍ଜର ଙ୍କ ମନମାନି କାର୍ଯ୍ୟକୁ ବିରୋଧ କରି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖ ରୁ କୁଲଡିହା ରେଞ୍ଜର ଅଫିସ ସମ୍ମୁଖ ରେ ଧାରଣା ଦିଆଯିବ ବୋଲି ଉକ୍ତ ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି।ଅଭୟାରଣ୍ୟ ରେ ବସବାସ କରୁଥିବା ଆଦିବାସୀ ଲୋକମାନଙ୍କ ଉପରେ ,ରେଞ୍ଜର ବିନା ଦୋଷରେ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିବା ଅଭିଯୋଗ ଉଠିଛି। ଏପରିକି ଆଦିବାସୀ ଲୋକମାନଙ୍କୁ ଅଫିସ ଭିତରକୁ ଡାକି ପିଟିପିଟି ସଂଜ୍ଞାହୀନ କରିଦେଉଥିବା ଅଭିଯୋଗ ଆସୁଛି। ଦିତୀୟ ରେ କଇମହୁଡ଼ି ଗ୍ରାମ ର ମକରା ସୋରେନ ଗତ ୧୩ ତାରିଖ ଦିବା ୯ ଘଟିକା ସମୟରେ ନିଜର ବଳଦ ଖୋଜିବା ପାଇଁ ବଣ ଭିତରକୁ ଯାଇଥିବା ବେଳେ, ସେଠାରେ ଗୟଳ ଆକ୍ରମଣ ରେ ମୃତ୍ୟୁ ହୋଇଥିବା ବେଳେ ୧୦ଦିନ ବିତିଯାଇଥିଲେ ମଧ ବନବିଭାଗ ତରଫରୁ କୌଣସି କ୍ଷତିପୂରଣ ମିଳିନାହିଁ। ବନ୍ୟ ଜନ୍ତୁ ଆକ୍ରମଣରେ କୌଣସି ମଣିଷ ର ମୃତ୍ୟୁ ହେଲେ କ୍ଷତିପୂରଣ ଦେବା ପାଇଁ ସରକାର ଆଇନ୍ ପ୍ରଣୟନ କରିଥିବା ବେଳେ ଏଠାରେ କାର୍ଯ୍ୟକାରୀ ପାଇଁ ରେଞ୍ଜର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ସେହି ଆଇନ୍ ବଳରେ ମକରା ସୋରେନ କୁ କ୍ଷତିପୂରଣ ଦେବାକୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବୀ କରାଯାଇଛି। ଉକ୍ତ ଦୁଇଟି ଦାବୀ ନେଇ ,ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖ ରୁ କୁଲଡିହା ରେଞ୍ଜ ଅଫିସ ସମ୍ମୁଖରେ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ମଞ୍ଚ ର ଆବାହକ ବିଜୟ କୁମାର ପାତ୍ର ଘୋଷଣା କରିଛନ୍ତି।

# ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ



**ବୈଶିଙ୍ଗା,୨୨।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଖ୍ୟାତ ବୈଜ୍ଞାନିକ ଶ୍ରୀନିବାସ ରାମାନୁଜନ ଙ୍କ ଜନ୍ମଜୟନ୍ତୀ ଅବସରରେ 'ଜାତୀୟ ଗଣିତ ଦିବସ' ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀନିବାସ ରାମାନୁଜନନ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଗଣିତ ଶିକ୍ଷୟିତ୍ରୀ ଲୁବନା ଦାସ ନିଜ ବ୍ୟକ୍ତବ୍ୟରେ ଗଣିତ ପ୍ରତି ଭୟ ଦୂର କରି ଆପଣେଇ ନେବାକୁ ଛାତ୍ର/ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାର ଏବଂ ରାମାନୁଜନ ଙ୍କ ସଂଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋକ ପାତ କରିଥିଲେ। ଏହି ଅବସରରେ ଛାତ୍ର/ଛାତ୍ରୀଙ୍କ ମଧରେ ଅନୁଷ୍ଠିତ ଗଣିତ, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ରାଜେଶ କୁମାର ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ଶୀତଦିନେ ମୁହଁରେ ଲେମ୍ବୁରସ ଲଗାଇବା କ୍ଷତିକାରକ



ସାଧାରଣତଃ ଆପଣମାନେ ଜାଣିଥିବେ ଶୀତ ଦିନରେ ସ୍କିନ୍ ଅଧିକ ଡ୍ରାଏ ହୋଇଯାଏ। ଏହା ବ୍ୟତୀତ ଆହୁରି ଅନେକ ପ୍ରକାର ସମସ୍ୟା ମଧ୍ୟ ଦେଖା ଦେଇଥାଏ। ସେଥିପାଇଁ ଶୀତ ଦିନରେ ସ୍କିନକୁ ଅତିରିକ୍ତ ଯତ୍ନର ଆବଶ୍ୟକତା ରହିଛି, କାରଣ ଏହି ସମୟରେ ଥଣ୍ଡା ପବନ ଏବଂ କମ୍ ଆର୍ଦ୍ରତା ଯୋଗୁଁ ସ୍କିନ୍ ଖରାପ ହୋଇପାରେ। ଥଣ୍ଡା ପାଗରେ, ବାୟୁରେ ଆର୍ଦ୍ରତା କମିଯାଏ, ଯେଉଁ କାରଣରୁ ସ୍କିନରେ ଅନେକ ପ୍ରକାରର ସମସ୍ୟା ଦେଖାଯାଏ। ଏହା ବ୍ୟତୀତ ଶୀତଦିନେ ତାପମାତ୍ରା ହ୍ରାସ ହେତୁ ଆମ ସ୍କିନରେ ଆର୍ଦ୍ରତା ବଜାୟ ରଖିବା ଜରୁରୀ ହୋଇଥାଏ। ସ୍କିନକୁ ଆର୍ଦ୍ରତା ଯୋଗାଇବା ଏବଂ ଏହାକୁ ଚମକାଇବା ପାଇଁ ଅନେକ ଲୋକ ଅନେକ ପ୍ରକାରର ଜିନିଷ ବ୍ୟବହାର କରିବା ସହିତ ଘରୋଇ ଉପଚାର ମଧ୍ୟ ବ୍ୟବହାର କରନ୍ତି। ତାହେଲେ ଆସନ୍ତୁ ସେହି ବିଷୟରେ ବିଶେଷ ଭାବେ ଜାଣିବା। ଘରୋଇ ଉପଚାରରେ, ଲୋକମାନେ ଅନେକ ପ୍ରାକୃତିକ ଜିନିଷର ପେଷ୍ଟ ତିଆରି କରନ୍ତି କିମ୍ବା ଏହାକୁ ସିଧାସଳଖ ମୁହଁରେ ଲଗାନ୍ତି, କିନ୍ତୁ ଏହା ସ୍କିନକୁ କ୍ଷତି ପହଞ୍ଚାଇପାରେ। ଆଜି ଆମେ ଆପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ବିଷୟରେ କହିବାକୁ ଯାଉଛୁ ଯାହାକୁ ଶୀତଦିନେ ଆପଣଙ୍କ ମୁହଁରେ ଲଗାଇବା ଠାରୁ ଦୂରେଇ ରହିବା ଉଚିତ୍।

ଲେମ୍ବୁ ରସ: ସ୍କିନର ଯତ୍ନ ପାଇଁ ଅନେକ ଲୋକ ଲେମ୍ବୁ ରସ ବ୍ୟବହାର କରନ୍ତି। ଶୀତଦିନେ ସ୍କିନର ଯତ୍ନ ପାଇଁ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। ଲେମ୍ବୁରେ ଭିଟାମିନ୍ 'ସି' ଥାଏ ଏବଂ ସ୍କିନ୍ ଉଜ୍ଜ୍ୱଳତା ପାଇଁ ଜଣାଶୁଣା। କିନ୍ତୁ ଲେମ୍ବୁରେ ସାଇଟ୍ରସ୍ ଏସିଡ୍ ଥାଏ, ଯାହା ସ୍କିନର ପ୍ରାକୃତିକ ଆର୍ଦ୍ରତାକୁ ହ୍ରାସ କରିପାରେ ଏବଂ ଶୀତଦିନେ ଶୁଷ୍କ ଚର୍ମ ଥିବା ଲୋକଙ୍କ ପାଇଁ ଅଧିକ କ୍ଷତି କରିପାରେ। ଏହି କାରଣରୁ ସ୍କିନ୍ ଅଧିକ ଶୁଷ୍କ ଦେଖାଯିବାକୁ ଆରମ୍ଭ କରେ। ଏଥି ସହିତ, ଲେମ୍ବୁ ଲଗାଇବା ଦ୍ୱାରା ସ୍କିନରେ କୁଣ୍ଡେଇ ହେବା ଏବଂ ପୋଡିବା ଭଳି ସମସ୍ୟା ସୃଷ୍ଟି ହୋଇପାରେ।

ଚନ୍ଦନ ପାଉଡର: ସ୍କିନକୁ ଥଣ୍ଡା କରିବା ଏବଂ ଚେହେରାକୁ ଚମକାଇବା ପାଇଁ ସାଧାରଣତଃ ଚନ୍ଦନ ପାଉଡର ବ୍ୟବହୃତ ହୁଏ, କିନ୍ତୁ ଶୀତଦିନେ ଏହା ସ୍କିନକୁ ଶୁଷ୍କ କରିପାରେ। ଚନ୍ଦନ କାଠର ସ୍କିନକୁ ଥଣ୍ଡା କରାଇବାର ଗୁଣ ରହିଛି, ତେଣୁ ଶୀତଦିନେ ଏହାକୁ ମୁହଁରେ ଲଗାଇଲେ ସ୍କିନର ଆର୍ଦ୍ରତା ଖରାପ କରିପାରେ, ଯାହା ସ୍କିନରେ ଶୁଷ୍କତା ଏବଂ ପୋଡ଼ିବା ଭଳି ସମସ୍ୟା ସୃଷ୍ଟି କରିପାରେ।

ବେକିଂ ସୋଡା: ଅନେକ ଲୋକ ସ୍କିନକୁ ଭଲ ରଖିବା ପାଇଁ ବେକିଂ ସୋଡା ବ୍ୟବହାର କରନ୍ତି। କିନ୍ତୁ ଶୀତ ଦିନରେ ଏହାକୁ ବ୍ୟବହାର କରିବା ଠାରୁ ଦୂରେଇ ରହିବା ଉଚିତ୍। କାରଣ ବେକିଂ ସୋଡାର ପିଏଚ ସ୍ତର ସ୍କିନର ପିଏଚ ସ୍ତରଠାରୁ ଅଧିକ ରହିଥାଏ। ଏପରି ପରିସ୍ଥିତିରେ, ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନର ପିଏଚ ସ୍ତର ଖରାପ ହୋଇପାରେ, ଯେଉଁ କାରଣରୁ ସ୍କିନରେ ଶୁଷ୍କତା, ପୋଡ଼ିବା କିମ୍ବା ଲାଲ୍ ହେବା ଭଳି ସମସ୍ୟା ଦେଖାଦେଇଥାଏ। ସେଥି ପାଇଁ ଯେଉଁମାନେ ଶୀତ ଦିନରେ ନିଜ ସ୍କିନକୁ ଭଲ ରଖିବାକୁ ଚାହୁଁଛନ୍ତି, ସେମାନେ ଏହି ସବୁ ଜିନିଷ ଠାରୁ ଦୂରେଇ ରୁହନ୍ତୁ।

# ବଳକା ଭାତକୁ ଆଉଥରେ ଗରମ କରୁଥିଲେ ସାବଧାନ !

ଭାତ ବଳକା ରହିବା (ରାଇସ୍) ଅନେକ ଭାରତୀୟ କିଚେନରେ ଏକ ସାଧାରଣ କଥା ଏବଂ ଅନେକ ସମୟରେ ଏହାକୁ ବିନା ସଙ୍କୋଚରେ ପୁଣି ପରବର୍ତ୍ତୀ ଦିନ , ପୁନର୍ବାର ଗରମ କରି ଖିଆ ଯାଏ। କାରଣ ଏହା ଦେଖିବାରେ ଏବଂ ବାସ୍ନାରେ ଠିକଠାକ୍ ଲାଗିଥାଏ। ଏଥିପାଇଁ ଅଧିକାଂଶ ଲୋକେ ଭାବନ୍ତି ଯେ, ଏହା ଖାଇବା ପାଇଁ ସଂପୂର୍ଣ୍ଣ ସୁରକ୍ଷିତ। ହେଲେ , ବାସ୍ତବତା ଯେ, ଯଦି ଚାଉଳକୁ ସଠିକ୍ ଢଙ୍ଗରେ ଷ୍ଟୋର୍ କିମ୍ବା ଆଉଥରେ ଗରମ କରାନଯାଏ , ତ ଏହା ଶୀଘ୍ର ହାନିକାରକ ବ୍ୟାକ୍ଟେରିଆ ପାଇଁ ସଠିକ୍ ସ୍ଥାନ ପାଲଟି ଯାଏ।

ଡାକ୍ତର ଏମି ଶାହ , ଯିଏ ଡବଲ ବୋର୍ଡ –ସାର୍ଟିଫାଇଡ୍ ଏମଡି ଓ ନ୍ୟୁଟ୍ରିସନିଷ୍ଟ, ନିଜର ୨୩ ଅକ୍ଟୋବରର ଇନଷ୍ଟାଗ୍ରାମ୍ ପୋଷ୍ଟରେ ଚେତାବନୀ ଦେଇଛନ୍ତି । କହିଛନ୍ତି - ରାଇସ୍କୁ ଆଉ ଥରେ ଗରମ କରିବା ଏକ ଦୈନିକ କରାଯାଉଥିବା ଭୁଲରୁ ଫୁଡ୍ ପଏଜନିଂ ଓ ପେଟରେ ଇନଫେକ୍ସନର ଆଶଙ୍କା ବଢ଼ି ପାରେ। ଡାକ୍ତର ଏମି ଚେତାବନୀ ଦେଇଛନ୍ତି ଯେ, ଏମିତି ଭୁଲ କରନାହିଁ। ଏଥିରୁ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ଏବଂ ଗୁରୁତର ସମସ୍ୟାରେ ଆପଣ ହସ୍ପିଟାଲକୁ ମଧ୍ୟ ଯିବାକୁ ପଡ଼ିପାରେ।



ସେ ପ୍ରଥମେ ଏକ ଗୁରୁତ୍ୱପୂର୍ଣ୍ଣ ଭୁଲ୍ ଧାରଣାକୁ ସ୍ପଷ୍ଟ କରିଛନ୍ତି – ଚାଉଳକୁ ଫ୍ରିଜ୍ରେ ରଖିବା ବାସ୍ତବରେ ଆପଣଙ୍କ ପାଇଁ ବହୁତ ଭଲ। ଏହାକୁ ରୋଷେଇ କରିବା ପରେ ଏହାକୁ ଶୀଘ୍ର ଥଣ୍ଡା କରନ୍ତି ଏବଂ ସାରା ରାତି ପାଇଁ ଫ୍ରିଜ ଷ୍ଟୋର କରନ୍ତି। ଯେବେ ଆପଣ ଏହାକୁ ପରବର୍ତ୍ତୀ ଦିନ ଖାଆନ୍ତି, ତ କିଛି ଷ୍ଟାର୍ଚ ପେଟ ପାଇଁ ଫଳପ୍ରଦ ରେଜିଷ୍ଟାଣ୍ଟ ଷ୍ଟାର୍ଚରେ ବଦଳି ଯାଏ ,ଯାହା ବ୍ଲଡ୍ ସୁଗାର ରେସପନ୍ସକୁ ଭଲ କରିଥାଏ ଏବଂ ହେଲଦି ମାଇକ୍ରୋବାୟୋମକୁ ସପୋର୍ଟ କରିଥାଏ। ହେଲେ ଡାକ୍ତର ଶାହ ଏହି କଥା ଉପରେ ଜୋର ଦେଇଛନ୍ତି ଯେ, ବାସ୍ତବରେ ବିପଦ ଫ୍ରିଜ୍ରେ ରଖିବା ଦ୍ୱାରା ନୁହେଁ , ବରଂ ଏହା ପୂର୍ବରୁ କଣ ହୋଇଥାଏ, ଏଥିରେ ରହିଛି। ସବୁଠୁ ବଡ଼ ଭୁଲ ରନ୍ଧା ଭାତକୁ ପୂରା ଦିନ ଖୋଲାରେ ରଖି ଦେବା। ସେ ଆହୁରି କହିଛନ୍ତି ଯେ, ଏହି ବିପଦ ମେଡିକାଲ ଟ୍ରେନିଂରେ ଭଲଭାବେ କୁହାଯାଇଛି। ଏହା ସବୁଠୁ ବେସିକ୍ ଫୁଡ୍ ସେଫ୍ଟି ପ୍ରଶ୍ନରେ ଗୋଟିଏ ଥିଲା, ଯାହା ଉପରେ ମେଡିକାଲ ସ୍କୁଲରେ ଆମର ଟେଷ୍ଟ ନିଆଯାଇ ଥିଲା ଏବଂ ଏହା ଏକ ବଡ଼ ଚେତାବନୀ। ବିଶେଷକରି କଲେଜ୍ ଷ୍ଟୁଡେଣ୍ଟ କିମ୍ବା କୌଣସି ବି ଏମିତି ବ୍ୟକ୍ତିଙ୍କ ପାଇଁ ଯିଏ ଖାଦ୍ୟକୁ ଅଧିକ ସମୟ ଯାଏ ଖୋଲାରେ ରଖି ଦିଅନ୍ତି।

ଡାକ୍ତର ଶାହ କହିଛନ୍ତି ଯେ, ରୁମ୍ ଟେମ୍ପରେଚରରେ ଛାଡ଼ି ଦିଆଯାଇ ଥିବା ଭାତ ହାନିକାରକ ବ୍ୟାକ୍ଟେରିଆ ବୃଦ୍ଧି ପାଇଁ ପୂରା ସଠିକ୍ ମାହୋଲ ହୋଇଥାଏ। ଯଦି ଏହା ଦୂଷିତ ହୋଇଯାଏ ,ତ ଏହା ଗୁରୁତର ଫୁଡ୍ ପଏଜନିଂର କାରଣ ହୋଇପାରେ ଏବଂ କ୍ୱଚିତ କ୍ଷେତ୍ରରେ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିପାରେ। ଶେଷରେ ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ, ଭାତକୁ ପ୍ରଥମ ରାନ୍ଧନ୍ତୁ , ତାକୁ ଯେତେ ଶୀଘ୍ର ସମ୍ଭବ ଥଣ୍ଡା କରନ୍ତୁ , ପୁଣି ଫ୍ରିଜ୍ରେ ଏକ ଏୟାରଟାଇଟ୍ କଣ୍ଟେନରରେ ଷ୍ଟୋର କରିଦିଅନ୍ତୁ । ଏହାକୁ ଥରୁଟିଏରୁ ଅଧିକ ଗରମ କରନ୍ତୁ ନାହିଁ।

# ହୃଦୟ, ମସ୍ତିଷ୍କକୁ କ୍ଷତି ପହଞ୍ଚାଉଛି କୋଲ୍ଡ୍ରିଙ୍କ୍ସ ଓ ଚୁଇଙ୍ଗମର ମିଠା



କୋଲ୍ଡ୍ରିଙ୍କ୍ସ, ସୁଗାର୍ ଫ୍ରି ଚୁଇଙ୍ଗମ୍ ଏବଂ ଡାଏଟ୍ ଉତ୍ପାଦରେ ବ୍ୟବହୃତ କୃତ୍ରିମ ମିଠାକୁ ନେଇ ସବୁବେଳେ ପ୍ରଶ୍ନ ଉଠାଯାଏ। କିନ୍ତୁ ଏବେ ଏକ ଅଧ୍ୟୟନରେ ଏପରି କିଛି ପ୍ରକାଶ ପାଇଛି ଯାହା ଆପଣଙ୍କୁ ଭୟଭୀତ କରିବ। ସଦ୍ୟତମ ଅଧ୍ୟୟନରୁ ଜଣାପଡିଛି ଯେ କୋଲ୍ଡ୍ରିଙ୍କ୍ସ ଏବଂ ଚୁଇଙ୍ଗମର ମିଠା ହୃଦରୋଗ ବୃଦ୍ଧି କରୁଛି ଏବଂ ମସ୍ତିଷ୍କର କାର୍ଯ୍ୟକୁ ହ୍ରାସ କରୁଛି। ଆସ୍ପାର୍ଟେମ୍, ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ଭଳି ମିଠା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ। କୃତ୍ରିମ ମିଠା ଚିନି ଅପେକ୍ଷା ୨୦୦ ଗୁଣ ଅଧିକ ମିଠା, କିନ୍ତୁ ଏଥିରେ ବହୁତ କମ୍ କ୍ୟାଲୋରୀ ଥାଏ। ଏଥିରେ ମୁଖ୍ୟତଃ ଆସପାର୍ଟାମ (ଡାଏଟ୍ କୋକ୍, ସୁଗାର ଫ୍ରି ଉତ୍ପାଦରେ), ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ (ସୁଗାର ଫ୍ରି ଗମ୍, କ୍ୟାଣ୍ଡି, ଟୁଥପେଷ୍ଟରେ), ସୁକ୍ରାଲୋଜ୍ ଏବଂ ସାକାରିନ୍ ଅନ୍ତର୍ଭୁକ୍ତ। ବାୟୋମେଡିସିନ୍ ଏବଂ ଫାର୍ମାକୋଥେରାପିରେ ଏକ ଅଧ୍ୟୟନରେ ମୂଷା ଉପରେ ଆସ୍ପାର୍ଟାମର ପ୍ରଭାବ ପରୀକ୍ଷା କରାଯାଇଥିଲା। ଏହି ଫଳାଫଳରୁ ଜଣାପଡିଛି ଯେ ଏହାର କମ ମାତ୍ରା ମଧ୍ୟ ହୃତପିଣ୍ଡର ମାଂସପେଶୀକୁ ମୋଟା କରିଥାଏ , ଯାହା ହୃତପିଣ୍ଡକୁ ଦୁର୍ବଳ କରିଥାଏ। ସେହିପରି, କ୍ଲିଭଲ୍ୟାଣ୍ଡ କ୍ଲିନିକ୍ (୨୦୨୪-୨୦୨୫) ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ଏରିଥ୍ରିଟଲ୍ ଏବଂ ଜାଇଲିଟଲ୍ ରକ୍ତ ପ୍ଲେଟଲେଟ୍ ସହିତ ଲାଗି ରହିଥାଏ, ଯାହା ଫଳରେ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟ ହୃଦୟ କିମ୍ବା ମସ୍ତିଷ୍କକୁ ଯାଇ ଷ୍ଟ୍ରୋକ ସୃଷ୍ଟି କରିପାରେ। ଯେଉଁମାନେ ଏଗୁଡ଼ିକୁ ଅତ୍ୟଧିକ ସେବନ କରନ୍ତି ସେମାନଙ୍କ ହୃଦଘାତର ଆଶଙ୍କା ୫୦ ପ୍ରତିଶତ ବଢ଼ିଯାଏ। ସେପ୍ଟେମ୍ବର ୨୦୨୫ରେ ନ୍ୟୁରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଆଠ ବର୍ଷ ଧରି ୧୨,୭୦୦ ଲୋକଙ୍କୁ ଅନୁସରଣ କରିଥିଲା। ଏଥିରେ ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ମିଠା ବ୍ୟବହାର କରୁଥିଲେ ସେମାନଙ୍କ ସ୍ମୃତିଶକ୍ତି ଏବଂ ଚିନ୍ତା କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଇଥିଲା।ଏହି ବ୍ୟକ୍ତିମାନଙ୍କଠାରେ ସ୍ମୃତିଶକ୍ତି ହ୍ରାସ ୬୨% ରୁ ଅଧିକ ଥିଲା।

# ବ୍ଲଡ୍ ସୁଗାର ସ୍ତର ବୃଦ୍ଧି ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ




ଡାଇବେଟିସ୍ ବା ମଧୁମେହ କେବଳ ରକ୍ତରେ ଶର୍କରା ସ୍ତରକୁ ବୃଦ୍ଧି ପାଇବାର ସମସ୍ୟା ନୁହେଁ ; ଏହା ଆମ ହାର୍ଟର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଗମ୍ଭୀର ଚେତାବନୀ ସଦୃଶ। ରକ୍ତରେ ଯେତେବେଳେ ଶର୍କରା ସ୍ତର ଦୀର୍ଘ ଦିନ ଯାଏ ଅନିୟନ୍ତ୍ରିତ ରହିଥାଏ, ସେତେବେଳେ ସେମାନେ ହାର୍ଟକୁ କାର୍ଯ୍ୟକ୍ଷମ କରୁଥିବା ସ୍ନାୟୁ ଏବଂ କ୍ଷୁଦ୍ର ରକ୍ତବାହୀ ନଳୀଗୁଡ଼ିକୁ ନୀରବରେ ଦୁର୍ବଳ କରିବାକୁ ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ଜଣେ ମଧୁମେହ ରୋଗୀଙ୍କ ହୃଦରୋଗର ଆଶଙ୍କା ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ୨-୪ ଗୁଣ ଅଧିକ ବଢ଼ିଯାଏ। ବାସ୍ତବତା ହେଉଛି ହାର୍ଟର (ହୃଦୟ)ସୁରକ୍ଷା ପାଇଁ ଚିନି ବା ସୁଗାରକୁ ନିୟନ୍ତ୍ରଣ କରିବା। ମ୍ୟାକ୍ସ ସୁପର ସ୍ପେଶାଲିଟି ହସ୍ପିଟାଲ (ଶାଲିମାର ବାଗସ୍ଥିତ )ର ହୃଦରୋଗ ବିଶେଷଜ୍ଞ ଡକ୍ଟର ନବୀନ ଭାମାରୀଙ୍କ ଠାରୁ ଆସନ୍ତୁ ଜାଣିବା ଯେ, ଅନିୟନ୍ତ୍ରିତ ଡାଇବେଟିସ୍ ହାର୍ଟର ସ୍ୱାସ୍ଥ୍ୟ ଉପରେ କେମିତି ଖରାପ ପ୍ରଭାବ ପକାଇ ଥାଏ। ଶର୍କରା ସ୍ତର ବୃଦ୍ଧି ମାତ୍ରା ରକ୍ତ ବାହିକା ଗୁଡ଼ିକର ଭିତର ଆସ୍ତରଣକୁ କ୍ଷତି ପହଞ୍ଚାଇ ଧମନୀଗୁଡ଼ିକ କଠିନ ଏବଂ ସଙ୍କୁଚିତ କରିଥାଏ। ଯେଉଁଥିରେ ହାର୍ଟକୁ ରକ୍ତ ପ୍ରବାହ ହ୍ରାସ ପାଏ ଏବଂ କରୋନାରୀ ଆର୍ଟେରୀ ଡିଜିଜର ବିପଦ ବୃଦ୍ଧି କରେ। ମଧୁମେହରେ ପ୍ରାୟତଃ ଏଲଡିଏଲ (ଖରାପ କୋଲେଷ୍ଟ୍ରଲ) ଏବଂ ଟ୍ରାଇଗ୍ଲିସେରାଇଡ୍ ବଢ଼ି ଯାଏ , ଯେତେବେଳେ କି ଏଚଡିଏଲ (ଭଲ କୋଲେଷ୍ଟ୍ରଲ) ହ୍ରାସ ପାଇଯାଏ। ଏହା ଧମନୀରେ ପ୍ଲାକ୍ ଜମା କରିଥାଏ ଏବଂ ହୃଦଘାତର ଆଶଙ୍କା ବଢାଇ ଥାଏ। ମଧୁମେହ ସହ ପ୍ରାୟତଃ ଉଚ୍ଚ ରକ୍ତଚାପ ମଧ୍ୟ ହୋଇ ଥାଏ । ଏହା ଏକାଠି ହୃଦୟ ଉପରେ ଅତିରିକ୍ତ ଚାପ ପକାଇଥାଏ , ହୃଦଘାତ ଭଳି ସମସ୍ୟାର ଆଶଙ୍କା ବୃଦ୍ଧି କରିଥାଏ। ମଧୁମେହରେ ସ୍ନାୟୁର କ୍ଷତି ହୋଇଥାଏ, ଯାହା ହୃଦସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରଣକୁ ପ୍ରଭାବିତ କରିପାରେ। ସାଧାରଣ ହୃଦଘାତର ଲକ୍ଷଣଗୁଡ଼ିକ ପ୍ରାୟତଃ ଲୁଚି ଯାଇପାରେ, ଯେଉଁଥିରେ ସ୍ଥିତି ଆହୁରି ବିପଦପୂର୍ଣ୍ଣ ହୋଇଯାଏ। ଦୀର୍ଘ ଦିନ ଯାଏ ବଢୁଥିବା ଉଚ୍ଚ ସୁଗାର ସ୍ତର ଶରୀରରେ ପ୍ରଦାହ(ଇନଫ୍ଲେମେସନ) ବୃଦ୍ଧି କରାଏ , ଯାହା ହାର୍ଟ ଓ ରକ୍ତବାହୀ ନଳୀକୁ ଆହୁରି କ୍ଷତି କରିଥାଏ।

ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣରେ ରଖନ୍ତୁ: ପ୍ରତିଦିନ କିମ୍ବା ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆପଣଙ୍କର ସୁଗାରକୁ ଚେକ୍ କରନ୍ତୁ , ବିଶେଷକରି ଫାଷ୍ଟିଂ ଏବଂ ପିପି ( ଖାଇବା ପରେ) ଏଚବିଏ୧ସି ସ୍ତର ୭%ରୁ କମ୍ ରଖିବାର ଲକ୍ଷ୍ୟ ରଖନ୍ତୁ। ଏହା ଆପଣଙ୍କ ହାର୍ଟ ଓ ପୂରା ଶରୀରକୁ ସୁରକ୍ଷା ଦେଇଥାଏ।

ଅନ୍ୟାନ୍ୟ ରୋଗ ଏବଂ ବିପଦ କାରଣଗୁଡ଼ିକୁ ନିୟନ୍ତ୍ରଣ କରନ୍ତୁ: ଉଚ୍ଚ ରକ୍ତଚାପ, ହାଇ କାଲେଷ୍ଟ୍ରଲ ଏବଂ ମୋଟାପା ମଧ୍ୟ ହୃଦରୋଗର ଆଶଙ୍କା ବୃଦ୍ଧି କରେ। ଏଗୁଡ଼ିକୁ ଡାଇବେଟିସ ସହ ନିୟନ୍ତ୍ରଣ କରିବା ଖୁବ୍ ଜରୁରୀ।

ହାର୍ଟ ପାଇଁ ସୁସ୍ଥ ଆହାର ଖାଆନ୍ତୁ: ଖାଦ୍ୟରେ ଫଳ, ପନିପରିବା, ଶସ୍ୟ, ଲିନ୍ ପ୍ରୋଟିନ୍ ଏବଂ ସୁସ୍ଥ ଚର୍ବି (ଯେପରିକି ବାଦାମ, ମଞ୍ଜି ଏବଂ ମାଛ) ସାମିଲ କରନ୍ତୁ। ଅତ୍ୟଧିକ ଭଜା ଖାଦ୍ୟ, ଟ୍ରାନ୍ସ ଚର୍ବି, ସାଚୁରେଟେଡ୍ ଚର୍ବି ଏବଂ ପ୍ରକ୍ରିୟାକୃତ ଚିନି ପରିହାର କରନ୍ତୁ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଲୁଣ ଖାଇବାକୁ ସୀମିତ କରନ୍ତୁ।

ନିୟମିତ ବ୍ୟାୟାମ କରନ୍ତୁ: ପ୍ରତିଦିନ ବ୍ୟାୟାମ ରକ୍ତ ଶର୍କରା (ବ୍ଲଡ୍ ସୁଗାର) କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହାର୍ଟକୁ ଶକ୍ତିଶାଳୀ କରେ। ସପ୍ତାହରେ ଅତି କମରେ ୩୦ ମିନିଟ୍ ଦ୍ରୁତ ଗତିରେ ଚାଲିବା, ପହଁରିବା କିମ୍ବା ସାଇକେଲ ଚଲାଇବା ଲାଭଦାୟୀ।

ଭଲ ନିଦ୍ରା ଯିବା: ହାର୍ଟ ଓ ଡାଇବେଟିସ୍ ସ୍ୱାସ୍ଥ୍ୟ ପାଇଁ ଭଲ ନିଦ ଜରୁରୀ, ଦୈନିକ ୭-୯ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।

ଚିନ୍ତା ବା ଚାପ କମାନ୍ତୁ, ଧୂମପାନ ଏବଂ ମଦ୍ୟପାନ ଛାଡ଼ନ୍ତୁ: ଅତ୍ୟଧିକ ଚାପ ରକ୍ତ ଶର୍କରା ବୃଦ୍ଧି କରିପାରେ, ଏବଂ ଧୂମପାନ ଓ ମଦ୍ୟପାନ ହାର୍ଟ ପାଇଁ ବହୁତ କ୍ଷତିକାରକ। ହାର୍ଟ ପାଇଁ ଧ୍ୟାନ, ଯୋଗ ଏବଂ ଡିପ୍ ବ୍ରେଦିଂର ଅଭ୍ୟାସ କରନ୍ତୁ। ଧୂମପାନ ତ୍ୟାଗ କରିବା ଆପଣଙ୍କ ହାର୍ଟ ପାଇଁ ସର୍ବୋତ୍ତମ ନିଷ୍ପତ୍ତି। ଆପଣଙ୍କ ମଦ୍ୟପାନ ସେବନକୁ ସୀମିତ କରନ୍ତୁ।

ନିୟମିତ ମଧୁମେହ ଏବଂ ହୃଦଘାତ ଯାଞ୍ଚ କରାନ୍ତୁ: ଡାକ୍ତରଙ୍କ ପରାମର୍ଶ ସହ ନିୟମିତ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ। ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ହୃଦସ୍ପନ୍ଦନ ପରୀକ୍ଷା ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପରାମର୍ଶ ଡାକ୍ତର ନବୀନ ଭାମାରୀ କୁହନ୍ତି ଯଦି ମଧୁମେହ ନିୟନ୍ତ୍ରଣରେ ନ ଥାଏ କିମ୍ବା ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟା କଷ୍ଟ, ଛାତିରେ ଭାରୀପଣ, କିମ୍ବା ବାହୁ, କିମ୍ବା ବେକରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ବିଏସ୍‌ଏନ୍‌ଏଲ୍ ଏବେ କୋମାରେ

## ବୈଶିଙ୍ଗା ଟେଲି ଏକ୍ସଚେଞ୍ଜ ଉଦାହରଣ ପାଲଟିଛି

**ବୈଶିଙ୍ଗା,୨୨।୧୨ (ସଂଚାର ବ୍ୟୁରୋ):** ସ୍ୱାଧୀନତା ପରଠାରୁ ଦେଶରେ ଯୋଗାଯୋଗ କ୍ଷେତ୍ରରେ ଯେତେବେଳେ କୌଣସି ଟେଲି ଯୋଗାଯୋଗ ସଂସ୍ଥା କାର୍ଯ୍ୟକାରୀ ହୋଇ ପାରି ନ ଥିଲା, ସେତେବେଳେ କେବଳ ଭାରତ ସଂଚାର ନିଗମ ଲିମିଟେଡ ସଂସ୍ଥା ଯୋଗାଯୋଗ କ୍ଷେତ୍ରରେ ପ୍ରସାର କରି ପାରିଥିଲା। ଏହାପରେ ଯେତେ ଘରୋଇ ଟେଲି ଯୋଗା ଯୋଗ ସଂସ୍ଥା ଦେଶରେ କାର୍ଯ୍ୟକାରୀ ହୋଇଛି ସେ ସବୁ ବିଏସଏନଏଲ ମାଧ୍ୟମରେ ସାଧାରଣ ଲୋକଙ୍କୁ ସେବା ଯୋଗାଇଥିଲା ଏବେ ବି ଯୋଗାଇ ଚାଲିଛି। ଫରକ ହେଉଛି ଘରୋଇ ଟେଲି ସଂସ୍ଥା ନିଜର କାୟା ବିସ୍ତାର କରି ଗାଁ ଗହଳିରେ ଲକ୍ଷ ଲକ୍ଷ ଟାୱାର ସ୍ଥାପନ କରି ସେବାର ମାନ ବଢାଇଛି ସତ ମାତ୍ର ଲୋକଙ୍କ ପକେଟକୁ ଲୁଟ କରି ଚାଲିଛନ୍ତି। କିନ୍ତୁ ଯୋଗାଯୋଗ କ୍ଷେତ୍ରରେ ସେହି ବିଏସଏନଏଲ ସେତେବେଳେ ମହାଗୁରୁ ପାଲଟିଥିଲେ ମଧ ଏବେ କୋମାରେ ଥିବା ଜଣାଯାଇଛି। ଏହାର ଉଦାହରଣ ପାଲଟିଛି ବୈଶିଙ୍ଗା ବିଏସଏନଏଲ କାର୍ଯ୍ୟାଳୟ। ୧୯୯୫ ମସିହାରେ ଯେତେବେଳେ ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଲା ସେତେବେଳେ ମାତ୍ର ୧୦ଟି ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା।ପରେ ୨୫୬ ଏବଂ ପରେ ୫୧୨ ହିତାଧିକାରୀ ସୃଷ୍ଟି କରି ପାରିଥିଲା। ବିଭାଗୀୟ ଲାଇନ ମ୍ୟାନ, ହେଲପର, କନିଷ୍ଠ ଯନ୍ତ୍ରୀଙ୍କ ସହିତ ବିଦ୍ୟୁତର ବିକଳ୍ପ ଭାବେ ନିଜସ୍ୱ ଜେନେରେଟର ମଧ ବ୍ୟବସ୍ଥା କରାଯାଇଥିଲା। ଘରେ ଘରେ ଲୋକେ ଲ୍ୟାଣ୍ଡଲାଇନ ଯୋଗେ ଉନ୍ନତ ସେବା ପାଇ ପାରୁଥିଲେ। ମାତ୍ର ମୋବାଇଲ ଫୋନ ବ୍ୟବହାର ଆରମ୍ଭ ହେବା ପରେ ଲ୍ୟାଣ୍ଡଲାଇନ କୁ ହତାଦର କରିବା ସହିତ ବିଭାଗୀୟ କର୍ମଚାରୀ ଶୂନ କରି ଦିଆଗଲା। ଫଳରେ ସେବାରେ ବ୍ୟାଘାତ ସୃଷ୍ଟି ହେଲା। ସେହିଭଳି ମୋବାଇଲ କ୍ଷେତ୍ରରେ ଘରୋଇ କମ୍ପାନୀ ମାନେ ୨ଏ ନେଟୱାର୍କ ରୁ ୫/୬ ଏ ନେଟୱାର୍କ ଜରିଆରେ ଦ୍ରୁତ ଗତିରେ ଗ୍ରାହକଙ୍କୁ ସେବା ଯୋଗାଉଥିବା ବେଳେ ବିଏସଏନଏଲ ସେହି ପୂର୍ବ ୪ଏ ନେଟୱାର୍କ ପ୍ରସାରଣ କରି ଚାଲିଛି। ଫଳରେ ଗ୍ରାହକ ମାନେ ବିଏସଏନଏଲ ପରିବର୍ତ୍ତେ ଘରୋଇ କମ୍ପାନୀ ରିମ୍, ଏୟାରଟେଲ, ଜିଓ, ରିଲାଏନ୍ସ, ଟାଟା ଭଳି ଯୋଗାଯୋଗ ସଂସ୍ଥା ପ୍ରତି ମନ ବଳାଉଛନ୍ତି।



● ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୯୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୨୨।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ସିଂଘିଯୁବା ଗ୍ରାମ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୮୩ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୪ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୧ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣି ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଚଳିକା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଡ଼. ସୋମ୍ୟାରୂପା ରଥଙ୍କ ସମେତ ତହସିଲଦାର, ବିନିକା, ସୁଶ୍ରୀ ରଚନା ଭୋଇ, ସରପଞ୍ଚ, ସିଂଘିଯୁବା ଗ୍ରାମ ପଞ୍ଚାୟତ ପଦ୍ମିନୀ ତ୍ରିପାଠି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ୨୬୮ ଛାତ୍ରଛାତ୍ରୀ ତୃତୀୟ ବୃତ୍ତି ପରୀକ୍ଷା ଦେଲେ

**କଣାସ,୨୨।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ଦୁଇ ଟି ପରୀକ୍ଷା କେନ୍ଦ୍ରରେ ୨୬୮ ଜଣ ଛାତ୍ରଛତ୍ରୀ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବା ଜଣାପଡ଼ିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନ ପରୀକ୍ଷା କେନ୍ଦ୍ରରେ ୧୧୬ଜଣ ଛାତ୍ରଛତ୍ରୀ ପରୀକ୍ଷା ଦେଇଛନ୍ତି। ୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ମହାପାତ୍ର ପରୀକ୍ଷା ପରିଚାଳନା କରିଥିବା ବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ। କଣାସ ବ୍ଲକ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା, ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ କୁମାର ବେହେରା ଦୁଇକେନ୍ଦ୍ରରେ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟରେ ମହା ଘୋଟାଲା | ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଭୟଙ୍କର ଅବହେଳା

**ବିଷମକଟକ,୨୨।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ବେଥ୍ୟାପଦା ଗ୍ରାମ୍ୟ ପଞ୍ଚାୟତର କାପାପଦର୍ ଗ୍ରାମରେ ଅବସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୟଙ୍କର ଦୁର୍ନୀତି ଓ ଅନିୟମିତତା ଦେଖିବାକୁ ମିଳୁଛି। ବିଦ୍ୟାଳୟର ଉନ୍ନତିକରଣ କାମକୁ ନେଇ ଠିକାଦାର, ସର୍ବଶିକ୍ଷା ଅଭିଯାନର ଜେଇ ଜେଇ ଓ ପ୍ରଧାନ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଭାଗବଣ୍ଟା ଚାଲିଥିବା ଗୁରୁତର ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ ବିଦ୍ୟାଳୟର ଗୋଟିଏ ଘର ନିର୍ମାଣ ପାଇଁ ପ୍ରାୟ ଦୁଇ ମାସ ହେଲା ୧୫ଟି ଗଭୀର ପିଲର ଗାତ ଖୋଲା ରଖାଯାଇଛି। ଏହି ଖୋଲା ଗାତଗୁଡ଼ିକ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଥିବା ସତ୍ତ୍ୱେ କୌଣସି ସୁରକ୍ଷା ବ୍ୟବସ୍ଥା ନ ହେବା ଆଶ୍ଚର୍ଯ୍ୟଜନକ। ଏହି ବିଦ୍ୟାଳୟରେ ପ୍ରାୟ ୪୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏପରି ଅବହେଳା ଅତ୍ୟନ୍ତ ଦୁଃଖଦାୟକ। ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ ଯଦି ଏହି ଖୋଲା ଗାତ ଯୋଗୁଁ କୌଣସି ଦୁର୍ଘଟଣା ଘଟି ଛାତ୍ରଛାତ୍ରୀଙ୍କ ଜୀବନହାନି ହୁଏ, ତେବେ ଏହା ପାଇଁ ଜିଲ୍ଲା ପ୍ରଶାସନ ସର୍ବଶିକ୍ଷା ଅଭିଯାନର ଜେଇ ନା କି ପ୍ରଧାନ ଶିକ୍ଷୟତ୍ରୀ କେ ଦାୟୀ ରହିବେ ବୋଲି ପ୍ରଶ୍ନ ଉଠୁଛି। ଏହାସହ ଅଭିଯୋଗ ହେଉଛି ଯେ ପ୍ରଧାନ ଶିକ୍ଷୟତ୍ରୀ ଜେଇଙ୍କ ଠାରୁ ମୋଟା ଅଙ୍କର ଉପହାର ନେଇ ନିରବ ରହୁଛନ୍ତି। ଅନ୍ୟପଟେ ଜେଇ ଠିକାଦାରଙ୍କ ସହ ହାତ ମିଳାଇ ଲୁହା, ପଥର, ସିମେଣ୍ଟ ଓ କଙ୍କ୍ରିଟ୍ ଯୋଗାଇ ନିଜେ ପାର୍ଟନର ଭାବେ କାମ କରୁଥିବା ମଧ ଗୁରୁତର ଅଭିଯୋଗ ରହିଛି। ଏନେଇ ସାମ୍ବାଦିକମାନେ ଜେଇଙ୍କ ସହ ଯୋଗାଯୋଗ କରିଥିଲେ ମଧ ସେ କେମେରା ସାମ୍ନାରେ କିଛି କହିବାକୁ ଅସ୍ୱୀକାର କରି ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଛନ୍ତି ସ୍ଥାନୀୟ ବାସିନ୍ଦା।





## ସୁବର୍ଣ୍ଣପୁରରେ ଡ. ଅଭିଷେକ ମିଶ୍ରଙ୍କ ସ୍ମୃତିସଭା

● ଯୋଗଦେଲେ ହାଇକୋର୍ଟ ବିଚାରପତି ଓ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୨।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତିଭବନ ଠାରେ ସୋନପୁର କଲେଜ ର ପୂର୍ବତନ ଅଧକ୍ଷ ଡ଼.କେଦାର ମିଶ୍ର ଙ୍କ ସଭାପତିତ୍ୱରେ ଡ. ଅଭିଷେକ ମିଶ୍ର ଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟ ମୂର୍ତ୍ତି ଶଶିକାନ୍ତ ମିଶ୍ର ଯୋଗଦେଇ ସୁବର୍ଣ୍ଣପୁର ସହର ଏକ ଚମତ୍କାର ସହର, ଏଠି ପାଦ ଥାପିଲା ମାତ୍ରେ ଏକ ଆଧାତ୍ମିକ ସ୍ପନ୍ଦନ ରେ ସ୍ପନ୍ଦିତ ହୁଏ ବୋଲି କହିଥିଲେ। ସଂସ୍କୃତି ଆଧାରିତ ଆମ ଭାରତୀୟ ସମ୍ବିଧାନ, ଏହା ଆମ ଦେଶ ର ଆତ୍ମା, ଏଥିରେ ନିଜସ୍ବ ସଂସ୍କୃତି ପ୍ରତିଫଳିତ ହୋଇଛି। ଏଣୁ ଯେଉଁ ଶିକ୍ଷା ରେ ସାମାଜିକ ମୂଲ୍ୟବୋଧ ନାହିଁ ସେହି ଶିକ୍ଷା ମୂଲ୍ୟହୀନ ବୋଲି କହିଥିଲେ। ଶିକ୍ଷା ବ୍ୟବସ୍ଥା ଓ ସାମାଜିକ ନ୍ୟାୟ ମଧ୍ୟରେ ଭାରସାମ୍ୟ ରହିବା ଉଚିତ ନ ହେଲେ ଶିକ୍ଷା ର ଉଦ୍ଦେଶ୍ୟ ସାଧନ ହୋଇ ପାରିବ ନାହିଁ ବୋଲି ଜଷ୍ଟିସ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ.ନୃପରାଜ ସାହୁ ଯୋଗଦେଇ ଖୁବ ଅଳ୍ପ ବୟସ ରେ ଅଭିଷେକ ଜଣେ ବିରଳ ପ୍ରତିଭା ର ଅଧିକାରୀ ହୋଇ ପାରିଥିଲେ ବୋଲି କହି ତାଙ୍କ ମିଲେଟ ମିଶନ ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରି ଆମ ଜିଲ୍ଲା ର ଗୌରବ ଆଣି ଦେଇଛି ବୋଲି କହି ଉପାନ୍ତ ଅଞ୍ଚଳ କୁ ଯାଇ ସେଠି ଜୀବନ କୁ ଖୋଜିଛି, ଜୀବନ ଟା କେମିତି ସୁନ୍ଦର ହେବ ପ୍ରାୟସ କରିଛି ବୋଲି କହିଥିଲେ।

## ଶିବ ମନ୍ଦିର ନିର୍ମାଣ ପାଇଁ ଜଡିଡା ଗ୍ରା. ପ.ବାଉଁଶ ନାଳ ଗ୍ରାମରେ ଭୂମି ପୂଜା



**ନୀଳଗିରି,୨୨।୧୨(ସଂଚାର ବ୍ୟୁରୋ):** ବ୍ଲକ ଅଧିନସ୍ଥ ଜଡିଡା ଗ୍ରାମ ପଞ୍ଚାୟତ ବାଉଁଶନାଳ ଗ୍ରାମର ଶିବ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ହୋଇ ଯାଇଛି।ଉକ୍ତ ଗାଁର ଦିଲ୍ଲୀପ ଲେଙ୍କା ଓ ବନିତା ଲେଙ୍କା କର୍ତ୍ତା ଭାବରେ ଯୋଗଦେଇ ଭୂମିପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦୀର୍ଘ ଦିନରୁ ବାଉଁଶନାଳ ଗ୍ରାମର ମନ୍ଦିର ଟିଏ ନଥିବାରୁ ଗ୍ରାମବାସୀ ମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଥିଲେ। ଏବେ ବଦାନ୍ୟ ବ୍ୟକ୍ତି ଙ୍କ ଜମିଦାନ ପରେ ଶିବ ମନ୍ଦିର ନିର୍ମାଣ ହେବାକୁ ଯାଉଛି । ତେବେ ଉକ୍ତ ଶିବ ମନ୍ଦିର ର ନାମ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଆଜିର ଏହି ଭୂମି ପୂଜନ ଉତ୍ସବରେ କମିଟିର ସଭାପତି ଭାଗିରଥ ନାୟକ, ଉପ ସଭାପତି ଜୟକୃଷ୍ଣ ମହାକୁଡ଼, କୋଷାଧ୍ୟକ୍ଷ ଦେବିପ୍ରସନ୍ନ ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସମସ୍ତ ମେମ୍ବର ଏବଂ ଗ୍ରାମର ସମସ୍ତ ମହିଳା ଉପସ୍ଥିତ ରହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ତେବେ ଦୀର୍ଘ ଦିନର ସ୍ୱପ୍ନ ଆଜି ପୂରଣ ହେବାକୁ ଯାଉଥିବାରୁ ଗ୍ରାମବାସୀ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିବା ବେଳେ ଗାଁର ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଓଏସଆରୟୁର ବାର୍ଷିକ ଉତ୍ସବ

**ଯାଜପୁର,୨୨।୧୨(ସଂଚାର ବ୍ୟୁରୋ):** ଯାଜପୁର ସହରର ଜିଲ୍ଲା ପ୍ରକଳ୍ପ କନଫରେନ୍ସ ହଲରେ ଓଡ଼ିଶା ସେଲସ ରିପ୍ରେଜେଣ୍ଟ ଟେଟିଭି ସଙ୍ଘର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ଯାଜପୁର ଓ ଏସଆରୟୁର ସଭାପତି ପ୍ରଭାତ ତ୍ରିପାଠୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲେ। ଏହାପରେ କମ୍ରେଡମାନେ ଦେଶର ବିଭିନ୍ନ ପ୍ରାନ୍ତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ପ୍ରଭାତ ତ୍ରିପାଠୀ ନିଜର ଅଭିଭାଷଣରେ ଯାଜପୁର ଜିଲ୍ଲାରେ ସଂଗଠନର ସ୍ଥିତି ଏବଂ କିପରି ସଙ୍ଘକୁ ଦୃଢ଼ଭୂତ କରାଯିବ ସେ ନେଇ ଆଲୋକପାତ କରିଥିଲେ। ସଂପାଦକ ସଂଗ୍ରାମ ସାମଲ ନିଜର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଘର





କାର୍ଯ୍ୟକର୍ତ୍ତା ସନ୍ଦୀପ ସାହୁ ଲେବର କୋଡ଼ ବିଷୟରେ ସମସ୍ତ କମ୍ରେଡଙ୍କୁ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଘର ଉପସଭାପତି ମଳୟ ନିଶିଥ ନିଜର ବକ୍ତବ୍ୟରେ ସଙ୍ଘର ନିୟମ, ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଗ୍ରାଚୁଇଟି ନିୟମ, ଅନଲାଇନ ମେଡ଼ିସିନର କୁପ୍ରଭାବ, ସରକାରଙ୍କ ଦ୍ୱାରା ଦିଆଯାଉଥିବା ନିମ୍ନମାନର ମେଡ଼ିସିନର ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଙ୍ଘର ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ସରକାରଙ୍କ ଶ୍ରମିକ ଆଇନର ପରିବର୍ତ୍ତନର ପ୍ରଭାବ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସଭା ଶେଷରେ ପୂର୍ବ କମିଟିକୁ ଭଙ୍ଗାଯାଇ ନୂତନ କମିଟି ସର୍ବସମ୍ମତିରେ ପାରିତ ହୋଇଥିଲା। ପୁନର୍ବାର ସଭାପତି ରୂପେ ପ୍ରଭାତ ତ୍ରିପାଠୀ, ଉପସଭାପତି ରୋମାନ୍ସ ସାମଲ, ସମ୍ପାଦକ ସଂଗ୍ରାମ ସାମଲ, କୋଷଦକ୍ଷ ଚିତ୍ତ ରଞ୍ଜନ, କମିଟି ସଦସ୍ୟ ମାନଙ୍କୁ ନିର୍ବାଚିତ କରାଯାଇଥିଲା।

## ଉତ୍ତମ ଶାସନ ସପ୍ତାହରେ ଗାଁ ମୁହାଁ ପ୍ରଶାସନ





**ବାଲିଆପାଳ,୨୨।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ନୂତନ ସରକାର ଗଠନ ପରେ ସାଧାରଣ ଲୋକଙ୍କ ସମସ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଲୋକେ ନିଜ ପଞ୍ଚାୟତ ଓ ଜୋନ ସ୍ତରରେ ସରକାରୀ ଅଧିକାରୀଙ୍କ ନିକଟରେ ସହଜରେ ନିଜ ସମସ୍ୟା ଉପସ୍ଥାପନ କରିପାରିବେ ଏହି ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଉତ୍ତମ ଶାସନ ସପ୍ତାହ ଅବସରରେ ପ୍ରଶାସନକୁ ଗାଁମୁହାଁ କରାଯାଇଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଆଜି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ନିଖିରା ପଞ୍ଚାୟତ ଅଫିସ ପରିସରରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅଭିଯୋଗ ଶୁଣାଣି ଓ ସମସ୍ୟା ସମାଧାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୨୧ ନମ୍ବର ଜୋନ ଅଧୀନରେ ଥିବା କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ବାଲିକୁଟି, ଦେଭୋଗ, ଘଣ୍ଟୁଆ, ଅସ୍ତି ଏବଂ ବଳରାମପୁର ପଞ୍ଚାୟତର ବହୁ ହିତାଧିକାରୀ ନିଜ ନିଜ ସମସ୍ୟା ନେଇ ଉପସ୍ଥିତ ହୋଇଥିଲେ। ଶିବିରରେ ବିଶେଷକରି ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଏବଂ ଆବାସ ଯୋଜନାରେ ଘର ସମ୍ପର୍କିତ ବହୁ ଅଭିଯୋଗ ହିତାଧିକାରୀମାନେ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଶିବିରରେ ଏବିଡିଓ ଶରତ କୁମାର ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ପିଇଓ ଅଞ୍ଜନ କୁମାର ପାଳଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ।

● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

## ବିଦ୍ୟାମନ୍ଦିରର ମୁଖପତ୍ର 'ରୁକ୍ଷୀଫୁଲ' ଉନ୍ମୋଚିତ



**ନୟାଗଡ଼,୨୨।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ପ୍ରାନ୍ତ ସେବା ପ୍ରମୁଖ ବେଲେଶ୍ୱର ସାହୁ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି, ପ୍ରଶାସକ ଡ. କୃପାସିନ୍ଧୁ କର ପ୍ରମୂଖ ମଞ୍ଚାସୀନ ହୋଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଚାର୍ଯ୍ୟ ଶ୍ରୀଯୁକ୍ତ ପଟ୍ଟନାୟକ ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ କୃତିତ୍ୱ, ବିଦ୍ୟାଳୟ ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ, ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଦ୍ୟାଳୟର ଉନ୍ନତୀ କାମନା କରିଥିଲେ।

## ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ତହସିଲ ଅଞ୍ଚଳ

**ବୈଶିଙ୍ଗା,୨୨।୧୨(ସଂଚାର ବ୍ୟୁରୋ):** ଦିନକୁ ଦିନ ବାଲି ମାଫିଆ ଙ୍କର ଭୂସ୍ୱର୍ଗ ପାଲଟିଥିବା ଆମ ବେତନଟୀ ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟାଳୟ ଅଧିନ ବୁଢ଼ାବଳଙ୍ଗ ନଦୀର ଉଭୟ ପଠାର ବିସ୍ତୃତ ଅଞ୍ଚଳରୁ ଦୈନିକ ଶହ ଶହ ବାଲି ବୋଝେଇ ଡମ୍ଫର, ହାଇୱା ଆଦି ବଡ ବଡ ଗାଡିରେ ବାଲି ସବୁ ବାଲେଶ୍ୱର ଅଞ୍ଚଳକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ନିଲାମ ହୋଇଥିବା ବାଲି ଖାଦାନ ଗୁଡିକୁ ଆବଶ୍ୟକ କେ ଫର୍ମ ନ ଯୋଗାଇ ତହସିଲଦାର ମଧସ୍ଥି ଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବଟୀ ନେଉଥିବାର ଅଭିଯୋଗ ହେଉଛି। ବୁଢ଼ାବଳଙ୍ଗ ନଦୀର କାଠପାଳ.ଦାରିହା, ନାଖରା, ବେଲାଣପୁରା, ପାଟଳିପୁରା, ପ୍ରତିମାଦେଇପୁର, ଖଣ୍ଡଦେଉଳା, ଡେଁଫୌଦା, କଣ୍ଟିପୁର ପର୍ଯ୍ୟନ୍ତ ନଦୀ ପଠାରୁ ଏତେ ପରିମାଣର ବାଲି ଉଠାଯାଇଛି ଯାହାକି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଛି। ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ନଦୀରେ ଆଦୌ ପାଣି ନାହିଁ, ଫଳରେ ବାଲି ମାଫିଆ ଙ୍କୁ ସାରା ରାତି ବାଲି ଚାଲାଣ କରିବାକୁ ସୁବିଧା ହେଉଛି। ମାତ୍ର ଗରୀବ ଆବାସ ହିତାଧିକାରୀ ନିଜର ଛୋଟ କାମଟିଏ କରିବାପାଇଁ ଟ୍ରାକ୍ଟର ଯୋଗେ ୨/୩ ଟ୍ରିପ୍ ବାଲି ଆଣିବା ବେଳକୁ ତାଙ୍କ ଗାଡିକୁ ଜବଦ କରି ଲୋକଦେଖାଣିଆ ଭାବେ ତାଙ୍କଠାରୁ ଜୋରିମାନା ଆଦାୟ କରା ଯାଉଥିବାର ଅଭିଯୋଗ ହେଉଛି। ସେହି ଜୋରିମାନା ଆଦାୟରେ ମଧ ହେରଫେର ହେଉଥିବାର ଖବର ଟ୍ରାକ୍ଟର ମାଲିକ ଙ୍କ ଠାରୁ ଜଣାଯାଇଛି। ଦଶ ହଜାର ଟଙ୍କାର ଜୋରିମାନା ନେଲେ ହଜାରେ ଟଙ୍କାର ରସିଦ ଦିଆଯାଉଛି। ଏଭଳି ଖବର ହସ୍ତଗତ ହେବାପରେ ତହସିଲଦାର ଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀଙ୍କୁ ଯୋଗା ଯୋଗ କରାଯିବା ପରେ ସେ ଏହାକୁ ଖଣ୍ଡନ କରିବା ସହିତ ମାଇନିଂ ବିଭାଗର ଏହି ଦାୟିତ୍ୱ ଥିବାରୁ ଆମ୍ଭ ସ ବିଷୟରେ ଜାଣିନାହୁଁ।





ପ୍ରଶାସନ ନୀରବ

## ବିପଦସଙ୍କୁଳ ଅବସ୍ଥାରେ ନୂଆଗାଁ ପୋଲ



**ବାରିପଦା,୨୨।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ର ମାଣିକପୁର ପଞ୍ଚାୟତ ର ବିପଦସଙ୍କୁଳ ଅବସ୍ଥାରେ ନୂଆଗାଁ ପୋଲ। ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ହୋଇପଡ଼ିଛି। ପୋଲ ଦେଇ କୌଣସି ଭାରିଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀ କହିଛନ୍ତି। ଘଟଣା ଘଟିବା ପରେ ଚେତା ପଶିବ କି ପ୍ରଶାସନର। ତେବେ ପୋଲ ର ଅବସ୍ଥା ଶୋଚନୀୟ ଥିଲେ ମଧ ପ୍ରତିଦିନ ଶତାଧିକ ଭାରିଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଖାଲି ସେତିକି ନୁହେଁ ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ସରକାରୀ ବାବୁ ମାନେ ଯିବା ଆସିବା କରୁଥିଲେ ମଧ ପୋଲ ର ଅବସ୍ଥା ଉପରେ କାହାର ନଜର ପଡୁ ନାହିଁ। କେତେବେଳେ ଅଘଟଣା ଘଟିବ କାହାକୁ ଜଣା। ତେଣୁ ତୁରନ୍ତ ପୋଲ ର ମରାମତି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ପ୍ରକାଶ ପାଇଅଛି ।

## ଷଣ୍ଢକୁ ହାଣିଦେଲେ, ଯାଜପୁରରେ ତୀବ୍ର ଉତ୍ତେଜନା

### ଟାୟାର ଜାଳି ରାସ୍ତା ଅବରୋଧ, ପୁଲିସର ବଡ଼ ଅଧିକାରୀ ଘଟଣାସ୍ଥଳରେ

**ଯାଜପୁର,୨୨।୧୨(ସଂଚାର ବ୍ୟୁରୋ):** ଯାଜପୁର ସଦର ଥାନା ଅଧୀନ ଯାଜପୁର ସହର ନିକଟ ଅଡ଼ଙ୍ଗ ସେକ୍ ମହଲା ଅଞ୍ଚଳରେ ଗତକାଲି ରାତିରେ ଏକ ଷଣ୍ଢକୁ ବାନ୍ଧି ନିର୍ମମ ଭାବେ ହାଣିଦିଆଯାଇଥିବା ଅଭିଯୋଗକୁ କେନ୍ଦ୍ରକରି ଆଜି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି।ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଗ୍ରାମବାସୀମାନେ ଅଡ଼ଙ୍ଗ ଅଞ୍ଚଳରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହାର ପରିଣାମସ୍ୱରୂପ ଆଙ୍ଗୁଲା ପାଣିକୋଇଲି ରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।ଘଟଣା ସ୍ଥଳରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ପହଞ୍ଚି ପ୍ରତିବାଦରେ ସାମିଲ ହୋଇଥିଲେ। ଉତ୍ତେଜନା ବଢ଼ିବାରୁ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକଣ୍ଠ କାନୁନାଗୋ, ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଡିଏସପି ଶରତଚନ୍ଦ୍ର ପାତ୍ର ଓ ସଦର ଥାନା ଅଧିକାରୀ ଚିନ୍ମୟ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଗୁରୁତର ଆହତ ଷଣ୍ଢଟିକୁ ପ୍ରଥମେ ପ୍ରାଥମିକ ଚିକିତ୍ସା ଦିଆଯାଇଥିବାବେଳେ ପରେ ପ୍ରାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ଏନେଇ ଯାଜପୁର ସଦର ଥାନାରେ ବିଶ୍ୱହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏତଲା ଦାଖଲ କରାଯାଇଛି। ଦେବବ୍ରତ ମିଶ୍ର, ନରେନ୍ଦ୍ର ଜେନା, ରାମଚନ୍ଦ୍ର ମହାଳିକ, ସନ୍ତୋଷ ନନ୍ଦ, ପ୍ରଶାନ୍ତ ପାଣି, ପ୍ରଫୁଲ୍ଲ ସାହୁ, ପୀତବାସ ସ୍ୱାଇଁ, ଅଭୟ ପରିଡ଼ା, ଦେବାଶିଷ ପରିଡ଼ା ଓ ଶରତ ବେହେରାଙ୍କ ସହିତ ଜିଲ୍ଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ସାମ୍ପ୍ରତିକ ପ୍ରମୁଖ ଅନିଲ କୁମାର ଦାଶ, ଓଡ଼ିଶା ପୂର୍ବ ପ୍ରାନ୍ତ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଂପାଦକ ଅରବିନ୍ଦ ଦାସ, ଗୌତମ ପ୍ରସାଦ ସାହୁ ଓ ବାଦଲ ନାୟକ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



## ପ୍ରଦୀପ୍ତ ମେମୋରିୟାଲ ରାତ୍ରକାଳୀନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ

**କଣାସ,୨୨।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ବସ୍‌ଷ୍ଟାଣ୍ଡ ଠାରେ ଆଜି ପ୍ରଦୀପ୍ତ ମେମୋରିୟାଲ ରାତ୍ରକାଳିନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଆଶିଷ କୁମାର ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସର ପୂର୍ବତନ ସରପଞ୍ଚ ପ୍ରଶନ୍ନ କୁମାର ସେଠି, ସମାଜସେବୀ ବିରଞ୍ଚି ନାୟକ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ରେଫରି ଭାବେ ସୁସିଲ୍ ଭାରିମଲ ଓ ବିଭୁତି ଭୂଷଣ ରାଉତ ଖେଳ ପରିଚାଳନା କରୁଛନ୍ତି।

## ପରିମଳ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ



**କବିସୂର୍ଯ୍ୟନଗର,୨୨।୧୨ (ସଂଚାର ବ୍ୟୁରୋ):** ୧୦ ମାସର ବକେୟା ଦରମା ପ୍ରଦାନ ଓ ଛଟେଇ ନିଷ୍ପତ୍ତି ପ୍ରତ୍ୟାହାର ଦାବିନେଇ କବିସୂର୍ଯନଗର ଏନ୍‌ଏସିର ପରିମଳ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାଫଳରେ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାହି ସାହିରେ କୁଢ଼ କୁଢ଼ ଆବର୍ଜନା । ସବୁଠି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। କବିସୂର୍ଯ୍ୟନଗର ଏନଏସିକୁ ସରକାର ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। । ହେଲେ ଏଠି ବିକାଶ ଦୂରର କଥା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ କାଉନସିଲର ବୈଠକ ବସୁ ନ ଥିବା ବେଳେ ନିର୍ବାହୀ ଅଧିକାରୀ ଓ ଭାରପ୍ରାପ୍ତ ଅଧକ୍ଷଙ୍କ ଦେଖାମିଳୁ ନାହିଁ। ସୋମବାର ସମସ୍ତ ଅସ୍ଥାୟୀ ପରିମଳ କର୍ମଚାରୀ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫୋଟ ରଖି ଆନ୍ଦୋଳନରେ ବସିଛନ୍ତି। ପୂର୍ବ ନିରାକାର ପରିମଳ ସଂସ୍ଥାର ୮ ମାସର ଦରମା ଓ ବର୍ତ୍ତମାନ ମହାଦେବ ପରିମଳ ସଂସ୍ଥାର ୨ ମାସର ଦରମା ବକେୟା ରହିଛି । ସେହିପରି ପୂର୍ବେ ମୋଟ ୬୨ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ନୂତନ ଭାବେ ୧୦ ଜଣ ଯୋଗ ଦେଇଛନ୍ତି ।